

ୟାମି-ଇମ୍ରାନ୍ 'ଫାଷ୍ଟ ଟାଇମ୍'
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-86 ◆FRIDAY ◆19 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୬ ◆ଶୁକ୍ରବାର ◆୧୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗାଁ ଧୋଇନେଲା ବାଦଲଫଟା ବର୍ଷା

## ୧୦ ନିଖୋଜ, ମସୌରୀରେ ଫସିଛନ୍ତି ୨୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

**ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ**



■ **ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି):** ଦେଶରୁ ମୌସୁମୀରେ ଲେଉଟାଣି ଆରମ୍ଭ ହୋଇଥିବା ବେଳେ ଉତ୍ତରାଖଣ୍ଡରେ ଦ୍ୱିତୀୟ ଦିନ ପାଇଁ ବାଦଲଫଟା ବର୍ଷା ହୋଇଛି। ଗତକାଲି ରାତିରେ ଚାମୋଲୀ ଜିଲ୍ଲାର ନନ୍ଦାନଗର ଘାଟିରେ ବାଦଲଫଟା ବର୍ଷା ହୋଇଥିଲା। ଏଥିରେ ଗୋଟିଏ ଗାଁ ଭାସିଯାଇଥିବା ବେଳେ ନିକଟବର୍ତ୍ତୀ କୁନ୍ତ୍ରି ଲଗାଫଲି ୱାର୍ଡରେ ୬ଟି କୋଠାଘର ଭୁଶୁଡ଼ି ପଡ଼ିଛି। ୧୦ ଜଣ ଲୋକ ନିଖୋଜ ଅଛନ୍ତି। ଏପର୍ଯ୍ୟନ୍ତ ୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଜିଲ୍ଲାର ଅନ୍ୟ ଟିମ୍ ଗୁଡିକ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତରଫରୁ ଆମ୍ବୁଲାନ୍ସ ପଠାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଡେରାଡୁନ ଓ ମସୁରୀକୁ ସଂଯୋଗ କରୁଥିବା ୩୫ କିମି ରାସ୍ତାରେ ଏକାଧିକ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି। ଫଳରେ ମସୌରୀରେ ୨୫୦୦ ପର୍ଯ୍ୟଟକ କ୍ରମାଗତ ତୃତୀୟ ଦିନ ପାଇଁ ଫସି ରହିଛନ୍ତି। ସେପଟେ ହିମାଚଳ ପ୍ରଦେଶରେ ମୌସୁମୀ ଜନିତ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁ ସଂଖ୍ୟା ୪୧୯ରେ ପହଞ୍ଚିଛି। ଉତ୍ତରାଖଣ୍ଡ ଓ ହିମାଚଳରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ଗୁରୁବାର ସକାଳୁ ପୁଣିଥରେ ବୈଷ୍ଣୋଦେବୀ ଯାତ୍ରା ଆରମ୍ଭ ହୋଇଛି। ବର୍ଷା ଓ ଖରାପ ପାଗ ଯୋଗୁଁ ଏହି ଯାତ୍ରା ୨୨ ଦିନଧରି ସ୍ଥଗିତ ଥିଲା। ଉତ୍ତରପ୍ରଦେଶରେ ୪୧ଟି ଜିଲ୍ଲାରେ ପୁଣି ବର୍ଷା ହେବ ବୋଲି ▶ପୃଷ୍ଠା-୭

# ପ୍ରଥମ ଦିନରୁ ବିଧାନସଭା ଗରମ

## ଅନାସ୍ଥା ଆଣିଲା କଂଗ୍ରେସ; ସମର୍ଥନ ଦେଲା ସିପିଏମ୍

■ **ଭୁବନେଶ୍ୱର, ୧୮।୯ (ସମିସ):** ଗୁରୁବାର ଆରମ୍ଭ ହୋଇଛି ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ। ପ୍ରଥମ ଦିନରୁ ହିଁ ବିଧାନସଭା ସରଗରମ ହୋଇଛି ଓ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଆଣିଛି ଅନାସ୍ଥା ପ୍ରସ୍ତାବ। ୧୫ ଜଣ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ନୋଟିସକୁ

**ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର**

କଂଗ୍ରେସ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରଦାନ କରିଛି। ଏହି ଅନାସ୍ଥା ପ୍ରସ୍ତାବକୁ ସିପିଆଇ(ଏମ) ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ମଧ୍ୟ ସମର୍ଥନ କରିଛନ୍ତି। ଏହା ସହିତ ସମର୍ଥନ ଦେବାକୁ କଂଗ୍ରେସ ମଧ୍ୟ ବିଜେଡିକୁ ଅନୁରୋଧ କରିଛି। ତେବେ ଅନାସ୍ଥା ସମ୍ପର୍କରେ ବାଚସ୍ପତି କିମ୍ବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇନାହିଁ। ଅନାସ୍ଥାର ବୈଧତା ନେଇ ବାଚସ୍ପତି ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଛି। କଂଗ୍ରେସର ଏହି ନିଷ୍ପତ୍ତି ରାଜ୍ୟ ରାଜନୀତିକୁ ଉଷ୍ମ କରିଥିବା ବେଳେ ବଳକା ୬ ଦିନର ଗୃହକାର୍ଯ୍ୟ ବେଶ୍ ସରଗରମ ରହିବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ।

ଗୁରୁବାର ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକମାନେ ଅନାସ୍ଥା ପ୍ରସ୍ତାବ ନୋଟିସ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ପରେ କଂଗ୍ରେସ ବିଧାୟକ ଦଳ ନେତାଙ୍କ ନେତୃତ୍ୱରେ ବରିଷ୍ଠ ବିଧାୟକ ତାରା ▶ପୃଷ୍ଠା-୭

### ଠିକ୍ ସମୟରେ ନିଆଯିବ ଠିକ୍ ନିଷ୍ପତ୍ତି: ବିଜେଡି

■ **ଭୁବନେଶ୍ୱର, ୧୮।୯ (ସମିସ):** ସରକାରଙ୍କ ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସଙ୍ଗରେ ବିଜେଡି ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବ ବୋଲି କହିଛନ୍ତି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି ଯେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା ଶୁଣୁଛୁ। ଆଜି ଏ ସଂକ୍ରାନ୍ତରେ ସେମାନେ ନୋଟିସ ଦେଇଛନ୍ତି। ବାଚସ୍ପତି ତାହାକୁ ଗ୍ରହଣ କରିବେ କି ନାହିଁ ଏବଂ କେବେ ଏହା ଉପରେ ଆଲୋଚନା ହେବ ସେ ବିଷୟରେ ଆମେ ଅବଗତ ନାହୁଁ। ବାଚସ୍ପତି ଆଗ ଅନାସ୍ଥାକୁ ଗ୍ରହଣ କରନ୍ତୁ; ତା'ପରେ ଦଳ ଠିକ୍ ସମୟରେ ନିଷ୍ପତ୍ତି ନେବ। ଅନାସ୍ଥା ବିଷୟରେ ଏଯାଏ କୌଣସି ଆଲୋଚନା ହୋଇନାହିଁ ବୋଲି ପ୍ରସନ୍ନ କହିଛନ୍ତି।



### କ'ଣ ରହିଛି ନିୟମ

■ **ଭୁବନେଶ୍ୱର, ୧୮।୯ (ସମିସ):** କଂଗ୍ରେସ ବିଧାନସଭାରେ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। ତେବେ ସଂସଦୀୟ କାର୍ଯ୍ୟପ୍ରଣାଳୀରେ ଅନୁଭବ ରଖୁଥିବା ବିଶେଷଜ୍ଞଙ୍କ ଅନୁଯାୟୀ ଗୃହର ଅଧ୍ୟକ୍ଷ ତଥା ବାଚସ୍ପତି ଅନାସ୍ଥା ଗୃହରେ ଆଗତ ହେବ ନା ଅଗ୍ରାହ୍ୟ ହେବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ। ଯଦି ବାଚସ୍ପତି କୌଣସି କାରଣରୁ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦିଅନ୍ତି, ତାହେଲେ ପ୍ରକ୍ରିୟା ଆଗକୁ ବଢ଼ିବ ନାହିଁ। ନଚେତ୍ ଆସନ୍ତାକାଲି ବାଚସ୍ପତି ଅନାସ୍ଥା ପ୍ରସ୍ତାବ ସପକ୍ଷରେ କେତେଜଣଙ୍କର ସମର୍ଥନ ରହିଛି, ସେନେଇ ଗୃହରେ ▶ପୃଷ୍ଠା-୭

# ଭାରତ ଉପରୁ ଉଠିପାରେ ଟ୍ରମ୍ପ୍ ଟାରିଫ୍

## ୨୫% ଜୋରିମାନା ବାବଦ ଅତିରିକ୍ତ ଶୁଳ୍କ ହଟିବ

■ **ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି):** ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥିବା ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ବା ଟାରିଫ୍ ଖୁବ୍ ଶୀଘ୍ର ହଟିବ। ଏହାଛଡା ପାରସ୍ପରିକ ଶୁଳ୍କ ୧୦ରୁ ୧୫% ପର୍ଯ୍ୟନ୍ତ ହ୍ରାସ ହେବ। ସମ୍ଭବତଃ ନଭେମ୍ବର ଶେଷ ବା ଡ଼ିସେମ୍ବର ପ୍ରଥମ ସପ୍ତାହରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କହିଛନ୍ତି ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ। ଏହା ସହ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ଅଗ୍ରଗତି ନେଇ ମଧ୍ୟ ସଙ୍କେତ ପ୍ରଦାନ କରିବା ସହ ରୁଷରୁ ତେଲ କିଣାକୁ ନେଇ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଲାଗୁ କରିଥିବା ୨୫% ଅତିରିକ୍ତ ଟାରିଫ୍ ହଟାଇବା ସଂକ୍ରାନ୍ତ ଘୋଷଣା ଶୀଘ୍ର କରିବ। କଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ ଏହି ସୂଚନା ପ୍ରଦାନ କରିଛନ୍ତି।

ସେ କହିଛନ୍ତି ଆଗାମୀ ୮ରୁ ୧୦ ସପ୍ତାହ ମଧ୍ୟରେ ଆମେରିକା ଶୁଳ୍କ ସମସ୍ୟାର ସମାଧାନ ହୋଇଯିବ। ଏକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଆଲୋଚନାରେ ପ୍ରଗତିର ସଙ୍କେତ ମିଳିଛି। ଯାହା ପ୍ରାୟ ୫୦ ବିଲିୟନ ଡଲାର ମୂଲ୍ୟର ଭାରତୀୟ ରପ୍ତାନି ଉପରେ ଚାପ ହ୍ରାସ କରିବାକୁ ସକ୍ଷମ ହେବ। ଆମେରିକା ପ୍ରଥମେ ଭାରତ ଉପରେ ୨୫% ପାରସ୍ପରିକ ଶୁଳ୍କ ଲାଗୁ କରିଥିଲା; କିନ୍ତୁ ରୁଷୀୟ ତେଲ କ୍ରୟ ପ୍ରସଙ୍ଗରେ ଦଣ୍ଡ ସ୍ୱରୂପ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛି। ଫଳରେ ଏହା ଭାରତ ଉପରେ ମୋଟ ଶୁଳ୍କ ୫୦%କୁ ବୃଦ୍ଧି ପାଇଛି। ବିଭିନ୍ନ ଅନ୍ତର୍ନିହିତ ସମସ୍ୟାର ସମାଧାନ ପାଇଁ ଆମେରିକା ଏବଂ ଭାରତ ସରକାରଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ଚାଲିଛି।

ଭାରତ ଉପରେ ଆମେରିକାର ୨୫% ପ୍ରତିଶୋଧମୂଳକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ଦଣ୍ଡ ସ୍ୱରୂପ ୨୫% ଶୁଳ୍କ ଯୋଗୁଁ ମୋଟ ଶୁଳ୍କ ୫୦%ରେ ପହଞ୍ଚିଛି ଏବଂ ଏହା ୮୫,୦୦୦ କୋଟି ଟଙ୍କା ମୂଲ୍ୟର ଭାରତର ରପ୍ତାନିକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ମଙ୍ଗଳବାର ଭାରତର ମୁଖ୍ୟ ବାଣିଜ୍ୟ ଆଲୋଚନାକାରୀ ତଥା ବାଣିଜ୍ୟ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ଆମେରିକାର ବାଣିଜ୍ୟ ପ୍ରତିନିଧି ବ୍ରେଣ୍ଡନ ଲିଞ୍ଚଙ୍କୁ ଭେଟିଥିଲେ। ଆମେରିକାର ପ୍ରତିନିଧିମଣ୍ଡଳ ଚଳିତମାସ ୧୬ରେ ▶ପୃଷ୍ଠା-୭

# ଜଙ୍ଗଲରେ ଗୋରୁ ଚରାଇବାରୁ ମାଡ଼

## ଅସ୍ତ୍ରଶସ୍ତ୍ର ଧରି ବନ ବିଭାଗ ଅଫିସ୍ ଘେରିଲେ ଆଦିବାସୀ

■ **ଶରତ/କପ୍ତିପଦା, ୧୮।୯ (ସମିସ):** ଜଙ୍ଗଲରେ ଗୋରୁ ଚରାଇବାରୁ ନିସ୍ତୁକ ମାଡ଼ ମାରିଲେ ବନ କର୍ମଚାରୀ। ସେତିକିରେ ନିର୍ଯାତନା ସରିଲାନି ଯେ ବିଳମ୍ବିତ ରାତିରେ ପୁଣି ଗାଁରେ ପଶି ସେମାନଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ସହ ଜୋରଜବରଦସ୍ତ ସେମାନଙ୍କ ଛେଳି, କୁକୁଡ଼ା ଓ ବତକ ନେଇ ପଳାଇଲେ। ଏ ସଂପର୍କରେ ଅଭିଯୋଗ କଲେ ବି ପୁଲିସ ଶୁଣିଲାନି। ତେଣୁ, ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବନ ବିଭାଗ ଅଫିସ୍ ଘେରିଲେ। କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତରେ ଆଜି ଏଭଳି ଏକ ଘଟଣା ଘଟିଛି। ପାଖାପାଖି ୨ ଜହାରରୁ ଊର୍ଦ୍ଧ୍ୱ ଆଦିବାସୀ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଜି କଟୁରିଆ ବନବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି।



ଏହାସହ ସେମାନେ କପ୍ତିପଦା-ଶରତ-ଠାକୁରମୁଣ୍ଡା ରାସ୍ତା ଅବରୋଧ କରିବାରୁ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷୀକେଶ ନାୟକ ଘଟଣାସ୍ଥଳରେ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରିଥିଲେ। ପୁଲିସ୍ ଆନ୍ଦୋଳନକାରୀମାନଙ୍କୁ ହଟାଇବାକୁ ଚେଷ୍ଟା କରିବାରୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ଉପୁଜିଥିଲା। ତେବେ କପ୍ତିପଦା ରେଞ୍ଜର୍ ଅଚ୍ୟୁତାନନ୍ଦ ଦାଶଙ୍କ ପ୍ରତିଶ୍ରୁତି ପରେ ପରସ୍ଥିତି ଶାନ୍ତ ପଡ଼ିଥିଲା। ▶ପୃଷ୍ଠା-୭

# ନିଶ୍ଚେତକ ଦେବା ପରେ ଅସ୍ତ୍ରୋପଚାର ମେସିନ ଅଚଳ

## ଅଚେତ ଅବସ୍ଥାରେ ୭ଘଣ୍ଟା ଶୋଇ ରହିଲେ ୨୭ ମହିଳା

■ **ବରଗଡ଼, ୧୮।୯ (ସମିସ):** ନିଶ୍ଚେତକ ଦେବା ପରେ ଅଚଳ ହୋଇଗଲା ଅସ୍ତ୍ରୋପଚାର ମେସିନ୍। ଜଣେ କି ଦୁଇଜଣ ନୁହେଁ, ସମୁଦାୟ ୨୭ଜଣ ମହିଳା ସେମିତି ୭ ଘଣ୍ଟା ଧରି ବେଡ୍ ଉପରେ ଅଚେତ ଅବସ୍ଥାରେ ପଡ଼ି ରହିଲେ। ଏପଟେ, ଭୟ, ଆଶଙ୍କା ମଧ୍ୟରେ ସେମାନଙ୍କ ପରିବାରଲୋକ ଘାଣ୍ଟି ଚକଟି ହେଲେ। ବିଭିନ୍ନ ସମୟରେ ବିବାଦରେ ରହିଆସୁଥିବା ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆଜି ପୁଣି ଏମିତି ଏକ ସାଂଘାତିକ ଅଭିଯୋଗ ଆସିଛି। ଏହାକୁ ନେଇ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଜିଲ୍ଲାର ସ୍ୱାସ୍ଥ୍ୟସେବା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି।



ସୂଚନାନୁଯାୟୀ, ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପାଇଁ ଇଚ୍ଛୁକ ଥିବା ପ୍ରାୟ ୩୦ ମହିଳା ଆଶାଦିଦିମାନଙ୍କ ମାଧ୍ୟମରେ ଆଜି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ସବୁ କିଛି ଠିକଠାକ୍ ଚାଲିଥିଲା। ଡାକ୍ତର ମଧ୍ୟ ଠିକ୍ ସମୟରେ ପହଞ୍ଚି ଅସ୍ତ୍ରୋପଚାର ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ। ସମସ୍ତଙ୍କୁ ପ୍ରଥମେ ଆନେସ୍ଥିସିଆ ଦିଆଯିବା ପରେ ଜଣଜଣ କରି ଅସ୍ତ୍ରୋପଚାର ଆରମ୍ଭ କରାଯାଇଥିଲା। ମାତ୍ର, ୩ଜଣଙ୍କ ଅସ୍ତ୍ରୋପଚାର ସାରି ଚତୁର୍ଥ ବେଳକୁ ମେସିନ୍ ଅଚଳ ହୋଇଗଲା। ଏହା ଦେଖି ଅସ୍ତ୍ରୋପଚାର କରୁଥିବା ଡାକ୍ତରଜଣଙ୍କ ଘାବରେଇ ଯାଇଥିଲେ। ତରବରିଆ ଭାବେ ସେ ଅସ୍ତ୍ରୋପଚାର କକ୍ଷରୁ ବାହାରି ଚାଲିଯାଇଥିଲେ। ବାହାରେ ଅପେକ୍ଷା କରିଥିବା ମହିଳାଙ୍କ ସମ୍ପର୍କୀୟ କିଛି କହିବା ପୂର୍ବରୁ ଡାକ୍ତର ନିଜଆଡୁ କହିଥିଲେ ଯେ ମେସିନ ଅଚଳ ହୋଇଯାଇଛି ଏବଂ ଏବେ ଆଉ ଅସ୍ତ୍ରୋପଚାର ହୋଇପାରିବ ନାହିଁ। ଆପଣମାନେ ଆପଣଙ୍କ ସଂପର୍କୀୟଙ୍କୁ ଅନ୍ୟତ୍ର ନେଇଯାଆନ୍ତୁ, ନ ହେଲେ ଅନ୍ୟ ଦିନ ଆଣିବେ। ସେମାନେ ଭିତରକୁ ଯାଇ ଦେଖିବା ବେଳକୁ ୱାର୍ଡ ଭିତରେ ଗୋଟେଗୋଟେ ବେଡ୍‌ରେ ଦୁଇରୁ ତିନିଜଣ ମହିଳା ଅଚେତ ଅବସ୍ଥାରେ ଶୋଇ ରହିଥିଲେ। ମୋଟ ୨୭ଜଣ ମହିଳା ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଏହା ଦେଖି ଅଭିଭାବକମାନଙ୍କ ▶ପୃଷ୍ଠା-୭

# ସିପି ଅଫିସରେ ଥିଲା ଶୁଭମିତ୍ରାଙ୍କ ମୃତଦେହ

■ **ଭୁବନେଶ୍ୱର, ୧୮।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ହତ୍ୟା ଘଟଣାର ପର୍ଦ୍ଦାଫାସ ହେବା ପରେ ଗୋଟିଏ ପରେ ଗୋଟିଏ ଘଟଣା ପଦାକୁ ଆସିଛି। ଏହାରି ଭିତରେ ଦୀପକର ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ପରିବାର ସାମ୍ନାକୁ ଆସିଛନ୍ତି। ପ୍ରଥମ ପତ୍ନୀଙ୍କୁ ମଧ୍ୟ ଦୀପକ ହତ୍ୟା କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ କମିସନରେଟ ପୁଲିସ ଓ କଟକ ଗ୍ରାମାଞ୍ଚଳ ପୁଲିସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି। ୩ବର୍ଷ ତଳୁ ଚପି ଯାଇଥିବା ଅପର୍ଣ୍ଣାଙ୍କ ମୃତ୍ୟୁର ଫାଇଲ୍ ପୁଣିଥରେ ଖୋଲିଛି। ସେପଟେ ଶୁଭମମିତ୍ରାଙ୍କୁ ହତ୍ୟା କରିବା ପରେ କାରରେ ମୃତଦେହ ନେଇ କମିସନରେଟ୍ ଅଫିସରେ ପହଞ୍ଚିଥିଲା ଦୀପକ। ପ୍ରାୟ ଦୁଇଘଣ୍ଟା ଧରି ସିପି ଅଫିସ ପାର୍କିଂରେ



**▶▶ ହତ୍ୟା ଅଭିଯୋଗ ଆଣିଲେ ପ୍ରଥମ ପତ୍ନୀଙ୍କ ପରିବାର**

**▶▶ ଖୋଲିଲା ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁ ଫାଇଲ୍**

**▶▶ କନେଷ୍ଟବଳ ଦୀପକ ନିଲମ୍ବିତ, ଜେଲ୍ ଗଲେ ୩**

ମୃତଦେହ ଭର୍ତ୍ତି କାର୍ ରଖିଥିଲା। ସଞ୍ଜ ନଇଁବା ପରେ ସେଠାରୁ ଘଟଗାଁ ଅଭିମୁଖେ ଯାଇଥିଲା ବୋଲି ଜଣାପଡ଼ିଛି।

୨୦୧୮ ମସିହାରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ବିବାହ କରିଥିଲା। ୨୦୨୧ ଜୁଲାଇରେ ଅପର୍ଣ୍ଣା ଓଡ଼ାପଡ଼ା ତହସିଲ ଅଧିନରେ ରାଜସ୍ୱ ନିରୀକ୍ଷକ ଭାବେ ଚାକିରି ଆରମ୍ଭ କରିଥିଲେ। ୨୦୨୨ ମାର୍ଚ୍ଚ ୧୭ ତାରିଖ ଦିନ ଦୀପକ ତା'ର ଗର୍ଭବତୀ ପତ୍ନୀ ଅପର୍ଣ୍ଣାଙ୍କୁ ସାଙ୍ଗରେ ଧରି କାର୍ ଯୋଗେ ଭୁବନେଶ୍ୱର ଆସୁଥିଲା। ଖୁଣ୍ଟୁଣୀ ଥାନା ରାଧାଦାମୋଦରପୁରଠାରେ ପରିସ୍ରା କରିବା ପାଇଁ ଗାଡ଼ି ରଖିଥିଲା। ଅପର୍ଣ୍ଣା ଚାଲିଚାଲି ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା ବୋଲି ଦୀପକ ଅଭିଯୋଗରେ ଦର୍ଶାଇଥିଲା। ସେଠାରୁ ନିଜ କାରରେ କଟକର ଏକ ବେସରକାରୀ ଡାକ୍ତରଖାନାରେ ଅପର୍ଣ୍ଣାଙ୍କୁ ଭର୍ତ୍ତି କରିଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୀପକର ଅଭିଯୋଗ ଆଧାରରେ ଖୁଣ୍ଟୁଣି ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ହେଲେ, ପରବର୍ତ୍ତୀ ସମୟରେ ପ୍ରମାଣ ଅଭାବ ଦର୍ଶାଇ ମାମଲାଟିକୁ ବନ୍ଦ କରି ଦେଇଥିଲା।

ଏବେ ଅପର୍ଣ୍ଣାଙ୍କ ପରିବାରଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ପୁଣି ପୁରୁଣା ଘଟଣାକୁ ଫେରିଛି ପୁଲିସ। କଟକ ଗ୍ରାମାଞ୍ଚଳ ଏସପି ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀ ଓ ଦୁର୍ଘଟଣା ମାମଲାର ତଦନ୍ତକାରୀ ▶ପୃଷ୍ଠା-୭

# ହୀରାକୁଦ ତଳମୁଣ୍ଡରେ ନିର୍ମାଣ ହେବ ୧୭ ବନ୍ଧ, ୪୪ ବ୍ୟାରେଜ

**ନିର୍ମାଣ କରାଯିବ ୧୫ ଅନ୍ତଃନଦୀ ଜଳାଶୟ**

**ମହାନଦୀ ବିବାଦର ସମାଧାନ ପାଇଁ ଜାରି ରହିଛି ଆଲୋଚନା: ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର, ୧୮।୯ (ସମିସ):** ହୀରାକୁଦ ତଳ ମୁଣ୍ଡରେ ସୃଷ୍ଟି ହେଉଥିବା ପାନୀୟଜଳ ଓ ଜଳସେଚନର ବାଧାକୁ ଦୂର କରିବା ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ହୀରାକୁଦ ତଳମୁଣ୍ଡରେ ୧୭ଟି ବନ୍ଧ, ୧୫ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଓ ୪୪ଟି ବ୍ୟାରେଜ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ହୀରାକୁଦ ଉପରେ ମୁଣ୍ଡରେ ଛତିଶଗଡ଼ ଦ୍ୱାରା ନିର୍ମିତ ଜଳସେଚନ ପ୍ରକଳ୍ପ, ବିଭିନ୍ନ ଶିଳ୍ପ ଭିତ୍ତିକ ବ୍ୟାରେଜ, ଆନିକଟ ଇତ୍ୟାଦି ନିର୍ମାଣ ହେବା ପରେ ଜଳସଙ୍କଟର ମୁକାବିଲା ପାଇଁ ଓଡ଼ିଶା ▶ପୃଷ୍ଠା-୭

# ବିବାହ କରିବାକୁ ଭାରତ ଆସିଥିବା ୭୧ ବର୍ଷୀୟା ମହିଳାଙ୍କୁ ହତ୍ୟା



ନୂଆଦିଲ୍ଲୀ, ୧୮ ।୯ (ଏଜେନ୍ସି): ବିବାହ କରିବାକୁ ଭାରତ ଆସିଥିବା ଜଣେ ୭୧ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ରପିନ୍ଦର କୌର ପନ୍ଧେରଙ୍କୁ ପଞ୍ଜାବର ଲୁଧିଆନାରେ ନିର୍ମମ ଭାବେ ହତ୍ୟା କରାଯାଇଛି । ସେ ବ୍ରିଟେନରେ ରହୁଥିବା ଜଣେ ୭୫ ବର୍ଷୀୟ ପ୍ରବାସୀ ଭାରତୀୟ ବ୍ୟବସାୟୀ ଚରଣଜିତ ସିଂ ଗ୍ରେୱାଲଙ୍କୁ ବିବାହ କରିବାକୁ ଆସିଥିଲେ । କିନ୍ତୁ ତାଙ୍କୁ ଏହି ବ୍ୟବସାୟୀ ଜଣକ ପୋଡି ମାରିଛନ୍ତି ବୋଲି ପୁଲିସ କହିଛି । ଏହି ଘଟଣା ଜୁଲାଇରେ ଘଟିଥିଲେ ମଧ୍ୟ ଏବେ ସାମ୍ନାକୁ ଆସିଛି । ଲୁଧିଆନା ପୁଲିସ ଜଣେ ମହିଳା ନିଖୋଜ ହେବା ନେଇ ମାମଲା ରୁଜୁ କରିବା ପରେ ଅଭିଯୁକ୍ତ ନାମ ଉଲ୍ଲେଖ କରିବା ପରେ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଅର୍ଥ ହିଁ ଏହି ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ପୁଲିସ ଜାଣିବାକୁ ପାଇଛି । ୨୦୧୪ରେ ଆମ ଆଦମୀ ପାର୍ଟି (ଆପ୍)ର ପ୍ରଚାର ଅବସରରେ ଦୁହେଁ ପରସ୍ପର ସହ ପରିଚିତ ହୋଇଥିଲେ । ରପିନ୍ଦର ଲୁଧିଆନା ଆସିଲେ ଚରଣଜିତଙ୍କ ଘରେ ରହୁଥିଲେ ।

ଅଭିଯୁକ୍ତ ଚରଣଜିତ ହିଁ ରପିନ୍ଦରଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ କରିଥିଲେ । ଚରଣଜିତ ମୂଳତଃ ଲୁଧିଆନାର ହୋଇଥିଲେ ମଧ୍ୟ ଇଂଲଣ୍ଡରେ ରହି ଜଣେ ପ୍ରବାସୀ ଭାରତୀୟ ଭାବେ ବ୍ୟବସାୟ କରୁଥିଲେ । ଚରଣଜିତ ତାଙ୍କୁ ବିବାହ କରିଥାନ୍ତେ ଓ ସେ ହିଁ ରପିନ୍ଦରଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି । ଜୁଲାଇ ୨୪ରୁ ରପିନ୍ଦରଙ୍କ ମୋବାଇଲ ବନ୍ଦ ରହିବା ଫଳରେ ତାଙ୍କ ଭଉଣୀ କମଲ କୌର ଖଇରାଙ୍କ ସନ୍ଦେହ ହୋଇଥିଲା । ଜୁଲାଇ ୨୮ ରେ କମଲ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସକୁ ଏନେଇ ଅବଗତ କରାଇଥିଲେ । ଏହାପରେ ଦୂତାବାସ ସ୍ଥାନୀୟ ପୁଲିସକୁ ଏ ମାମଲା ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗତ ସପ୍ତାହରେ ହିଁ ରପିନ୍ଦରଙ୍କ ପରିବାର ତାଙ୍କ ମୃତ୍ୟୁ ନେଇ ଜାଣିବାକୁ ପାଇଥିଲେ । ଏହି ମାମଲାରେ ପୁଲିସ ସୁଖଜିତ ସିଂ ସୋନୁଙ୍କୁ ଗିରଫ କରିଛି । ଚରଣଜିତଙ୍କ ନିର୍ଦ୍ଦେଶରେ ସେ ଏହି ହତ୍ୟା କରିଛି ବୋଲି ସ୍ୱୀକାର କରିଛି । ରପିନ୍ଦରଙ୍କୁ ହତ୍ୟାକରିବା ପାଇଁ ସୋନୁଙ୍କୁ ୫୦ ଲକ୍ଷ ଟଙ୍କା ଦେବାକୁ ଚରଣଜିତ ପ୍ରତିଶ୍ରୁତି ଦେଇଥିଲେ । ସୋନୁ ରପିନ୍ଦରଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଜାଳି ଦେଇଥିଲା । ଅର୍ଥ ପାଇଁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପୁଲସ ସ୍ପଷ୍ଟ କରିଛି । ରପିନ୍ଦର ଭାରତ ଆସିବା ପୂର୍ବରୁ ଚରଣଜିତଙ୍କ ଏକାଉଣ୍ଟକୁ ବହୁ ପରିମାଣରେ ଅର୍ଥ ପଠାଇଥିଲେ । ତେଣୁ ଏହି ଅର୍ଥ ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି କୁହାଯାଇଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ । ଏବେ ପୀଡିତାଙ୍କ କଙ୍କାଳକୁ ଠାବ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି ।

### ନିର୍ବାଚନ ପୂର୍ବରୁ ନୀତୀଶଙ୍କ ଘୋଷଣା

## ବେକାର ସ୍ନାତକଙ୍କୁ ମାସକୁ ୧ ୦୦୦ ଟଙ୍କା

ପାଟନା, ୧୮ ।୯ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ବଡ଼ ଘୋଷଣା କରିବା ସହ ଯୁବକମାନଙ୍କ ବଡ଼ ଉପହାର ଦେଇଛନ୍ତି । ରାଜ୍ୟରେ ବେରୋଜଗାର ସ୍ନାତକ ବା ଗ୍ରାଜୁଏଟ୍‌ଙ୍କ ପାଇଁ ସେ ଏକ ନୂଆ ଯୋଜନା ଘୋଷଣା କରିଛନ୍ତି । ରାଜ୍ୟରେ ୨୦ରୁ ୨୫ ବର୍ଷ ବୟସ୍କ ବେରୋଜଗାର ଗ୍ରାଜୁଏଟ ଯୁବକ ଓ ଯୁବତୀଙ୍କ ପାଇଁ ସେ ପ୍ରତିମାସ ୧, ୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଯେଉଁମାନେ ଚାକିରି କରିନାହାନ୍ତି କିମ୍ବା ଆତ୍ମନିର୍ଭର ହୋଇନାହାନ୍ତି, ସେମାନଙ୍କୁ ଏହି ଭତ୍ତା ଅତିବେଶୀରେ ଦୁଇବର୍ଷ ପର୍ଯ୍ୟନ୍ତ ଦିଆଯିବ । ପୂର୍ବରୁ ଏହି ସୁବିଧା କେବଳ ଇଣ୍ଟର ପାସ୍ କରିଥିବା ବେରୋଜଗାର ଯୁବକଙ୍କୁ ମିଳୁଥିଲା । ଏବେ କିନ୍ତୁ ଏହାର ବିସ୍ତାର କରାଯାଇଛି । ଏବେ କଳା, ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ପାସ କରିଥିବା ବେରୋଜଗାର ଯୁବକ ଓ ଯୁବତୀଙ୍କୁ ଏହି ସୁବିଧା ମିଳିବ । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନୀତୀଶ ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି । ୨୦୦୫ ନଭେମ୍ବରରେ ସରକାର ଗଠନ ହେବା ପରେ ହିଁ ଯୁବକ ଓ ଯୁବତୀଙ୍କୁ ରୋଜଗାର ଓ ଚାକିରି ଦେବାକୁ ପ୍ରାଥମିକତା ଦିଆଯାଇଛି । ଆଗାମୀ ୫ ବର୍ଷ ମଧ୍ୟରେ ଯୁବକମାନଙ୍କୁ ଏକ କୋଟି ଚାକିରି ଓ ରୋଜଗାର ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ଦିଗରେ ନିରନ୍ତର ପ୍ରୟାସ କରାଯିବ ବୋଲି ସେ କହିଛନ୍ତି । ଯୁବକ ଓ ଯୁବତୀଙ୍କୁ କୁଶଳୀ କରିବା ପାଇଁ ପ୍ରଶିକ୍ଷଣ ଓ ଧନ୍ଦାମୂଳକ ଶିକ୍ଷା ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

## ଆଜମ ଖାନ୍‌ଙ୍କୁ ଜାମିନ

ପ୍ରୟାଗରାଜ, ୧୮ ।୯ (ଏଜେନ୍ସି): ଉତ୍ତରପ୍ରଦେଶ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ବରିଷ୍ଠ ନେତା ଆଜମ ଖାନଙ୍କୁ ଆହ୍ଲାବାଦ୍ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି । ରାମପୁର କ୍ୱାଲିଟି ବାର ଦଖଲ କରିବା ମାମଲାରେ ହାଇକୋର୍ଟ ତାଙ୍କୁ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି । ଜଷ୍ଟିସ ସମୀର ଜୈନଙ୍କ ଜଣକିଆ ଖଣ୍ଡପୀଠ ଦୁଇ ପକ୍ଷର ଦଲିଲ ଶୁଣିବା ପରେ ଅଗଷ୍ଟ ୨୧ରେ ଏହି ମାମଲାରେ ହେବାକୁ ଥିବା ଅନ୍ତିମ ଶୁଣାଣି ପର୍ଯ୍ୟନ୍ତ ରାୟ ସୁରକ୍ଷିତ ରଖିଛନ୍ତି । ଫଳରେ ଆଜମ ସୀତାପୁର ଜେଲ୍‌ରୁ ମୁକୁଳିବା ନିଶ୍ଚିତ ହୋଇଛି । ଆଜମ ଜେଲ ବାହାରକୁ ଆସିବା ପରେ ଖାସ୍ କରି ରାମପୁର ଓ ପଶ୍ଚିମ ଉତ୍ତରପ୍ରଦେଶରେ ରାଜନୈତିକ ଗତିବିଧି ଚଞ୍ଚଳ ହେବ ବୋଲି ଆଶା କରାଯାଉଛି । ଏହାପୂର୍ବରୁ ସେ ରାମପୁରର ଏମ୍‌ପିଏମ୍‌ଏଲ୍‌ଏ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ । କିନ୍ତୁ କୋର୍ଟ ମେ ୧୭ରେ ତାଙ୍କ ଆବେଦନକୁ ଖାରଜ କରିଥିଲେ । ଫଳରେ ସେ ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଲ୍ଲେଖଥାଉ କି, ୨୦୧୯ ନଭେମ୍ବର ୨୧ରେ ଗଗନ ଆରୋରା ନାମକ ଜଣେ ବାର ମାଲିକ ଆଜମଙ୍କ ବିରୋଧରେ ଏତଲା ଦେଇଥିଲେ । ରାମପୁରର ସଭିଲ ଲାଇନ୍ସ ଥାନା ଅଞ୍ଚଳରେ ହାଇୱେ ସ୍ଥିତ ସଇଦ ନଗର ହରଦୋଇଠାରେ ଥିବା କ୍ୱାଲିଟି ବାର ଉପରେ ଜବରଦସ୍ତି କବଜା କରିବାକୁ ପ୍ରୟାସ କରାଯାଇଥିଲା ଓ ସେ ଏଥିପାଇଁ ଅଭିଯୋଗ କରିଥିଲେ । ଏହି ମାମଲାରେ ଆଜମ, ତାଙ୍କ ପତ୍ନୀ, ପୁଅ ଓ ଅନ୍ୟ ଜଣେ ସ୍ଥାନୀୟ ନେତାଙ୍କୁ ଅଭିଯୁକ୍ତ ଭାବେ ଉପସ୍ଥାପନ କରାଯାଇଥିଲା । ସେ ନିଜ କ୍ଷମତାର ଦୂରୁପୋଯୋଗ କରି ବାରକୁ ଅକ୍ତିଆର କରିବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା ।

### ଅହମଦାବାଦ ବିମାନ ଦୁର୍ଘଟଣା

## ବୋଇଂ ବିରୋଧରେ ମାମଲା

ୱାସିଂଟନ୍, ୧୮ ।୯ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୪ ଜଣ ଯାତ୍ରୀଙ୍କ ପରିବାର ଏବେ ଆମେରିକାରେ ମକଦ୍ଦମା ରୁଜୁ କରିଛନ୍ତି । ଆମେରିକାରେ ବିମାନ ତିଆରି କରୁଥିବା କମ୍ପାନୀ ବୋଇଂ ଓ ତା'ର ଏୟାର କ୍ରାଫ୍ଟ ପାର୍ଟ ତିଆରି କରୁଥିବା କମ୍ପାନୀ ହନିବେଲ ବିରୋଧରେ ମୃତକଙ୍କ ପରିବାର କେସ୍ କରିଛନ୍ତି । ଏହି ଦୁଇ କମ୍ପାନୀଙ୍କର ବେପରୁଆ ମନୋଭାବ ଯୋଗୁଁ ଏହି ବିମାନ ଦୁର୍ଘଟଣା ହୋଇଥିଲା ବୋଲି ମୃତକଙ୍କ ପରିବାର ଅଭିଯୋଗ ଆଣିଛନ୍ତି । ଟେକ୍ସାସର ଲେନିଅର ଲ ଫାର୍ମ ଜରିଆରେ ଏହି ମକଦ୍ଦମା ଦାଏର କରାଯାଇଛି । ବିମାନର ଇନ୍ଧନ ସୁଇଚ୍‌ରେ ତ୍ରୁଟି ଥିଲା ଓ ଫୁଏଲ୍ ସପ୍ଲାଇ ବନ୍ଦ ହେବା କାରଣରୁ ଦୁର୍ଘଟଣା ଘଟିଥିଲା ବୋଲି ଅଭିଯୋଗ କରାଯାଇଛି । ଏହି ସମ୍ଭାବ୍ୟ ବିପଦ ନେଇ ବୋଇଂ ଓ ହନିବେଲ ବହୁପୂର୍ବରୁ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ବୋଲି ଅଭିଯୋଗ ହୋଇଛି । ଦୁର୍ଘଟଣାର ୪ ସପ୍ତାହ ପୂର୍ବରୁ ସୁଇଚ୍ ଚେକ୍ କରିବା ନେଇ ଚେତାବନୀ ଜାରି କରାଯାଇଥିଲା । କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଅବଶ୍ୟ ଏ ନେଇ ବୋଇଂ ତରଫରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଅହମଦାବାଦ୍‌ରୁ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନ ଲଣ୍ଡନ ଯାତ୍ରା କରିବାକୁ ବାହାରିଥିଲା ଓ ଟେକ୍ ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ଏକ ମେଡିକାଲ କଲେଜ ହଷ୍ଟେଲକୁ ଧକ୍କା ଦେଇଥିଲା । ଏଥିରେ ୨୭୦ଜଣ ମୃତ୍ୟୁବରଣ କରିଥିଲେ ଓ ଏମାନଙ୍କ ମଧ୍ୟରେ ୬୦ ଜଣ ବିଦେଶୀ ନାଗରିକ ସାମିଲ ଥିଲେ ।

### ରାହୁଲଙ୍କ ଆଉ ଏକ 'ଭୋଟ ଚୋରି' ବିସ୍ଫୋରଣ

# ୬୦୦୦ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ

ନୂଆଦିଲ୍ଲୀ, ୧୮ ।୯: 'ଭୋଟ ଚୋରି'କୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଉ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଗଡ଼ କୁହାଯାଉଥିବା ନିର୍ବାଚନମଣ୍ଡଳୀଗୁଡ଼ିକରେ ଭୋଟରମାନଙ୍କ ନାମ କାଟିବା ଲାଗି ଏକ ବଡ଼ ଧରଣର ଅଭିଯାନ ଚାଲିଛି । କୌଣସି ଏକ ସ୍ଥାନରେ ରହି ଅନଲାଇନରେ ଭୋଟରଙ୍କ ନାମ କଟାଯାଉଛି ଏବଂ ଏଥିରେ ସେଣ୍ଟ୍ରାଲାଇଜ ସଫ୍ଟୱେୟାର ବ୍ୟବହାର କରାଯାଉଛି । ଯେଉଁମାନେ ଏହି ଜାଲିଆତିରେ କାମରେ ମାତିଛନ୍ତି, ସେମାନଙ୍କୁ ନିର୍ବାଚନ କମିସନ ସୁରକ୍ଷା ଦେଉଛନ୍ତି । କର୍ଣ୍ଣାଟକର ଏକ ନିର୍ବାଚମଣ୍ଡଳୀର ଉଦାହରଣ ଦେଇ ସେ କହିଛନ୍ତି ଯେ ୨୦୨୩ରେ ଆଲନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ ଜାଲ ଆବେଦନ ଜରିଆରେ ସଫ୍ଟୱେୟାରର ଦୁରୁପଯୋଗ କରି ୬ ହଜାରରୁ ଅଧିକ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଛି । ତେବେ ସାଧାରଣ ନାଗରିକ ଦ୍ୱାରା ଅନଲାଇନରେ ଭୋଟରଙ୍କ ନାମ କଟାଯିବା ସମ୍ଭବ ନୁହେଁ ବୋଲି କହି ନିର୍ବାଚନ କମିସନ ରାହୁଲଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । କମିସନ ସ୍ୱୀକାର କରିଛନ୍ତି ଯେ ଏହି ନିର୍ବାଚନମଣ୍ଡଳୀରେ ନାମ କାଟିବା ଲାଗି ଉଦ୍ୟମ ହୋଇଥିଲା ଏବଂ ଏସଂପର୍କରେ କମିସନ ତଦନ୍ତ କରୁଛନ୍ତି । ଅନ୍ୟପକ୍ଷରେ ଏଭଳି ଭୋଟ ଚୋରି ଅଭିଯୋଗକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ବିଜେପି ନେତା ଅନୁରାଗ ଠାକୁର କହିଛନ୍ତି ଯେ ସାମ୍ବିଧାନିକ ସଂସ୍ଥା ବିରୋଧରେ ଏଭଳି ଅଭିଯୋଗ ଆଣି ରାହୁଲ ଦେଶରେ ବାଂଲାଦେଶ ଓ ନେପାଳ ଭଳି ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ।

ରାହୁଲ କର୍ଣ୍ଣାଟକ ଆଲନ୍ଦ ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ କହିଲେ ଯେ ୨୦୨୩ରେ ଏହି ନିର୍ବାଚନମଣ୍ଡଳୀରେ ୬୦୧୮ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଥିଲା । କିନ୍ତୁ କେତେ ନାମ କଟିଛି, ତାହା ଜଣାପଡ଼ିନାହିଁ । ଏଭଳି ଜାଲିଆତିକୁ

**ନାମ କାଟିବା/ଯୋଡ଼ିବା ଲାଗି ରାକେଟ କାମ କରୁଛି: ରାହୁଲ**

**କର୍ଣ୍ଣାଟକରେ ଉଦ୍ୟମ ହୋଇଥିଲା, ଯାଞ୍ଚ -ଚାଲିଛି: କମିସନ**

**ରାହୁଲ ଅରାଜକତା ସୃଷ୍ଟି କରୁଛନ୍ତି: ବିଜେପି**

ଧରିଛନ୍ତି ଜଣେ ବୁଥ୍‌ସ୍ତରୀୟ ଅଧିକାରୀ । ସଂପୃକ୍ତ ଅଧିକାରୀଙ୍କ ଜଣେ ସଂପର୍କୀୟଙ୍କ ନାମ କେମିତି କଟିଲା, ତାହାର ଯାଞ୍ଚ କଲା ବେଳେ ସେ ଜାଣିବାକୁ ପାଇଥିଲେ ଯେ ଜଣେ ପଡ଼ୋଶୀ ଏହି ନାମ କଟାଇଛନ୍ତି । ସେ ଏହି ପଡ଼ୋଶୀଙ୍କୁ ପଚାରିବାରୁ ସେ ଏହା ଜାଣିନଥିବା କହିଥିଲେ । ତାଙ୍କ ନାମରେ ନୂଆ ଲଗ୍ ଇନ୍ କରି ଅନ୍ୟ କେହି ଭୋଟରଙ୍କ ନାମ କାଟିଥିବା ଏଥିରୁ ସ୍ପଷ୍ଟ ହୋଇଥିଲା । ରାହୁଲ କହିଲେ ଯେ ଏହି ଜାଲିଆତି କର୍ଣ୍ଣାଟକ ଭିତରେ ରହି କେହି କରୁ ନାହାନ୍ତି । ନାମ କାଟିବା ଓ ଯୋଡ଼ିବା ଲାଗି କଲ୍‌ସେଣ୍ଟର ଭଳି ସ୍ୱତନ୍ତ୍ର ଏକ ରାକେଟ କାମ କରୁଛି । ଗୋଟିଏ ଫୋନ ନମ୍ବର ବ୍ୟବହାର କରି ବିଭିନ୍ନ ରାଜ୍ୟରେ ଜାଲିଆତି କରାଯାଉଛି । ଏଥିରେ କଂଗ୍ରେସ ଏବଂ ସଂଖ୍ୟାଲଘୁ ଭୋଟରଙ୍କୁ ଟାର୍ଗେଟ କରାଯାଉଛି । ରାହୁଲ କହିଲେ ଯେ କର୍ଣ୍ଣାଟକ ସିଆଇଡି ଏ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି । ସିଆଇଡି ଗତ ୧୮ ମାସ ମଧ୍ୟରେ ନିର୍ବାଚନ କମିସନଙ୍କୁ ୧୮ ଥର ଚିଠି ଲେଖି କିଛି ତଥ୍ୟ ଲୋଡ଼ିଛି । କିନ୍ତୁ କମିସନ ଏହାର ଉତ୍ତର ଦେଉ ନାହାନ୍ତି । ଏଥରୁ ସ୍ପଷ୍ଟ ହୋଇଯାଉଛି ଯେ ଭୋଟ ଚୋରଙ୍କୁ କମିସନ ସୁରକ୍ଷା ଦେଉଛନ୍ତି ।

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ବିରୋଧୀ ଦଳ ନେତା ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ଏଥିରେ କୌଣସି ସତ୍ୟତା ନାହିଁ । ରାହୁଲଙ୍କ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ । ଅନ୍ୟପକ୍ଷରେ କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱୀକାର କରିଛନ୍ତି ଯେ ୨୦୨୩ରେ ଜାଲିଆତି କରି ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଥିଲା । ବିଭିନ୍ନ ଆପ୍ ବ୍ୟବହାର କରି ଆବେଦନ ଦାଖଲ କରାଯାଇଥିଲା । କିନ୍ତୁ ସନ୍ଦେହ ହେବାରୁ ଯାଞ୍ଚ ବେଳେ ୫୯୯୪ ଆବେଦନକୁ ଖାରଜ କରି ଦିଆଯାଇଥିଲା । ଏଭଳି ଜାଲିଆତି ସଂପର୍କରେ ପୁଲିସିରେ ଏଫଆଇଆର୍ ଦାଖଲ କରଯାଇଛି ।

# ଆକ୍ରମଣ ହେଲେ ମିଳିତ ଜବାବ ଦେବେ ପାକିସ୍ତାନ-ସାଉଦି ଆରବ

ରିୟାଦ, ୧୮ ।୯ (ଏଜେନ୍ସି): ସାଉଦି ଆରବ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ଶରିଫ୍‌ଙ୍କ ମଧ୍ୟରେ ବୁଧବାର ପ୍ରତିରକ୍ଷା ସମ୍ବନ୍ଧୀୟ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣା ଅନୁସାରେ ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ, ତାହା ଦ୍ୱିତୀୟ ଦେଶ ଉପରେ ମଧ୍ୟ ଆକ୍ରମଣ ହୋଇଛି ବୋଲି ଧରିନିଆଯିବ । ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ଦୁଇ ଦେଶ ଯୁଗ୍ମ ଭାବେ ଘୋଷଣା କରିଛନ୍ତି । ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗରେ ଅଗ୍ରଗତି ହେବ ଓ ସାମରିକ ଭାବେ ପରସ୍ପରକୁ ସହାୟତା ପ୍ରଦାନ କରିବେ ବୋଲି କୁହାଯାଇଛି । ଯଦି ଆବଶ୍ୟକ ପଡେ ତେବେ, ପାକିସ୍ତାନର ପରମାଣୁ ଅସ୍ତ୍ରର ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି । ଭାରତ ମଧ୍ୟ ଏ ନେଇ ତା'ର ପ୍ରତିକ୍ରିୟା ପ୍ରକାଶ କରିଛି । ଏ ନେଇ ଭାରତକୁ ପୂର୍ବରୁ ସୂଚନା ମିଳିଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ଏହି ବୁଝାମଣା ସ୍ୱାକ୍ଷର ହେବା ବେଳେ ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନୀର ମଧ୍ୟ ଉପସ୍ଥିତ ଥିଲେ । ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାର, ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ୍ ଓ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ସାଉଦି ଗସ୍ତ କରିଥିଲେ । କୌଣସି ଦେଶ ଓ କିମ୍ବା କୌଣସି ଖାସ୍ ଘଟଣାକୁ ଲକ୍ଷ୍ୟ କରି ଏହି ବୁଝାମଣା ହୋଇନାହିଁ । ବରଂ ଏହା ଦୁଇଦେଶ ମଧ୍ୟରେ ଦୀର୍ଘବର୍ଷ ଧରି ସହଯୋଗ ବଜାୟ ରଖିବା ପାଇଁ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ବୋଲି ଜଣେ ଅଧିକାରୀ କହିଛନ୍ତି । ଉଲ୍ଲେଖଥାଉ କି, ଇସ୍ରାଏଲ ସେପ୍ଟେମ୍ବର ୯ ରେ କାତାର ରାଜଧାନୀ ଦୋହା ଉପରେ ଆକ୍ରମଣ କରିବା ପରେ ପାକିସ୍ତାନ ସବୁ ଇସ୍‌ଲାମିକ ଦେଶଗୁଡ଼ିକୁ ନାଟୋ ଭଳି ସାମରିଙ୍କ ସଂଗଠନ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲା । ତେବେ ଏହା ଏକ ଔପଚାରିକ ସନ୍ଧି ନୁହଁ ବୋଲି ଆମେରିକାର ପୂର୍ବତନ ରାଜଦୂତ ଜଲମେ ଖଲିଲଜାଦ କହିଛନ୍ତି । କିନ୍ତୁ ଏହା ଏକ ବଡ଼ ରଣନୈତିକ ବୁଝାମଣା ବୋଲି ସେ ସ୍ୱୀକାର କରିଛନ୍ତି ।

**ପରମାଣୁ ଅସ୍ତ୍ରର ମଧ୍ୟ ବ୍ୟବହାର କରାଯିବ**

**ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ବୁଝାମଣା ସ୍ୱାକ୍ଷରିତ**

**ପୂର୍ବରୁ ଏ ନେଇ ଜଣାଥିଲା: ଭାରତ**



ଉତ୍ତରାଖଣ୍ଡର ଚାମୋଲୀରେ ବଦାଲଫଟା ବର୍ଷା ପରର ଦୃଶ୍ୟ

# ସବୁ ଧର୍ମକୁ ସମ୍ମାନ କରେ: ପ୍ରଧାନବିଚାରପତି



ନୂଆଦିଲ୍ଲୀ, ୧୮ ।୯ (ଏଜେନ୍ସି): ପ୍ରସିଦ୍ଧ ଖଜୁରାହୋର ବାମନ ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ଖଣ୍ଡିତ ମୂର୍ତ୍ତି ବଦଳାଇବା ସଂକ୍ରାନ୍ତରେ ଦେଇଥିବା ମନ୍ତବ୍ୟ ନେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ସଫେଇ ଦେଇଛନ୍ତି । ସେ କହିଛନ୍ତି ଯେ ମୋର ମନ୍ତବ୍ୟକୁ ସାମାଜିକ ଗଣମାଧ୍ୟମରେ ଭୁଲ ଭାବେ ଉପସ୍ଥାପନ କରାଯିବା ସହ କଦର୍ଥ କରାଯାଇଛି । ସବୁ ଧର୍ମକୁ ମୁଁ ସମ୍ମାନ କରେ । ତେଣୁ କୌଣସି ଧର୍ମକୁ ଆକ୍ଷେପ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି ।

ସେପ୍ଟେମ୍ବର ୧୬ରେ ଭଗବାନ ବିଷ୍ଣୁଙ୍କ ଏହି ଖଣ୍ଡିତ ମୂର୍ତ୍ତି ପ୍ରତିଷ୍ଠା ନେଇ ରାକେଶ ଦଲାଲଙ୍କ ଆବେଦନର ଶୁଣାଣି କରି ସିଜେଆଇ କହିଥିଲେ ଯେ, ଯାଅ ଭଗବାନଙ୍କୁ ନିଜେ କରିବାକୁ କୁହ । ତୁମେ ଭଗବାନ ବିଷ୍ଣୁଙ୍କ ବଡ଼ ଭକ୍ତ ବୋଲି କହୁଛ । ତାଙ୍କୁ ପ୍ରାର୍ଥନା କର । ଏ ନେଇ ହୋଇଥିବା ଶୁଣାଣିର ଖଣ୍ଡପୀଠରେ ସାମିଲ ହୋଇଥିବା ଜଷ୍ଟିସ ବିନୋଦ ଚନ୍ଦ୍ର ମଧ୍ୟ ସୋସିଆଲ ମିଡିଆକୁ ଆଣ୍ଟି ସୋସିଆଲ ମିଡିଆ ବୋଲି କହିଛନ୍ତି । ସେହିପରି ଆବେଦନକାରୀଙ୍କ ଓକିଲ ସଞ୍ଜୟ ନୁଲି ମଧ୍ୟ ସିଜେଆଇଙ୍କ ମନ୍ତବ୍ୟକୁ ଭୁଲ ଭାବେ ସୋସିଆଲ ମିଡିଆରେ ପ୍ରଚାର କରାଯାଇଛି ଓ ଏହା ମିଥ୍ୟା ବୋଲି କହିଛନ୍ତି । ଜଷ୍ଟିସ ଗଭାଇ କହିଲେ ଯେ ଏହାପୂର୍ବରୁ ନେପାଳ ସହିତ ଜଡିତ ମୋର ମନ୍ତବ୍ୟକୁ ମଧ୍ୟ ଏଭଳି କଦର୍ଥ କରାଯାଇ ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିଲା । ନ୍ୟାୟପାଳିକା କୌଣସି ଧର୍ମକୁ ବିରୋଧ କରେନାହିଁ ଓ ମୁଁ ସବୁଧର୍ମକୁ ସମ୍ମାନ କରେ ।

## ବାଂଲାଦେଶ ପହଞ୍ଚିଲେ ୧୨୦ ଆମେରିକୀୟ ସୈନିକ

ଢ଼ାକା, ୧୮ ।୯ (ଏଜେନ୍ସି): ଆମେରିକାର ୧୨୦ ଜଣ ସୈନିକ ବାଂଲାଦେଶରେ ପହଞ୍ଚିଛନ୍ତି । ଏକ ସାମରିକ ସମରାଭ୍ୟାସରେ ଯୋଗ ଦେବାକୁ ଏହି ସୈନିକମାନେ ବାଂଲାଦେଶ ଯାଇଛନ୍ତି ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ସୈନିକମାନେ ଚିଟ୍ଟାଗଙ୍ଗର ରାଡିସନ ବ୍ଲୁ ହୋଟେଲରେ ଅବସ୍ଥାନ କରିଛନ୍ତି । ଏମାନଙ୍କ ପାଇଁ ୮୫ଟି ପ୍ରକୋଷ୍ଠ ବୁକ୍ କରାଯାଇଛି । ତେବେ ଏହି ସୈନିକମାନଙ୍କ ନାମ ରେଜିଷ୍ଟରରେ ଉଲ୍ଲେଖ କରାଯାଇନାହିଁ । ଏମାନେ ସେପ୍ଟେମ୍ବର ୨୦ରେ ବାଂଲାଦେଶ ଛାଡିବେ ବୋଲି କୁହାଯାଇଛି । ପୂର୍ବରୁ ସେପ୍ଟେମ୍ବର ୧୪ରେ ମିଶରର ଏକ ସାମିରକ ବିମାନ ଚଟଗାଁଓର ଶାହା ଅମାନତ ଏୟାର ବେସ୍‌ରେ ଅବତରଣ କରିଥିଲା । ଏହାର ଗୋଟିଏ ଦିନ ପରେ ଆମେରିକା ସୈନ୍ୟମାନେ ବାଂଲାଦେଶ ବାୟୁସେନାର ପତେଙ୍ଗା ଏୟାର ବେସ୍ ବୁଲି ଦେଖିଥିଲେ । ପୂର୍ବରୁ ମଧ୍ୟ ଆମେରିକା ଓ ବାଂଲାଦେଶ ସେନା ମିଳିତ ଭାବେ 'ଟାଇଗର ଲାଇଟିନିଂ' ଓ 'ଅପରେସନ ଲାଇଟିନିଂ' ନାମରେ ସାମରିକ ସମରାଭ୍ୟାସ କରିଥିଲେ । ଦୁଇ ଦେଶର ସୈନିକଙ୍କ ମଧ୍ୟରେ ତାଳମେଳ ବୃଦ୍ଧି କରିବା ସହ ଶାନ୍ତି ମିଶନ ପାଇଁ ପ୍ରସ୍ତୁତି କରିବାକୁ ଏହି ସମରାଭ୍ୟାସର ଲକ୍ଷ୍ୟ ଥିଲା ବୋଲି କୁହାଯାଇଥିଲା ।

## ଭାରତ, ପାକିସ୍ତାନ ସମେତ ୨୩ ରାଷ୍ଟ୍ରକୁ ଡ୍ରଗ୍ସ ଚାଲାଣକାରୀ କହିଲେ ଟ୍ରମ୍ପ

ୱାସିଂଟନ, ୧୮ ।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଭାରତ, ପାକିସ୍ତାନ, ଚୀନ ସମେତ ୨୩ ରାଷ୍ଟକୁ ସେ ନିଶା ଔଷଧ ଚାଲାଣକାରୀ ବୋଲି କହିଛନ୍ତି । ଏହି ଦେଶଗୁଡିକ ମଧ୍ୟରେ ଆଫଗାନିସ୍ତାନ, କଲମ୍ବିଆ, ବଲିଭିଆ ଓ ଭେନେଜୁଏଲା ଭଳି ଦେଶ ସାମିଲ ରହିଛନ୍ତି । ଆମେରିକା ସଂସଦରେ ଉପସ୍ଥାପନ କରାଯାଇଥିବା 'ପ୍ରେସିଡେନସିଆଲ ଡିଟରମିନେସନ ରିପୋର୍ଟ'ରେ ଟ୍ରମ୍ପ ଏ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି । ଏହି ଦେଶଗୁଡିକ ଡ୍ରଗ୍ସ ଉତ୍ପାଦନ କରିବା ସହ ଚୋରା ଚାଲାଣ କରୁଛନ୍ତି । ଏହା ଆମେରିକା ଓ ତା'ର ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି । ଡ୍ରଗ୍ସ ଚୋରା ଚାଲାଣ, ଖାସ୍ କରି ଫେଣ୍ଟେନାଇଲ ଭଳି ଘାତକ ନିଶାଦ୍ରବ୍ୟ ଆମେରିକାରେ ଇମର୍ଜେନ୍ସି ଭଳି ସ୍ଥିତି ସୃଷ୍ଟି କରିଛି । ଏହା ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ସଂକଟର ମୁଖ୍ୟ କାରଣ ଭାବେ ଉଭା ହୋଇଛି । ଏହା ଦ୍ୱାରା ୧୮ ରୁ ୪୪ ବର୍ଷ ମଧ୍ୟରେ ନାଗରିକଙ୍କ ମୃତ୍ୟୁର ପ୍ରଧାନ କାରଣ ବୋଲି ସେ କହିଛନ୍ତି । ଚୀନ୍‌ରେ ଫେଣ୍ଟାନାଇଲ୍ ଡ୍ରଗ୍ସ ବହୁଳ ଭାବେ ଉତ୍ପାଦନ କରାଯାଉଛି । ଆଫଗାନିସ୍ତାନରୁ ଅନ୍ତର୍ଜାତୀୟ ବଜାରକୁ ଡ୍ରଗ୍ସ ଚାଲାଣ ହେଉଛି ବୋଲି ଟ୍ରମ୍ପ କହିଛନ୍ତି ।

## ଉତ୍ତରପ୍ରଦେଶ ପୁଲିସକୁ ଗ୍ୟାଙ୍ଗଷ୍ଟର୍‌ର ଚ୍ୟାଲେଞ୍ଜ: ଏନ୍‌କାଉଣ୍ଟରର ପ୍ରତିଶୋଧ ନେବୁ

ବରେଲି, ୧୮ ।୯ (ଏଜେନ୍ସି): ଉତ୍ତରପ୍ରଦେଶର ବରେଲିରେ ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ଗୁଳିମାଡ କରିଥିବା ଦୁଇ ସୁଟରଙ୍କ ଏନକାଉଣ୍ଟର ପରେ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ପ୍ରତିଶୋଧ ନେବାକୁ ଧମକ ଦେଇଛି । ଗୁରୁବାର ସେ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଲେଖା ପୋଷ୍ଟ କରି ଏହି ଘୋଷଣା କରିଛି । 'ଆମର ଯେଉଁ ଦୁଇ ସୁଟରଙ୍କୁ ଏନକାଉଣ୍ଟର କରାଯାଇଛି, ତାହର ଆମେ ପ୍ରତିଶୋଧ ନେବୁ । ଏହି ଏନ୍‌କାଉଣ୍ଟର ଆମର ବହୁତ ବଡ଼ କ୍ଷତି ଘଟାଇଛି । ଏହି ଦୁଇଜଣ ସହିଦ ହୋଇଛନ୍ତି । ଯେତେବି ପଇସାବାଲା ହୁଅନ୍ତୁ କିମ୍ବା କ୍ଷମତାଶାଳୀ ହୁଅନ୍ତୁ, ସେମାନଙ୍କୁ କ୍ଷମା ମିଳିବ ନାହିଁ' ବୋଲି ସେ ଫେସ୍‌ବୁକ୍‌ରେ ଉଲ୍ଲେଖ କରି ଧମକ ଦେଇଛି । ଉଲ୍ଲେଖଥାଉ କି, ସେପ୍ଟେମ୍ବର ୧୧ ଓ ୧୨ ତାରିଖରେ ବରେଲିସ୍ଥିତ ଦିଶାଙ୍କ ପରିବାର ରହୁଥିବା ଘର ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ ହୋଇଥିଲା । ଏହି ମାମଲାରେ ଉତ୍ତରପ୍ରଦେଶର ଏସ୍‌ଟିଏଫ୍ ଦୁଇ ସୁଟରଙ୍କୁ ବୁଧବାର ସନ୍ଧ୍ୟାରେ ଏନକାଉଣ୍ଟର କରିଥିଲା । ଫଳରେ ଦୁଇ ସୁଟର ମୃତ୍ୟୁବରଣ କରିଥିଲେ ଓ ଏମାନେ ହରିୟାଣାର ଅରୁଣ ଓ ରବୀନ୍ଦ୍ର ବୋଲି ପୁଲିସ ଜାଣିବାକୁ ପାଇଥିଲା । ଏମାନେ ପେସାଦାର ସୁଟର ଥିଲେ ଓ ରୋହିତ ଗୋଦାରା ଓ ଗୋଲ୍ଡି ବରାଡ ଗ୍ୟାଙ୍ଗର ସଦସ୍ୟ ଥିଲେ । ଦୁଇଜଣଙ୍କ ଉପରେ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା ।

ପାଠ ପଢ଼ିବାକୁ ବାଜିରେ ଲାଗୁଛି ଜୀବନ

# ଡଙ୍ଗାରେ ଭରାନଈ ପାର ହେଉଛନ୍ତି ଛାତ୍ରଛାତ୍ରୀ



ବାଲିଗୁଡ଼ା,୧୮।୯(ସମିସ): ଉଭୟ ପାଶ୍ୱର୍ରେ ଘେରି ରହିଛି ନଦୀ। ଶିକ୍ଷା ଓ ଜରୁରୀକାଳୀନ ସେବା ନିମନ୍ତେ ଭରା ନଈରେ ବିପଦସଂକୁଳ ଅବସ୍ଥାରେ ଦେଶୀ ଡଙ୍ଗା ହିଁ ଏକମାତ୍ର ସାହା ଭରସା। ବ୍ଲକ୍ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ହେଲେ ନଈ ପାର ହେବାକୁ ପଡ଼ିଥାଏ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ସେନ୍ଦ୍ରିଗାଁ ପଞ୍ଚାୟତର ଗଞ୍ଜୁରିପଡ଼ି ଗାଁ ଲୋକେ ଏଭଳି ଅଭିଶପ୍ତ ଜୀବନ ଜୀଉଁଛନ୍ତି। ବାଲିଗୁଡ଼ା ଠାରୁ ମାତ୍ର ୪ କିମି ଦୂରରେ ଅବସ୍ଥିତ ଏହି ଗାଁ। ହେଲେ ବିକାଶ ଏଠିକୁ ବାଟ ଭୁଲି ଯାଇଛି। ଅଞ୍ଚଳରେ ପାଖାପାଖି ୨ ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ଗଞ୍ଜୁରିପଡି ଗାଁକୁ ଉଭୟ ପାଶ୍ୱର୍ରୁ ଘେରି ରହିଛି ଚିରସ୍ରୋତ ଖଡ଼ଗ ଓ ବାଘ ନଦୀ। ସ୍କୁଲ କଲେଜ ପିଲାଙ୍କ ପାଠ ଠାରୁ ଆରମ୍ଭ କରି ଜରୁରୀକାଳିନ ପରିସ୍ଥିତି କିମ୍ବା ଛୋଟ ବଡ଼ ଯେକୌଣସି କାର୍ଯ୍ୟ ପାଇଁ ବାଲିଗୁଡ଼ା ବଜାର ଉପରେ ନିର୍ଭର କରିଥାନ୍ତି ଗ୍ରାମବାସୀ। ଏଭଳି ସ୍ଥିତିରେ ବର୍ଷା ୪ ମାସ ବହୁ କଷ୍ଟରେ ଜୀବନଯାପନ କରିଥାନ୍ତି। ନଦୀରେ ପାଣି ଆସିଲେ ଯାତାୟତ ଏକ ପ୍ରକାର ବନ୍ଦ ହୋଇଯାଉଛି। ଅଞ୍ଚଳବାସୀ ଏଥିରେ ବିଶେଷ ପ୍ରଭାବିତ ହେଉଛନ୍ତି। ପିଲାଙ୍କ ପାଠ ପଢ଼ା ସହ ଅଧିକାଂଶ ଗାଁ ଲୋକଙ୍କୁ ନିବୃତ୍ତ ରହିବାକୁ ପଡିଥାଏ। ନିଜ ଚେଷ୍ଟାରେ ଏକ ଛୋଟ ଡଙ୍ଗା ସେମାନଙ୍କୁ ସାହାଭରଷା ହୋଇଛି। ଏହି ଡଙ୍ଗାରେ ମାତ୍ର ଦୁଇରୁ ତିନି ଜଣ ଏକକାଳୀନ ଯିବା ଆସିବା କରନ୍ତି। ଆହୁରି ମଧ୍ୟ ଗାଁର କେହି ପୁରୁଷ ଲୋକ ଆସିଲେ ହିଁ ଡଙ୍ଗା ଟିକୁ ନେବା ଆଣିବା କରାଯାଇଥାଏ। ଏହି କାରଣରୁ ଛାତ୍ରଛାତ୍ରୀ ଓ ମହିଳାଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼େ। ବାରମ୍ବାର ସ୍ଥାନୀୟ ପ୍ରଶାସନ, ସରପଞ୍ଚଙ୍କୁ ଲିଖିତ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କୁ ଦୁଇ ଥର ଅଭିଯୋଗ କରି ମଧ୍ୟ ନିରାଶ ହୋଇଛନ୍ତି ଅଞ୍ଚଳବାସୀ। ଏକ ପୋଲ ନିର୍ମାଣ ସହ ଏକ ବଡ଼ ଡଙ୍ଗା ଯଥା ଶୀଘ୍ରପ୍ରଦାନ କରିବା ପାଇଁ ଦାବି ଅଞ୍ଚଳବାସୀ ଦାବି କରିଛନ୍ତି।

■ ୨୦ ଲକ୍ଷର ଚାଉଳ ହଡ଼ପ ମାମଲା

## ପୂର୍ବତନ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମେତ ଦୁଇଜଣଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

ବାଲେଶ୍ୱର,୧୮।୯(ସମିସ): ୨୦୦୯ ମସିହାରେ ଜିଲ୍ଲାରେ ୨୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଚାଉଳ ହଡ଼ପ ମାମଲାର ରାୟ ଆଜି ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାସ ୯ଜଣ ସାକ୍ଷୀ ଏବଂ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଉକ୍ତ ମାମଲାରେ ସମ୍ପୃକ୍ତ ବାଲେଶ୍ୱର ଜିଲ୍ଲାର ପୂର୍ବତନ ଅତିରିକ୍ତ ଯୋଗାଣ ଅଧିକାରୀ ଯଶକେତନ ପ୍ରଧାନଙ୍କ ସହ ପୂର୍ବତନ ଆରଆରସି ଗୋଦାମ ଆସିଷ୍ଟାଣ୍ଟ ବିଜୟ କୁମାର ନାୟକଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

୨୦୦୮-୨୦୦୯ରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଭାବେ ଯଶକେତନ କାର୍ଯ୍ୟ କରୁଥିଲେ। ସେ ଡିଲରମାନଙ୍କଠାରୁ ଚାଉଳ କିଣି ସେଗୁଡିକୁ ଆରଆରସି ଗୋଦାମରେ ମହଜୁଦ ରଖିବା ସହ ରେଜିଷ୍ଟର ତଦାରଖ କରୁଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଆରଆରସି ଗୋଦାମ ଆସିଷ୍ଟାଣ୍ଟ ବିଜୟ ଗୋଦାମରେ ଚାଉଳ ରଖି ଅନ୍ୟ ଡିଲରମାନଙ୍କୁ ବିକ୍ରି କରୁଥିଲେ। ଗୋଦାମରେ ଚାଉଳ ସଠିକ ଭାବେ ରହୁନଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଷ୍ଟକ୍ ରେଜିଷ୍ଟର୍ ଓ ଗୋଦାମରେ ଗଚ୍ଛିତ ଥିବା ଚାଉଳର ମେଳ ଖାଇନଥିଲା। ଗୋଦାମରେ ୧୨୬୬.୨୬ କ୍ୱିଣ୍ଟାଲ ଚାଉଳ କମ୍ ରହିଥିଲା, ଯାହାର ମୂଲ୍ୟ ୨୦ଲକ୍ଷ ୩୮ହଜାର ୭ ଟଙ୍କା ହେବ ବୋଲି ଜଣାପଡ଼ିଥିଲା। ଉପରୋକ୍ତ ଦୁଇ ଅଭିଯୁକ୍ତ ସମସ୍ତ ଟଙ୍କା ଆତ୍ମସାତ୍ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏଣୁ ମାମଲାକୁ ବିଚାରପତି ଦୀର୍ଘବର୍ଷ ପରେ ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ରାଧାକାନ୍ତ ମହାପାତ୍ର ପରିଚାଳନା କରୁଥିଲେ।

## ଟ୍ରେନ୍‌ରୁ ୧୬ଟି ଜୀବନ୍ତ କଇଁଛ ଉଦ୍ଧାର, ଦୁଇ ଅଟକ

ବାଲେଶ୍ୱର,୧୮।୯(ସମିସ): ଗୁରୁବାର ଖଡଗପୁର ଡିଭିଜନର ଆରପିଏଫ ସିଆଇବି ପକ୍ଷରୁ ଚଳନ୍ତା ଟ୍ରେନରେ ଚଢ଼ାଉ କରାଯାଇ ଚୋରା ଚାଲାଣ ହେଉଥିବା ୧୬ଟି ଜୀବନ୍ତ କଇଁଛକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ଦୁଇଜଣ ବେପାରୀକୁ ବାଲେଶ୍ୱର ଆରପିଏଫ କାବୁ କରିଛି।



ଆରପିଏଫ ବନ ବିଭାଗକୁ ଡାକି ଜୀବନ୍ତ କଇଁଛ ସହ ଦୁଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଅଟକ ଦୁଇ ବେପାରୀ ହେଲେ ସଦର ଥାନା ଅର୍ନ୍ତଗତ ବସନ୍ତପୁର ଅଞ୍ଚଳର ଯଦୁଆ ସିଂ ଏବଂ ରେମୁଣା ବ୍ଲକ ଟିଣା ଗ୍ରାମର ଶାମ ଦଲେଇ। ବାଲେଶ୍ୱର ଜିଲ୍ଲାରୁ ଜୀବନ୍ତ କଇଁଛ ଚାଲାଣ ହେଉଥିବା ନେଇ ଖବର ପାଇ ଖଡଗପୁର ଡିଭିଜନର ସିଆଇବି ଡିଆଇ ୱାଇ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଏକ ତିନି ଜଣିଆ ଟିମ୍ ଭଦ୍ରକ-ଖଡଗପୁର ଲୋକାଲ ଟ୍ରେନରେ ଆଜି ଅପରାହ୍ନରେ ଚଢ଼ଉ କରିଥିଲା। ଖନ୍ତାପଡା-ନୀଳଗିରି ମଧ୍ୟରେ ଆରପିଏଫ ସିଆଇବି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରି ବାଲେଶ୍ୱର ଆରପିଏଫ ଥାନାକୁ ଆଣିଥିଲା।

### ବନ ବିଭାଗକୁ ହସ୍ତାନ୍ତର କଲା ଆର୍‌ପିଏଫ୍

ଯଦୁଆଠୁ ୭ଟି ଜୀବନ୍ତ କଇଁଛ ଉଦ୍ଧାର ହୋଇଥିବା ବେଳେ ଶାମଠାରୁ ୯ଟି କଇଁଛ ଉଦ୍ଧାର ହୋଇଛି। ଖବର ପାଇ ବନ ବିଭାଗ ପହଞ୍ଚି ଉଦ୍ଧାର ହୋଇଥିବା ୧୬ଟି କଇଁଛ ସମେତ ଦୁଇ ଅଭିଯୁକ୍ତଙ୍କୁ ନେଇଯାଇଛି। ଏହି ଚଢ଼ଉରେ ସିଆଇବି ଖଡଗପୁରର ଏଏସଆଇ ଏସକେ ସିଂ ଏବଂ କନେଷ୍ଟବଲ ଏସକେ ସିଂ ପ୍ରମୁଖ ସାମିଲ ଥିଲେ।

ସଂଖ୍ୟା କମାଇଦେଲେ; ବଞ୍ଚିତ ହେବେ ବ୍ରତଧାରୀ

## ହବିଷ୍ୟାଳି ଯୋଜନାର ତଣ୍ଟି ଚିପିଦେଲେ

ପୁରୀ,୧୮।୯ (ସମିସ): ହବିଷ୍ୟାଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା। ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ଏହାଦ୍ୱାରା ଉପକୃତ ହୋଇଥାନ୍ତି। ଶ୍ରୀକ୍ଷେତ୍ରରେ ମାସଟାଯାକ ରହି କାର୍ତ୍ତିକ ବ୍ରତ ପାଳନ କରିବା ପ୍ରାୟ ହବିଷ ବ୍ରତଧାରୀ ଇଚ୍ଛା ରଖିଥାନ୍ତି। ପ୍ରତିବର୍ଷ ଏହି ଯୋଜନା ପ୍ରତି ହବିଷ୍ୟାଳି ମା'ମାନଙ୍କ ଚାହିଦା ବଢୁଛି। ଏହାର ବାସ୍ତବତାକୁ ଉପଲବ୍ଧ କରି ପ୍ରତିବର୍ଷ କିପରି ତା' ପୂର୍ବ ବର୍ଷଠାରୁ ଅଧିକ ବ୍ରତଧାରୀ ରହିବେ ସେଥିଲାଗି ସରକାର ଏବଂ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଥାନ୍ତି। ହେଲେ ଗତବର୍ଷ ଭଳି ଏ ବର୍ଷ ମଧ୍ୟ ଏଥିରେ ବ୍ୟତିକ୍ରମ ଘଟିଛି। ବିଗତ ବର୍ଷମାନଙ୍କଠାରୁ ଏ ବର୍ଷ ହବିଷ୍ୟାଳିଙ୍କ ସଂଖ୍ୟା କମାଇ ଦିଆଯାଇଛି। ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ଏହି ଆନ୍ତରିକତା ଅଭାବରୁ ଚଳିତବର୍ଷ ଆବେଦନ କରିଥିବା ଅନେକ ବ୍ରତଧାରୀ ବଞ୍ଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ପୁରୀ ଆସିଥାନ୍ତି। ପରିଣତ ବୟସରେ ହବିଷ କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ନିଜ ସମ୍ପର୍କୀୟଙ୍କ ଘରେ ରହିଥାନ୍ତି। ଏମିତି ବି ଅନେକ ବ୍ରତଧାରୀ ଅଛନ୍ତି ଯେଉଁମାନେ କେବଳ ପଞ୍ଚକ ପାଞ୍ଚଦିନ ଶ୍ରୀକ୍ଷେତ୍ର ରହି ହବିଷ କରିଥାନ୍ତି। ଏମାନେ ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ସହ ରାଇଦାମୋଦରଙ୍କୁ ପୂଜା କରିଥାନ୍ତି। ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଦିନକୁ ଥରେ ହବିଷାନ୍ନ ସେବନ କରନ୍ତି। କେହି କେହି ହାତରେ ହବିଷ୍ୟାନ୍ନ ପ୍ରସ୍ତୁତ କରୁଥିବାବେଳେ ଆଉ କେହି ମାସଟା ଯାକ ମହାପ୍ରସାଦ ମଧ୍ୟ ସେବନ କରିଥାନ୍ତି। ସାଧାରଣତଃ ଅଧିକାଂଶ ପରିଣତ ବୟସରେ ପହଞ୍ଚିଥିବା ମହିଳା ବ୍ରତ କରିବାକୁ ଶ୍ରୀକ୍ଷେତ୍ର ଆସିଥାନ୍ତି। ଏମିତି ବି ଅନେକ ମହିଳା ଅଛନ୍ତି ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପିଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବର ନବୀନ ସରକାର। ହବିଷ୍ୟାଳି ମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ ସେଥିଲାଗି ୨୦୧୬ରେ ବିଜେଡି ସରକାର ହବିଷ୍ୟାଳି ଯୋଜନା ଆରମ୍ଭ କରିଥିଲେ।

୨୦୧୬ରୁ ଏହି ଯୋଜନା ଆରମ୍ଭ ହେବା ପରଠାରୁ ପ୍ରତିବର୍ଷ ଏହାର ଚାହିଦା ବୃଦ୍ଧି ପାଇଛି। ଅର୍ଥାତ୍ ଏହି ଯୋଜନାରେ ପ୍ରତିବର୍ଷ ହବିଷ୍ୟାଳୀଙ୍କ ସଂଖ୍ୟା ବଢିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାର ଭିତ୍ତିଭୂମିକୁ ମଧ୍ୟ ବୃଦ୍ଧି କରୁଥିଲେ। କୋଭିଡ଼ ପାଇଁ ୨୦୨୦ ଏବଂ ୨୦୨୧ରେ ଏହି ଯୋଜନା ବନ୍ଦ ରହିଥିବା ବେଳେ ପୁନଶ୍ଚ ୨୦୨୨ରୁ ଆରମ୍ଭ ହୋଇଛି। ୨୦୨୨ରେ ୨୯ଟି ଜିଲ୍ଲାରୁ ପ୍ରାୟ ୩ ହଜାର ବ୍ରତଧାରୀ ଆସି ପୁରୀରେ ରହି କାର୍ତ୍ତିକ ବ୍ରତ କରିଥିଲେ। ସେହି ବର୍ଷ ହବିଷ୍ୟାଳି ମା'ମାନଙ୍କ ନିମନ୍ତେ ସ୍ଥାୟୀ ଶିବିର 'ବୃନ୍ଦାବତୀ ନିବାସ'କୁ ଉଦ୍‌ଘାଟନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଶିବିରରେ ହବିଷ୍ୟାଳିଙ୍କ ପାଇଁ ଅତ୍ୟାଧୁନିକ ସୁବିଧା କରାଯାଇଥିଲା। ସେହିପରି ଆହୁରି ୪ଟି ଶିବିର ବଗଲା ଧର୍ମଶାଳା, ଅକ୍ଷୟପାତ୍ର ଫାଉଣ୍ଡେଶନ, ବାଗେଡିଆ ଧର୍ମଶାଳା ଏବଂ ମୋଚିସାହି କଲ୍ୟାଣମଣ୍ଡପରେ ରହିଥିଲେ ବ୍ରତଧାରୀ। ୨୦୨୩ରେ ବି ୫ଟି ଶିବିର ଅର୍ଥାତ୍ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପରେ ପ୍ରାୟ ୩,୨୦୦ରୁ ଅଧିକ ହବିଷ୍ୟାଳୀ ମା'ମାନେ ରହି ବ୍ରତ ପାଳନ କରିଥିଲେ।

୨୦୨୪ରେ ରାଜ୍ୟରେ ଆସିଥିଲା ନୂଆ ସରକାର। ତେଣୁ ବ୍ରତଧାରୀମାନେ ଅଧିକ ସଂଖ୍ୟାରେ ଏହି ଯୋଜନାରେ ସାମିଲ ହେବେ ବୋଲି ଆଶା କରିଥିଲେ। ହେଲେ ସେମାନଙ୍କ ଆଶା ନିରାଶାରେ ପରିଣତ ହୋଇଥିଲା। ସରକାର ହବିଷ୍ୟାଳିଙ୍କ ସଂଖ୍ୟା କମାଇ ୨,୫୦୦ ଖସାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ବେଶ୍ ହୋ ହଲ୍ଲା ହୋଇଥିଲା। ଏଥର ସରକାର ପୂର୍ବରୁ ଯେଉଁଭଳି ଭାବେ ୩୦୦୦ରୁ ଅଧିକ ବ୍ରତଧାରୀ ରହୁଥିଲେ ସେଭଳି ବ୍ୟବସ୍ଥା କରିବେ ବୋଲି ଆଶା କରାଯାଉଥିଲା। ହେଲେ ସେମିତି ବ୍ୟବସ୍ଥା ହେଉନି। ଚଳିତବର୍ଷ ସ୍ଥାୟୀ କେନ୍ଦ୍ର ବୃନ୍ଦାବତୀ ନିବାସ ସମେତ ୪ଟି କେନ୍ଦ୍ରରେ ୨,୫୦୦ ହବିଷ୍ୟାଳିଙ୍କ ରହଣି ବ୍ୟବସ୍ଥା କରାଯାଉଛି। ସେହିପରି ହବିଷ୍ୟାଳିଙ୍କ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିବା ବେଳେ ବିନା ପଞ୍ଜିକରଣରେ କେହି ନ ଆସିବା ପାଇଁ ଆଗୁଆ ସତର୍କ କରିଛି ଜିଲ୍ଲାପ୍ରଶାସନ। ତେଣୁ ଏଥର ବି ଅନେକ ବ୍ରତଧାରୀ ହବିଷ୍ୟାଳି ଯୋଜନାର ସୁବିଧାରୁ ବଞ୍ଚିତ ହେବେ ଏଥିରେ ସନ୍ଦେହ ନାହିଁ।

### ଆଜିଠୁ ଅନ୍‌ଲାଇନ ପଞ୍ଜୀକରଣ

ପୁରୀ,୧୮।୯(ସମିସ): ଶ୍ରୀକ୍ଷେତ୍ରରେ କାର୍ତ୍ତିକ ମାସରେ 'ରାଇଦାମୋଦର ବ୍ରତ' ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ହବିଷ୍ୟାଳି ଯୋଜନା କାର୍ଯ୍ୟକାରୀ ହେଉଛି। ମୁଖ୍ୟତଃ ହବିଷ୍ୟାଳି ମା'ମାନଙ୍କ ରହଣି, ଶ୍ରୀଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଶ୍ରବଣ ସାଙ୍ଗକୁ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଛି। ଯେଉଁମାନେ ଏହି ଯୋଜନାରେ ଆସିବେ ସେମାନଙ୍କୁ ନାମ ପଞ୍ଜୀକରଣ କରିବାକୁ ପଡିବ। ତେଣୁ ଆଗ୍ରହୀ ହବିଷ୍ୟାଳିମାନେ ସେପ୍ଟେମ୍ବର ୧୯ ତାରିଖରୁ edistrict.odisha.gov.in ମାଧ୍ୟମରେ ପଞ୍ଜୀକରଣ କରିବେ।

## ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସାମଗ୍ରୀ ଚୋରି

ଭୁବନେଶ୍ୱର,୧୮।୯(ସମିସ): ଗତ ବିଧାନସଭା ଚାଲିଥିଲା ବେଳେ ବିଧାନସଭା ପରିସରରୁ କଂଗ୍ରେସ ବିଧାୟକଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ସାର୍ଟ ଚୋରି ହୋଇଗଲା। ଚୋରି ସମ୍ପର୍କିତ ଅଭିଯୋଗ କରି ବିଧାୟକମାନେ ବାଚସ୍ପତିଙ୍କୁ ଜଣାଇଥିଲା। ହେଲେ ଏପର୍ଯ୍ୟନ୍ତ ଚୋରି ଜିନିଷ ଠାବ ହୋଇ ପାରି ନାହିଁ। କିଏ ଚୋରି କଲା ତାକୁ ବି ଖୋଜାଗଲା ନାହିଁ। ତେଣୁ ଏହି ଜିନିଷପତ୍ର ଫେରାଇ ଦିଆଯାଉ ବୋଲି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ।

ନାରୀ ନିର୍ଯ୍ୟାତନା ବୃଦ୍ଧିକୁ ପ୍ରସଙ୍ଗ କରି ବିଧାନସଭା ତଦନ୍ତ କମିଟି ଗଠନ କରିବା ଦାବି କରୁଥିଲା ବେଳେ କଂଗ୍ରେସ ବିଧାୟକମାନଙ୍କୁ ଗୃହରୁ ନିଲମ୍ବିତ କରାଯାଇଥିଲା। ନିଲମ୍ବିତ

### ବାଚସ୍ପତିଙ୍କୁ ଚିଠି ଲେଖିଲେ କଂଗ୍ରେସ ବିଧାୟକ ଦଳ ନେତା

ହୋଇଥିବା ବିଧାୟକମାନେ ୨୬ ମାର୍ଚ୍ଚ୨ଟା ୩୦ ମିନିଟ ସମୟରେ ବିଧାନସଭା ଗୃହ ମଧ୍ୟକୁ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ସାର୍ଟ ମଧ୍ୟ ଚୋରି କରିନେଇଥିବା ଅଭିଯୋଗ ବାଚସ୍ପତିଙ୍କ ନିକଟରେ କରାଯାଇଥିଲା। ଆଜି ମୌସୁମୀ ବିଧାନସଭା ଆରମ୍ଭ ହୋଇଛି। ଚୋରି ହୋଇଥିବା ଜିନିଷ ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ କିମ୍ବା ସେ ସମ୍ପର୍କରେ ବିଧାନସଭା କାର୍ଯ୍ୟାଳୟ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ତେଣୁ ଚୋରି ହୋଇଥିବା ଜିନିଷପତ୍ରର ତୁରନ୍ତ ଉଦ୍ଧାର ପାଇଁ ଉଚିତ ପଦକ୍ଷେପ ନେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପୁଲିସ-ମାଓବାଦୀ ଗୁଳି ବିନିମୟ; ଯବାନ ଗୁରୁତର

ଭଞ୍ଜନଗର,୧୮।୯(ସମିସ): ଗଞ୍ଜାମ-କନ୍ଧମାଳ ସୀମାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଅପରାହ୍ନରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଏସ୍‌ଓଜି ଯବାନଙ୍କ ଦେହରେ ଗୁଳି ବାଜିଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଞ୍ଜନଗର ମେଡିକାଲ ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଯବାନ ଜଣକ ପ୍ରେମ ମାଝି ବୋଲି ସୂଚନା ମିଳିଛି। ଗୁରୁବାର ଅପରାହ୍ନ ୪ଟାରେ ଉଭୟ ଜିଲ୍ଲାର ସୀମାରେ ଥିବା ଇନ୍ଦ୍ରଗଡ଼ ଜଙ୍ଗଲରେ ଏସ୍‌ଓଜି ଯବାନଙ୍କ କମ୍ବିଂ ଅପରେସନ ଜାରି ରଖିଥିବାବେଳେ ଅତର୍କିତ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଫଳରେ ଉଭୟ ପକ୍ଷରୁ ଗୁଳିବିନିମୟ ହୋଇଥିଲା। ମାଓବାଦୀଙ୍କ ଗୁଳିରେ ପ୍ରେମ ମାଝି ଗୁରୁତର ହୋଇଥିଲେ। ଗୁଳି ତାଙ୍କର ପେଟରେ ବାଜିଥିବା ଜଣାପଡ଼ିଛି। ତୁରନ୍ତ ଯବାନଙ୍କୁ ମେଡିକାଲ ନିଆଯାଇଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବାବେଳେ ସବିଶେଷ ସୂଚନା ମିଳିପାରିନାହିଁ।



ପୁଣି ଲାଗିଲା ମାଓ ବ୍ୟାନର୍

## ସ୍ଥିତି ଜାହିର କଲା କେକେବିଏନ୍ ମାଓ ସଂଗଠନ

ବାଲିଗୁଡ଼ା,୧୮।୯(ସମିସ): କିଛି ଦିନର ନିରବତା ପରେ ପୁଣି କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ସ୍ଥିତି ଜାହିର କରିଛନ୍ତି ମାଓବାଦୀ। କେକେବିଏନ୍ ସିପିଆଇ ମାଓ ସଂଗଠନ ବାଲିଗୁଡ଼ା ଥାନା ବାରଖମା ଫାଣ୍ଡି ସୁଦ୍ରା ଯିବା ରାସ୍ତାର ଡାବୁଡ଼କା ଘାଟିରେ ରାସ୍ତାକଡ଼ରେ ବ୍ୟାନର୍ ଲଗାଇଛି। ଏଥିରେ ୨୧ ତମ ପ୍ରତିଷ୍ଠା ଦିବସକୁ ୨୧ ସେପ୍ଟେମ୍ବରଠାରୁ ୨୧ ଅକ୍ଟୋବର ଯାଏ ପାଳନ କରିବା ସହ ବିପ୍ଳବୀଙ୍କୁ ଉତ୍ସାହିତ କରିବାକୁ ଉଲ୍ଲେଖ ରହିଛି। ଏହାସହ ଶତ୍ରୁ ଦ୍ୱାରା ମାଓ ଦମନ ପାଇଁ ଚଲାଯାଉଥିବା ଅପରେସନକୁ ହରାଇବା, ପାର୍ଟି ଓ ବିପ୍ଳବୀ ଆନ୍ଦୋଳନକୁ ବଞ୍ଚାଇବା ଏବଂ ମୂଳନିବାସୀ ଭାଷା, ଧର୍ମ ଓ ରୀତି ରିବାଜକୁ ବଞ୍ଚାଇବାକୁ ଏହି ବ୍ୟାନରରେ ଆହ୍ୱାନ ଦିଆଯାଇଛି। ରାସ୍ତା ପାର୍ଶ୍ୱରେ ଏପରି ବ୍ୟାନର୍, ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

## ଖୋର୍ଦ୍ଧା ଜିଲ୍ଲାରେ ମାଳମାଳ ବେଆଇନ ପାଥୋଲାବ୍

ଭୁବନେଶ୍ୱର, ୧୮।୯ (ସମିସ): ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଭାବେ ମାଳାମାଳ ପାଥୋଲାବ୍ ଓ ପରୀକ୍ଷାଗାର ଖୋଲିଛି। ଏହି ଲାବ୍‌ଗୁଡ଼ିକର ଭୁଲ୍ ରିପୋର୍ଟ ରୋଗୀମାନଙ୍କୁ ମୃତ୍ୟୁମୁଖରେ ପକାଉଛି। କେତେକାଂଶରେ ସୁସ୍ଥ ରୋଗୀ ଭୁଲ୍ ଚିକିତ୍ସା ଓ ଔଷଧ ସେବନ କରି ପାର୍ଶ୍ୱପ୍ରତିକ୍ରିୟାର ଶିକାର ହେଉଛନ୍ତି। ସାଧାରଣଲୋକ ଏହା ବିରୋଧରେ କେଉଁଠି ଅଭିଯୋଗ କରିବେ, ଜାଣି ନପାରି ଚୁପ୍ ବସୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ବି ସବୁ ଜାଣି ନ ଜାଣିବା ଭଳି ଅଭିନୟ କରୁଛି। ବେଆଇନ ପାଥୋଲାବ୍‌ର ଯାଞ୍ଚ ହେଉନି କି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଏମିତିକି, ଅଧିକାଂଶ ପଞ୍ଜିକୃତ ପାଥୋଲାବ୍‌ରେ ଅନଭିଜ୍ଞ ଲୋକମାନେ ପରୀକ୍ଷାନିରୀକ୍ଷା କରୁଛନ୍ତି। ଫଳସ୍ୱରୂପ ଭୁଲ୍ ରିପୋର୍ଟ ବାହାରୁଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟାନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ମୋଟ ଉପରେ ୪୪ଟି ପାଥୋଲାବ୍ ସରକାରଙ୍କ ପାଖରେ ପଞ୍ଜୀକରଣ କରିଛନ୍ତି। ଏଥିରୁ କେବଳ ଭୁବନେଶ୍ୱରରେ ୩୯ଟି ଥିବା ବେଳେ ଖୋର୍ଦ୍ଧାରେ ୩ଟି, ଜଟଣୀରେ ଗୋଟିଏ, ବାଲିଅନ୍ତା ବ୍ଲକ୍‌ର ବାଳକାଟିରେ ଗୋଟିଏ ଲାବ୍ ରହିଛି। ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ବାଣପୁର ବାଲୁଗାଁ, ଚିଲିକା, ବାଲିପାଟଣା ଅଞ୍ଚଳରେ ଚାଲୁଥିବା ଶତାଧିକ ଘରୋଇ ପାଥୋଲାବ୍ ବେଆଇନ ଭାବେ ଚାଲିଛି। ଏଥିସହ ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧାରେ ଗଳିକନ୍ଦିରେ ଖୋଲିଥିବା ଅନେକ ପାଥୋଲାବ୍ ବିନା ପଞ୍ଜୀକରଣରେ ଚାଲିଛି। ବର୍ଷତମାମ ବେଆଇନ ଭାବେ ଚାଲିଥିବା ଏହି ପାଥୋଲାବଗୁଡ଼ିକ ପ୍ରତି ସ୍ୱାସ୍ଥ୍ୟ ବିଭାଗ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ, ସରକାର ରାଜସ୍ୱ ହରାଉଥିବା ବେଳେ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

■ ୪୪କୁ ମିଳିଛି ଅନୁମତି, ଖୋଲିଛି ଶତାଧିକ
■ ମୃତ୍ୟୁ ମୁଖରେ ରୋଗୀ, ରାଜସ୍ୱ ହରାଉଛନ୍ତି ସରକାର

ପୁଣି ଅଧିକାଂଶ ରୋଗୀଙ୍କର ରିପୋର୍ଟ ତ୍ରୁଟିପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତ ବଢ଼ିଚାଲିଛି।

ଅଭିଯୋଗ ଅନୁସାରେ, ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକ୍ନିସିଆନ ସାର୍ଟିଫିକେଟ୍ ମିଳିଯାଉଛି। ସାର୍ଟିଫିକେଟ ହାସଲ ପରେ ପାଥୋଲାବ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯାଉଛି। ବ୍ୟାବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହେଉଛନ୍ତି। ଅନ୍ୟପକ୍ଷେ, ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁ ବ୍ଲଡ୍ ଗ୍ରୁପ୍ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ୍ ଗ୍ରୁପ୍ ମଧ୍ୟ ଭିନ୍ନ ହୋଇଯାଉଛି। ପୁଣି ବିଭିନ୍ନ ପରୀକ୍ଷଣ ରିପୋର୍ଟରେ ତ୍ରୁଟି ରହୁଛି। ଫଳରେ କେତେକ କ୍ଷେତ୍ରରେ ରୋଗୀ ଗୁରୁତର ଓ ପ୍ରାଣ ହରାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗକୁ ଚାପି ଦିଆଯାଉଥିବା ଅଭିଯୋଗ ହେଉଛି। ପାଥୋଲାବ୍ ପରୀକ୍ଷାଗାର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କ ନିକଟରେ ନିର୍ଦ୍ଧାରିତ ଟଙ୍କା ଜମା କରି ପଞ୍ଜୀକୃତ କରାଯାଇପାରିବ। ହେଲେ ବିନା ପଞ୍ଜୀକରଣରେ ପାଥୋଲାବ୍ ଚାଲିଥିବାରୁ ସରକାରଙ୍କ ନିୟମକୁ ଅଣଦେଖା କରାଯାଉଛି।

ଏ ସମ୍ପର୍କରେ ରୋଗୀ ସମ୍ପର୍କୀୟ ବିଶିକେଶନ ବରାଳ କହିଛନ୍ତି, କେଉଁ ପାଥୋଲାବ ବେଆଇନ ଓ କିଏ ପଞ୍ଜିକୃତ ରୋଗୀମାନେ କିପରି ଜାଣିବେ। ରୋଗୀ ପରୀକ୍ଷା କରି ଶୀଘ୍ର ଡାକ୍ତର ପାଖକୁ ଯିବାକୁ ତରବର ହୋଇଥାଏ। ସବୁ ପାଥୋଲାବ ଲୋକଙ୍କୁ ପରୀକ୍ଷଣ କରୁଛନ୍ତି। କିଏ ଅସଲି କିଏ ନକଲି ରୋଗୀ ଜାଣିନପାରି ଟଙ୍କା ଖର୍ଚ୍ଚ କରି ବିପଦକୁ ଆମନ୍ତ୍ରଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତଦନ୍ତ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ ରୋଗୀଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏନେଇ ଆମେ ତଦନ୍ତ କରିବୁ। ଯେଉଁମାନେ ପଞ୍ଜୀକୃତ ନ କରି ପାଥୋଲାବ୍ ପରୀକ୍ଷାଗାର କରିଛନ୍ତି, ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ପତ୍ନୀ ଦୃଷ୍ଟିଶକ୍ତି ହରାଇବାରୁ ହାତ ଛାଡ଼ିଦେଲେ ଯବାନ

ବାରିପଦା, ୧୮।୯(ସମିସ): ଏକ ଦୁର୍ଘଟଣାରେ ଦୃଷ୍ଟିଶକ୍ତି ହରାଇବା ପରେ ଅସହାୟ ପତ୍ନୀର ହାତ ଛାଡ଼ିଦେଲେ ଜଣେ ସିଆରପିଏଫ ଯବାନ। ପ୍ରେମ ବିବାହ କରି ସାତଜନମର ସାଥୀ ହେବାର ଶପଥ ନେଇ ଏବେ ପତ୍ନୀଙ୍କ ବିପଦ ସମୟରେ ଠକିଦେଇ ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଛନ୍ତି ସ୍ୱାମୀ। ସେପଟେ, ନ୍ୟାୟ ପାଇଁ ଏବେ ବାରଦ୍ୱାର ହେଉଛନ୍ତି ଦୃଷ୍ଟିବାଧିତ ପତ୍ନୀ। ଏଭଳି ଏକ ଦୁଃଖଦ ଓ ଅଭାବନୀୟ ଅଭିଯୋଗ ଆସିଛି, ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଭୋଲାଗଡ଼ିଆ ଗ୍ରାମରୁ।

୨୦୧୮ ନଭେମ୍ବର ୨୫ରେ ଭୋଲାଗଡ଼ିଆର ଲକ୍ଷ୍ମଣ ମାର୍ଣ୍ଡିଙ୍କ ବଡ଼ ଝିଅ ସୀତାମଣିଙ୍କୁ ବଡ଼ଓଲିଆ ଗ୍ରାମର ଗୁମୁଦା ହାଁସଦା ପ୍ରେମବିବାହ କରିଥିଲେ। ଗୁମୁଦା ଜଣେ ସିଆରପିଏଫ୍ ଯବାନ ହୋଇଥିବା ବେଳେ ଏବେ ସେ ବିହାର-୨୦୫ ବାଟାଲିୟନରେ କାର୍ଯ୍ୟରତ। ବିବାହର କିଛି ବର୍ଷ ହସଖୁସିରେ କଟିଥିଲା। ତେବେ ୨୦୨୪ ସେପ୍ଟେମ୍ବର ୪ରେ ସ୍ୱାମୀ-ସ୍ତ୍ରୀ ବାଇକ୍‌ରେ ଖୁଣ୍ଟା-ଉଦଳା ରାସ୍ତାରେ ଯାଉଥିବା ବେଳେ ଏକ ଦୁର୍ଘଟଣା ସେମାନଙ୍କ ହସଖୁସି ଛଡ଼ାଇନେଲା। ଦୁର୍ଘଟଣାରେ ଦୁହେଁ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କିଛି ଦିନ ପରେ ସ୍ୱାମୀ ଗୁମୁଦା ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରି ଚାକିରିରେ ଯୋଗ ଦେଇଥିବା ବେଳେ ପତ୍ନୀ ସୀତାମଣି ଦୀର୍ଘ ଦୁଇ ମାସ କାଳ ଆଇସିୟୁରେ ରହି ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ହୋଇ ବାହାରକୁ ବାହାରିଥିଲେ। ହେଲେ ସୀତାମଣି ଏହି



ଦୁର୍ଘଟଣାରେ ନିଜର ଦୃଷ୍ଟିଶକ୍ତି ହରାଇଥିଲେ। ତାଙ୍କର ଦୁଇଟି ଯାକ ଆଖି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ସେ ଦେଖିପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ଏପରିକି, ସ୍ପଷ୍ଟ ଭାବେ କଥା ମଧ୍ୟ କହିପାରୁନାହାନ୍ତି। ଅନ୍ୟର ସାହାରାରେ ସେ ବାଟ ଚାଲୁଛନ୍ତି। ତେବେ, ପତ୍ନୀଙ୍କ ଏଭଳି ଦୁର୍ଦ୍ଦିନ ସମୟରେ ହାତ ଛାଡ଼ିଦେଇଛନ୍ତି ଯବାନ ସ୍ୱାମୀ। ସ୍ୱାମୀ ହତାଦର କରିବା ପରେ ଏବେ ସୀତାମଣି ତାଙ୍କ ବାପଘରେ ରହୁଛନ୍ତି।

ଅନ୍ୟପକ୍ଷେ, ଯବାନ ସ୍ୱାମୀ ଗୁମୁଦା ତାଙ୍କର କୌଣସି କଥା ନ ବୁଝି ଏବେ ଦ୍ୱିତୀୟ ବିବାହ କରିବା ପାଇଁ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସୀତାମଣି ଖୁଣ୍ଟା ଥାନା, ସିଆରପିଏ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ ପରେ ମଧ୍ୟ ନିରାଶ ହୋଇଛନ୍ତି।

■ ନ୍ୟାୟ ପାଇଁ ମହିଳାଙ୍କ ବାପା-ମା' ଜିଲ୍ଲାପାଳଙ୍କ ଦ୍ୱାରସ୍ଥ
■ ଦ୍ୱିତୀୟ ବିବାହ ପାଇଁ ସ୍ୱାମୀ ହେଉଛନ୍ତି ସଜବାଜ

ଫଳରେ, ସୀତାମଣିଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ଏନେଇ ସେ ଗୁରୁବାର ନିଜ ବୃଦ୍ଧ ବାପା ମା'ଙ୍କ ସହ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଶ୍ରୀ ମଲ୍ଲିକ ଅଭିଯୋଗ ଶୁଣିବା ପରେ ଜିଲ୍ଲାପାଳଙ୍କୁ ଅବଗତ କରି ଯଥାଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ଫାଣ୍ଡି ନିକଟ ଗହଣା ଦୋକାନରୁ ଲୁଟ୍

# ୫ କେଜି ରୁପା ଓ ୩୫ ଗ୍ରାମ୍ ସୁନା ଲୁଟିନେଲେ ଦୁର୍ବୃତ୍ତ

ରାଜଘାଟ, ୧୮।୯ (ସମିସ)

ବସ୍ତା ଥାନା ଅମର୍ଦ୍ଦାରୋଡ ଫାଣ୍ଡି ନିକଟରେ ଥିବା ଏକ ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଶ୍ୱକର୍ମା ପୂଜା ରାତିରେ ଦୋକାନରେ ପୂଜାର ଅଫର ଯୋଗୁଁ ଭିଡ଼ ଥିବାରୁ ଦୋକାନୀ ବିଷ୍ଣୁପଦ ରଣା ବିଳମ୍ବିତ ରାତିରେ ଦୋକାନ ବନ୍ଦ କରିଥିଲେ। ମାତ୍ର ସକାଳେ ପଡ଼ୋଶୀ ଦୋକାନୀ ଫୋନ ଯୋଗେ ଦୋକାନରୁ ଚୋରି ହୋଇଥିବା ନେଇ ଶ୍ରୀ




ଜେନାଙ୍କୁ ଖବର ଦେଇଥିଲେ। ଆସି ଦେଖିବାରୁ ଦୋକାନର ସିସିଟିଭି ତାର କାଟିବା ସହ ସଟର ତାଡ଼ି ଦୋକାନର ଥିବା ୫ କେଜି ରୁପା ସହ ୩୫ ଗ୍ରାମ ସୁନା ଦୁର୍ବୃତ୍ତ ଚୋରି କରିଥିବା ଜାଣିବାକୁ ପାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ। ପୁଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ କରୁଥିବା ବେଳେ ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ ପହଞ୍ଚି ଛାନଭିନ ଜାରି ରଖିଛି। ତେବେ ଫାଣ୍ଡି ଠାରୁ ମାତ୍ର ୨୦୦ ମିଟର ଦୂରରେ ଦୋକାନଟିରୁ ଚୋରି ହୋଇଥିବା ବେଳେ ପୁଲିସ ପାଟ୍ରୋଲିଂକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା

ଭୋଗରାଇ, ୧୮।୯ (ସମିସ) : ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଆଜି ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗ ଦେଇ ଏନ ଏସ୍ ଏସ୍ ପତାକା ଉତ୍ତୋଳନ କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ




ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ରାଣୀ ଭଞ୍ଜ ପୌରୋହିତ୍ୟ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଜେପି ନେତ୍ରୀ ଅନିମା ପାଣିଗ୍ରାହୀ, ପରିଚାଳନା ସମିତିର ଅନ୍ୟତମ ସଦସ୍ୟା ଆବାହନୀ ଦାସ, ବୀରେନ୍ଦ୍ର କୁମାର ଦାସ, ଅଧ୍ୟାପକ ରାଜୀବ ଲୋଚନ ପରିଡ଼ା, ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ, ସରୋଜ କୁମାର ଦାସ, ଜ୍ୟୋତ୍ସ୍ନା ରାଣୀ ନାୟକ, ସୁବ୍ରତ କୁମାର ଦାସ, ପ୍ରଦୀପ କୁମାର ପାତ୍ର, ଶକ୍ତିପଦ ଜେନା, କାଞ୍ଚନବାଳା ଦାସ ପ୍ରମୁଖ ଯୋଗ ଦେଇ ଜାତୀୟ ସେବା ଯୋଜନାର ମହତ୍ୱ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ। ପ୍ରୋଗ୍ରାମ ଅଫିସର ସାଧନା ନାୟକ ଚଳିତ ବର୍ଷ ଭୋଗରାଇର ୧୦ ନଂ ୱାର୍ଡକୁ ପୋଷ୍ୟ ଗ୍ରାମ ଗ୍ରହଣ କରାଯାଇଥିବା ସୂଚନା ଦେବା ସହ ୧୮ ସେପ୍ଟେମ୍ବରଠାରୁ ୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବାକୁ ଥିବା ଏହି ଶିବିରର ରୂପରେଖ ଓ ଯୋଜନା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶ୍ରୀ ବଳରାମ ବିଶି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ନାୟକ ସ୍ୱାଗତ ଭାଷଣ ଓ ଅଧ୍ୟାପିକା କୁମାରୀ ସଂଯୁକ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏନ ଏସ୍ ଏସ୍ ସ୍ୱେଚ୍ଛାସେବୀ ଛାତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାମୁଦ୍ରିକ ଜୈବ ବର୍ଜ୍ୟବସ୍ତୁର ଉପଯୋଗିତା




କାଳିପଦା,୧୮।୯ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ସାମୁଦ୍ରିକ ଜୈବ ବର୍ଜ୍ୟବସ୍ତୁର ଉପଯୋଗୀତା ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସେମିନାରରେ ବାଲେଶ୍ୱର କୁନ୍ତଳା କୁମାରୀ ସାବତ ସରକାରୀ ମହିଳା କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ସହକାରୀ ପ୍ରାଧ୍ୟାପିକା ଡ. ଜ୍ୟୋତିର୍ମୟୀ ପ୍ରଧାନ ଆର.ପି.ଭାବରେ ଯୋଗ ଦେଇ ବିଷୟ ବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉଦ୍‌ବୋଧନ ପ୍ରଦାନ କରିଥିଲେ। ସ୍ୱାତୀସ୍ମିତା ଜେନା, ନମ୍ରତା ଦାସ, ଗୀତାଞ୍ଜଳି ସାହୁ, ଅଞ୍ଜଳି ସାହୁ, ବବିରାଣୀ ଦାସ ପ୍ରମୁଖ ଛାତ୍ରୀମାନେ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଜିତ କୁମାର ଭୂୟାଁ ଅତିଥି ପରିଚୟ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଗାପୂଜା ପାଇଁ ଭୋଗରାଇ ଥାନାରେ ଶାନ୍ତି କମିଟି ବୈଠକ


ଭୋଗରାଇ, ୧୮।୯ (ସମିସ): ଭୋଗରାଇ ଥାନା ପରିସରରେ ଦୁର୍ଗାପୂଜା ଉପଲକ୍ଷେ ଆଜି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳଙ୍କ ସଭାପତିତ୍ୱରେ ଏହି କମିଟି ଆହ୍ୱାନ କରାଯାଇଥିଲା। ଏଥିରେ ଭୋଗରାଇ ଏଏସଆଇ ଅର୍ପିତା ଦାସ, ପ୍ରିୟଦର୍ଶିନୀ ଖଟୁଆ ପ୍ରମୁଖ ଉପସ୍ଥିତ ହୋଇ ଭୋଗରାଇ ଥାନା ଅଧୀନରେ ୨୭ଟି ପୂଜା ମଣ୍ଡପର ସଭାପତି ଓ ସମ୍ପାଦକଙ୍କୁ ନେଇ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଜା, ଘଣ୍ଟା, ତାଲି, ଶଙ୍ଖ ଓ ଅଳ୍ପ ଶବ୍ଦରେ ଡ଼ାକବାଜି ଯନ୍ତ୍ରର ବ୍ୟବହାର କରିବା ପାଇଁ ସୂଚନା ଦିଆଯାଇଥିଲା। ଡିଜେକୁ ସମ୍ପୂର୍ଣ୍ଣ ନିଷେଧ



କରାଯାଇଥିଲା। ଯେଉଁ ପୂଜା ମଣ୍ଡପରେ ଡିଜେ ବାଜିବା ଖବର ପାଇଲେ ପୁଲିସ ସେଠାକୁ ଯାଇ ବନ୍ଦ କରିବା ସହିତ ପୂଜା କମିଟି ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଭୋଗରାଇ ଥାନା ଅଧୀନରେ ୨୭ଟି ପୂଜା ମଣ୍ଡପ ମଧ୍ୟରୁ ୩ଟି ମଣ୍ଡପରେ ରାବଣପୋଡ଼ି ହେବାର ସୂଚନା ମିଳିଛି। ସମସ୍ତ ପୂଜା ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଯଥା ମେଲୋଡି ନୃତ୍ୟ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଗୁଡିକ ରାତ୍ରି ୧୦ ଘଟିକା ସମୟ ପର୍ଯ୍ୟନ୍ତ ଚାଲୁରହିବ ସେଥିରୁ ଅବମାନନା କଲେ ସେ ପୂଜା ମଣ୍ଡପ ଉପରେ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ସିମୁଳିଆରେ ବିଶ୍ୱକର୍ମା ପୂଜା

ସିମୁଳିଆ, ୧୮।୯ (ସମିସ): ମାର୍କୋଣା ବସ୍‌ଷ୍ଟାଣ୍ଡରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେଉଛି। ଅଟୋ ଚାଳକ ସଙ୍ଘ, ଶ୍ରମିକ ସଙ୍ଘ, ଗାଡି ମାଲିକଙ୍କ ମିଳିତ ଆନୁକୂଲ୍ୟରେ କମିଟି ସଭାପତି ଦୀପକ କୁମାର ମହାପାତ୍ର. ସମ୍ପାଦକ ପ୍ରଦୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ବହୁ ଆଡ଼ମ୍ବରରେ ପୂଜା ହୋଇଛି। ଏହି ମେଢ଼ ତିନିଦିନ ରହୁଥିବାରୁ ଭକ୍ତଙ୍କ ଭିଡ ଲାଗୁଛି।



## ଜାତୀୟ ସେବା ଯୋଜନା ପକ୍ଷରୁ ବୃକ୍ଷରୋପଣ




କାଳିପଦା, ୧୮।୯ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ଜାତୀୟ ସେବା ଯୋଜନା ପୁରୁଷ ଓ ମହିଳା ୟୁନିଟ ପକ୍ଷରୁ ବୁଧବାର କଲେଜ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ଏନଏସଏସ ସ୍ୱେଚ୍ଛାସେବୀ ମାନେ କଲେଜ ପରିସରରେ ଜାମୁ, ଦେବଦାରୁ, ବଉଳ, କରଞ୍ଜ, ଆକାଶିଆ, ଅଶୋକ ଆଦି ଶତାଧିକ ଚାରାକୁ ରୋପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ଅଧ୍ୟାପିକା ମିତା ରାଣୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ବସ୍ତା ବାଲିଆପାଳ ଓ ଜାମଶୂଳୀ ପାଡ଼ଁଶକୁଲି ମୁଖ୍ୟ ରାସ୍ତାର ଉଭୟେ ପାର୍ଶ୍ୱରେ ମଧ ସ୍ୱେଚ୍ଛାସେବୀ ମାନେ ଚାରାରୋପଣ କରିଥିଲେ।

## ସଙ୍ଗୀତ ନିର୍ଦ୍ଦେଶକ ବିମଳେନ୍ଦୁଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୧୮।୯ (ସମିସ) : କଳା ସଂସ୍କୃତି ସମ୍ପନ୍ନ ଜଳେଶ୍ୱର ମାଟିର ସୁଯୋଗ୍ୟ ସନ୍ତାନ ଭାବେ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ବିମଳେନ୍ଦୁ ଦାସ ମହାପାତ୍ରଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚୁଘଣ୍ଟା ଗ୍ରାମସ୍ଥିତ ନିଜ ବାସଭବନରେ ଆୟୋଜିତ ସଭାରେ ପ୍ରକୃତି ପ୍ରେମୀ ବିରଜା ପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ଦାସ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ, ସମ୍ମାନିତ ଅତିଥି ଭାବେ ତୁଷାର କାନ୍ତୀ ମହାପାତ୍ର, ଜଗନ୍ନାଥ ଚେତନାର ରାଜ୍ୟ ପ୍ରଚାରକ ହରି ଭାଇ ମଞ୍ଚାସୀନ ହୋଇ ଦିବଂଗତ



କଳାକାରଙ୍କ ସ୍ମୃତି ମଧୁର ସ୍ୱର ସଂଯୋଜନା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଏକମାତ୍ର ପୁତ୍ର ଇଂ ସୋମନାଥ ଦାସ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ କ୍ୱାଇଁ ଅଶ୍ୱିନୀ ପ୍ରଧାନ, ଦୀପକ ଦାସ ମହାପାତ୍ର, ବନ୍ଧୁବାନ୍ଧବ, ଜ୍ଞାତି କୁଟୁମ୍ବ ପ୍ରମୁଖ ସ୍ମୃତି ଚାରଣ କରି ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ମହେଶ୍ୱର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ଭିନ୍ନକ୍ଷମ ବାସନ୍ତୀଙ୍କୁ ନରସିମା କ୍ଲବର ସହାୟତା

ଜଳେଶ୍ୱର, ୧୮।୯ (ସମିସ): ମାଁ ଦୁର୍ଗାଙ୍କ ଧରାବତରଣ ଆଗତ ପ୍ରାୟ। ସମସ୍ତେ ପ୍ରାକ୍ ପ୍ରସ୍ତୁତିରେ ମାତିଥିବା ବେଳେ ଲକ୍ଷ୍ମଣନାଥ ପଞ୍ଚାୟତ ଗୋପ ଗାଁର ସ୍ୱାମୀ, ପୁତ୍ରହରା ଭିନ୍ନକ୍ଷମ ଅସହାୟା ବାସନ୍ତୀ ଦେହୁରୀଙ୍କ ଦୁଃଖ ବାବଦରେ 'ସକାଳ'ରେ ପ୍ରକାଶିତ ହୋଇଥିଲା। ଖବର ପାଇ ଜଳେଶ୍ୱର ମ୍ୟୁନିସିପାଲଟି ନୂଆ ବଜାର ଅଞ୍ଚଳରେ ଗଢ଼ି ଉଠିଥିବ। ନରସିମା କ୍ଲବର ସଭ୍ୟ ମାନେ ସହାୟତା ପାଇଁ




ହାତ ବଢ଼ାଇଥିଲେ। ଉପଦେଷ୍ଟା ଯୁବ ସମାଜସେବୀ ରାଜେଶ ଖଟୁଆଙ୍କ ନେତୃତ୍ୱରେ କ୍ଲବର ସଦସ୍ୟଙ୍କ ସହଯୋଗରେ ବାସନ୍ତୀ ଦେହୁରୀଙ୍କ ନିକଟରେ ପହଞ୍ଚି ନୂଆ ଲୁଗାପଟା, ରାସନ୍ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ନଗଦ ୨ହଜାର ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ସାଗର ସେନାପତି, ଜ୍ୟୋତିପ୍ରକାଶ ନାୟକ, ସୌମ୍ୟରଞ୍ଜନ କର, ହିମାଂଶୁ ସାହୁ, କ୍ଷିତୀଶ ବ୍ରହ୍ମ, ରନିତ ଦାସ, ସଞ୍ଜୀବ ଜେନା, ଆକାଶ ପାତ୍ର, ଶୁଭମ ଦାସ, ପ୍ରଦୀପ ପରିଡ଼ା, ଶୋବନ ସୁନ୍ଦର ଜେନା, ରାକେଶ ଜେନା, ଅଭିଜିତ ସାହୁ, ସତ୍ୟନାରାୟଣ ଦାସ, ମହେଶ୍ୱର ଗିରି ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବାଜପେୟୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର ବ୍ଲକ, ୧୮।୯ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ଓଲମରା ଗ୍ରାମ ପଞ୍ଚାୟତର ରାଜନଗର ପାଟଣା ବାସନ୍ତୀ ପଡ଼ିଆ ଠାରେ ବାଜପେୟୀ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଯୋଗ ଦେଇ ରାଜନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ସମ୍ପାଦିକା ସିପ୍ରା ବାଜପେୟୀ ଓ ହାତିଗର୍ଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଭୀଷ୍ମ ଚରଣ ପରିଡ଼ା, ଟ୍ରଷ୍ଟର ସମ୍ପାଦକ ରବୀନ୍ଦ୍ର ପାତ୍ର, ଜଳେଶ୍ୱର ବ୍ଲକର ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ରାଜନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭାଂଶୁ ଶେଖର ପାତ୍ର, କେ ଏମ ସାହି ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ସତ୍ୟ ଶୋଭନ ମିଶ୍ର, ଚନ୍ଦନ କୁମାର କର, ଜଳେଶ୍ୱର ସୁକାନ୍ତ ଜେନା, ବିଷ୍ଣୁପଦ ଘଡ଼ାଇ, ବଟକୃଷ୍ଣ ବେହେରା, ବ୍ୟଦନାଥ ମାଟିକର, ବାସୁଦେବ୍ ବେହେରା, ସୁଶାନ୍ତ ନାୟକ, ଉମାକାନ୍ତ କର, ଶଶାଙ୍କ ଶେଖର ଘଡାଇ, ଦିଲ୍ଲିପ ଦାସ, ବାଳକୃଷ୍ଣ ବେହେରା, ରାଇବଣିଆ ମଣ୍ଡଳ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ସୁଷମା ମହାନ୍ତି, ଗୌର ଚନ୍ଦ୍ର ଦାସ, ସମାଜସେବୀ ଅଶ୍ୱିନୀ କୁମାର ଦାସ, ଦିଗାମ୍ବର ଦାସ, ମନୋଜ୍ କୁମାର ସାସମଲ, କମଳାକାନ୍ତ ଦେ ପ୍ରମୁଖ ଯୋଗ ଦେଇ ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଥିଲା।

## ତାଲିମ୍ ଶିବିରରେ ୨୩ ୟୁନିଟ୍ ରକ୍ତ ସଂଗ୍ରହ



ବାଲେଶ୍ୱର, ୧୮।୯ (ସମିସ): ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ଼କ୍ରସର ଅଧ୍ୟକ୍ଷ ଡ. ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଜୁନିୟର ରେଡ଼କ୍ରସ ଓ ଜିଲ୍ଲା ଜୁନିୟର ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ତ୍ରିଦିବସୀୟ ବ୍ଲକ ସଂଯୋଜକମାନଙ୍କର ଦକ୍ଷତା ବିକାଶ ତାଲିମ୍ ଶିବିର ରେଡକ୍ରସ୍ ଭବନ ବାଲେଶ୍ୱରଠାରେ ସେପ୍ଟେମ୍ବର ୧୭ରୁ ୧୯ ତିନି ଦିନ ଚାଲିଥିଲା ବେଳେ ଆଜି ଦ୍ୱିତୀୟ ଦିନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅପରାହ୍ନରେ ଆୟୋଜିତ ହୋଇଥିଲା। ଏଥିରେ ଶିବିରରେ ରକ୍ତଦାନ ପ୍ରତି ଆଗ୍ରହ ହୋଇ ତାଲିମ୍ ନେଉଥିବା ୨୩ ଜଣ କାଉନସେଲର ରକ୍ତଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଜୁନିୟର ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଜିଲ୍ଲା ଜୁନିୟର ରେଡକ୍ରସ୍ ସମ୍ପାଦକ ଚନ୍ଦ୍ରକାନ୍ତ ଘଡେଇ, ବରିଷ୍ଠ ସାଧନ କର୍ମୀ ବାମନ ଚନ୍ଦ୍ର ମହାନ୍ତି, ସାଧନ କର୍ମୀ ନାରାୟଣ ପାଇକରାୟ, ସୁଦର୍ଶନ ରାଉତ, ଦନାର୍ଦ୍ଦନ ଖିଲାର, ମନୋଜ ଜେନା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଲାୟନ୍ସ କ୍ଲବ ବାଲେଶ୍ୱର ଏମ୍‌ପାୱାର ପକ୍ଷରୁ ବୃକ୍ଷରୋପଣ




ବାଲେଶ୍ୱର, ୧୮।୯ (ସମିସ): ଲାୟନ୍ସ କ୍ଲବ ବାଲେଶ୍ୱର ଏମପାୱାର ପକ୍ଷରୁ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଦେଶର ସର୍ବୋଚ୍ଚ ସାମାଜିକ ସଂଗଠନ ନିଜର ଦାୟିତ୍ୱକୁ ଉପଲବ୍ଧି କରି ସାରା ଦେଶରେ ବର୍ଷ ସାରା ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଏହି ପରିପ୍ରେକ୍ଷୀରେ କ୍ଲବ ପକ୍ଷରୁ ବିଦ୍ୟାଳୟ ପରିସରରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି। କ୍ଲବର ସଭାପତି ରିତିକ ଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳ, ପୂର୍ବତନ ସଭାପତି ମିତା ମାନ୍ନା, ନିର୍ଦ୍ଦେଶକ ସେଖ ଆୟୁବ, ନିର୍ଦ୍ଦେଶକ ବିଶ୍ୱରୂପ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବୃକ୍ଷର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ପରିବେଶ ସନ୍ତୁଳନ ପାଇଁ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ତତ୍ ସହିତ ବୃକ୍ଷ ଆମକୁ ଅମ୍ଳଜାନ ପ୍ରଦାନ କରିଥାଏ ବୋଲି ସଭାପତି ଶ୍ରୀ ରିତିକ ଉଲ୍ଲେଖ କରିଥିଲେ।

## ଅସହାୟ ପରିବାରକୁ ସହାୟତା



ଖଇରା, ୧୮।୯ (ସମିସ): ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ରାଇକୁଲା ଗ୍ରାମରେ ଦୟାନିଧି ଶିଅଳଙ୍କ ଆଜକୁ ୧୧ ଦିନ ତଳେ ଅକାଳ ମୃତ୍ୟୁ ହୋଇଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଲୋକ ଭାଙ୍ଗିପଡ଼ିଥିଲେ। ଘରେ ସ୍ତ୍ରୀ ଓ ଦୁଇଟି ଛୋଟ ଝିଅ ଥିବା ବେଳେ ଏମାନଙ୍କ ନିକଟରେ ଶୁଦ୍ଧିକ୍ରିୟା ପାଇଁ ମଧ୍ୟ ଅର୍ଥ ନଥିଲା। ଖବର ପାଇ ସିମୁଳିଆ ଅଞ୍ଚଳର ଶ୍ରୀକ୍ଷେତ୍ର ସ୍ୱେଚ୍ଛାସେବୀ ସଂଗଠନ ଓ ହ୍ୟୁମାନ କେୟାର ଫାଉଣ୍ଡେସନର କର୍ମକର୍ତ୍ତା ପହଁଚି ଦୟାନିଧିଙ୍କ ସ୍ତ୍ରୀ ପୂର୍ଣ୍ଣିମାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିଭିନ୍ନ ସମୟରେ ଏହି ସଂଗଠନ ଗରିବ ଲୋକମାନଙ୍କ ପାଇଁ ବରଦାନ ସାଜିଥାଆନ୍ତି।

# ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିକଲେ ବସ୍ତା ବିଧାୟିକା

ବାଲେଶ୍ୱର, ୧୮।୯ (ସମିସ)

ଆଜିଠାରୁ ଆରମ୍ଭ ହୋଇଥିବା ବିଧାନସଭାର ବର୍ଷାକାଳୀନ ଅଧିବେଶନର ପ୍ରଥମ ଦିବସରେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନୀ ଜେନା ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଗତ ଜୁନ୍ ୨୦ତାରିଖରୁ ଅଗଷ୍ଟ ୨୪ ତାରିଖ ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀର ବସ୍ତା ଓ ବାଲିଆପାଳରେ ୬ ଥର ବନ୍ୟା ହୋଇଛି ଯାହା ଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ପ୍ରଥମ ଏବଂ ଏହାର ପ୍ରଭାବରେ ପ୍ରଥମ ଥର ପାଇଁ ପ୍ରାୟ ୫ ଶହ ଏକର ଜମି ଚାଷ ନହୋଇ ପାରି ପଡ଼ିଆ ପଡ଼ିଛି ଏବଂ ଶେଷ ଥର ପାଇଁ ଯେଉଁ ତଳି ପକାଇଥିଲେ ଓ ଧାନ ରୋଇଥିଲେ ସେସବୁକୁ ବନ୍ୟା ସମ୍ପୂର୍ଣ୍ଣ ଧୋଇ ନେଇଛି। ଫଳରେ ଚାଷୀର ମେରୁଦଣ୍ଡ ଦୋହଲି ଯାଉଛି। ତେଣୁ ସରକାରୀ ନିୟମରେ କୋହଳ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷୟକ୍ଷତି ଭରଣା କରିବାର ବ୍ୟବସ୍ଥା ସରକାର କରିବେ କି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବାଲେଶ୍ୱର ଜିଲ୍ଲାରେ



ଚଳିତ ବର୍ଷ ଜୁନ୍ ୨୦ରୁ ଅଗଷ୍ଟ ୨୪ ତାରିଖ ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀରେ ବସ୍ତା ଓ ବାଲିଆପାଳରେ ୬ ଥର ବନ୍ୟା ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୮୯ ହେକ୍ଟର ଚାଷଜମିର କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କ ତରଫରୁ ୪୩୩୮୫୯ ଟଙ୍କା ସହାୟତା ରାଶି ଜିଲ୍ଲାକୁ ପ୍ରଦାନ କରାଯାଇଛି। ହିତାଧିକାରୀମାନଙ୍କୁ ଯଥାଶୀଘ୍ର ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯାଉଛି। ଏଥି ସହିତ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଯୋଗୁଁ ଚାଷ ଜମିରେ ଧାନ ରୁଆ କାର୍ଯ୍ୟ ହୋଇ ପାରିନାହିଁ। ଯାହାବି ତଳି ପକାଯାଇଥିଲା ତାହା ବନ୍ୟା ଯୋଗୁଁ ଧୋଇ ହୋଇଯାଇଛି, ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରଭାବିତ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନ କରିବା ପାଇଁ ସ୍ଥିର କରିଛନ୍ତି। ତଦନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟରେ ୭୫୧୧ ହେକ୍ଟର ଚାଷଜମିର କ୍ଷୟକ୍ଷତି ଆକଳନ କରାଯାଇଛି, ଯାହାର ସହାୟତା ରାଶି ସରକାରଙ୍କ ୬ କୋଟି ୩୮ ଲକ୍ଷ ଟଙ୍କା ବାଲେଶ୍ୱର ଜିଲ୍ଲାକୁ ପ୍ରଦାନ କରିବାର ବ୍ୟବସ୍ଥା କରାଯାଉଅଛି ବୋଲି ଉତ୍ତର ରଖିଥିଲେ।

## ମୟୂରଭଞ୍ଜ: ଆଶ୍ରମ ସ୍କୁଲରେ ୨୯୩ ନିୟମିତ ଓ ୩୬୯ ଚୁକ୍ତିଭିତ୍ତିକ ଶିକ୍ଷକ ପଦ ଖାଲି

**ଶିକ୍ଷକ ଅଭାବ ବଢ଼ାଉଛି ଚିନ୍ତା**

# ବିପଦରେ ଆଦିବାସୀ ବିଦ୍ୟାର୍ଥୀଙ୍କ ଶିକ୍ଷା

**ବାରିପଦା, ୧୮।୯ (ସମିସ)**

ମୟୂରଭଞ୍ଜ ଜିଲ୍ଲାର ଏସଟି ଏସସି ଡେଭଲପମେଣ୍ଟ (ଏସଏସଡି) ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲଗୁଡ଼ିକ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସମୁଦାୟର ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ମୁଖ୍ୟ ଭୂମିକା ନିର୍ବାହ କରୁଛି। ମୟୂରଭଞ୍ଜ ଜିଲ୍ଲାରେ ୧୬୭ଟି ଆଶ୍ରମ ସ୍କୁଲ ଓ ୧୩ଟି ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ (ଇଏମଆରଏସ) ରେ ୫୦ ହଜାର ୨୭୯ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଏଥିପାଇଁ ୧୩୨୬ଟି ଅନୁମୋଦିତ ଶିକ୍ଷକ ମଧ୍ୟରୁ ୨୯୩ଟି ଅର୍ଥାତ ୨୨% ଖାଲି ରହିଛି। ସେହିପରି ୩୬୯ଟି ଚୁକ୍ତିଭିତ୍ତିକ ପଦ ଖାଲିଥିବା ରହିବା ଯୋଗୁଁ ଶିକ୍ଷକଙ୍କ ଉପରେ ଅତ୍ୟଧିକ ଚାପ ପଡୁଛି। ଫଳରେ ଛାତ୍ର-ଶିକ୍ଷକ ଅନୁପାତ ୪୬-୫୦ (ପ୍ରତି ଶିକ୍ଷକଙ୍କ ଉପରେ) ପର୍ଯ୍ୟନ୍ତ ପହଞ୍ଚିଛି। ଯାହା ଶିକ୍ଷା ଅଧିକାର ଆଇନ (ଆରଟିଇ)ର ୩୦:୧ ଓ ୩୫:୧ ମାନଦଣ୍ଡଠାରୁ ବହୁ ଅଧିକ। ବିଶେଷଭାବେ ମାଟ୍ରିକ ସିଟି ଶିକ୍ଷକ ପଦବୀ ୨୦୬ଟି ଏବଂ ଓ ଏଲସିସିଏ/ସିସିଏ ୨୮୬ଟି ପଦ ଖାଲି ପଡ଼ିଛି। ଏହିସବୁ ପଦ ଖାଲିପଡ଼ିଥିବାରୁ ମୌଳିକ ଓ ଉଚ୍ଚଶିକ୍ଷାକୁ ପ୍ରଭାବିତ କରୁଛି। ଏହି ସଂକଟ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷଣୀୟ ଅନ୍ତର ବୃଦ୍ଧି କରୁଛି। କେବଳ ଅନ୍ତର ନୁହେଁ, ଡ୍ରପଆଉଟ ହାର ମଧ୍ୟ ବଢ଼ାଇବାର ଆଶଙ୍କା ସୃଷ୍ଟି କରୁଛି। ଜିଲ୍ଲାରେ ତୁରନ୍ତ ଶିକ୍ଷକ ନିଯୁକ୍ତି ନ ହେଲେ ସମସ୍ୟା ଆହୁରି ଗମ୍ଭୀର ହେବା ସହ ଆଦିବାସୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲା ମଙ୍ଗଳ ବିଭାଗର ତଥ୍ୟ ଅନୁଯାୟୀ, ଜିଲ୍ଲାର ୧୬୭ଟି ଆଶ୍ରମ/ଏସଏସଡି ବାଳିକା ସ୍କୁଲରେ ୪୭, ୬୨୯ ଜଣ ଛାତ୍ରଛାତ୍ରୀ ଓ ୧୩ଟି ଏକଲବ୍ୟ ମଡେଲ ସ୍କୁଲରେ ୨, ୬୫୦ ଜଣ ଅଧ୍ୟୟନ କରୁଛନ୍ତି। ମାତ୍ର ୧, ୦୩୩ ଜଣ ନିୟମିତ ଶିକ୍ଷକ ଓ ୧, ୫୮୧ ଜଣ ଚୁକ୍ତିଭିତ୍ତିକ କର୍ମଚାରୀ (ଶିକ୍ଷା ସହାୟକ ଓ ଏଲସିସିଏ/ସିସିଏ ସମେତ) ରହିଛନ୍ତି। ସର୍ବାଧିକ ଖାଲିପଦ ମାଟ୍ରିକ ସିଟି (୨୦୬), ଟିଜିଟି ଆର୍ଟସ (୧୬), ଶାରୀରିକ ଶିକ୍ଷା ଶିକ୍ଷକ (୧୬) ଓ ହିନ୍ଦୀ ଶିକ୍ଷକ (୧୦) ପଦରେ ରହିଛି। ଏହା ବ୍ୟତୀତ ୩୬୯ଟି ଚୁକ୍ତିଭିତ୍ତିକ ପଦ ମଧ୍ୟ ଖାଲି ରହିଛି; ଯେଉଁଥିରେ ଏଲସିସିଏ/ସିସିଏ (୨୮୬) ଓ ଶିକ୍ଷା ସହାୟକ (୩୪) ଅନ୍ତର୍ଭୁକ୍ତ। ବିଶେଷକରି, ବିଜ୍ଞାନ ଓ ଗଣିତ ଭଳି ବିଷୟରେ ଶିକ୍ଷକ ଅଭାବ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଓ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପଛରେ ପକାଇ ଦେଉଛି। ଜଣେ ଅଭିଭାବକଙ୍କ କହିବାନୁଯାୟୀ, ପିଲାମାନେ ସ୍କୁଲକୁ ଯାଉଛନ୍ତି; କିନ୍ତୁ ଶିକ୍ଷକ ନ ଥିବାରୁ ପଢ଼ା ଠିକ୍ ହେଉନାହିଁ। ସେହିପରି ଜଣେ ବରିଷ୍ଠ ଶିକ୍ଷକ କହିଛନ୍ତି, ଆମକୁ ୫୦-୬୦ ଜଣ ଛାତ୍ରଙ୍କୁ ଏକାହାତରେ ପଢ଼ାଇବାକୁ ପଡୁଛି। ଅନୁପାତ ଚାପ ଯୋଗୁଁ ଗୁଣାତ୍ମକ ଶିକ୍ଷା ଦେବା ସମ୍ଭବ ହେଉନାହିଁ। ବିଶେଷକରି ବିଜ୍ଞାନ ଓ ଗଣିତ ବିଷୟରେ ପିଲାଙ୍କ ଡାଉଟ କ୍ଲିୟର ହୋଇପାରୁନାହିଁ। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କୁ ପଚାରିବାରୁ ଖାଲି ପଦ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। କିଛି ନିଯୁକ୍ତି ପ୍ରକ୍ରିୟା ଚାଲିଛି। ଆଉ ଯାହା ହୋଇପାରିନି, ତାହାକୁ ପୂରଣ କରିବାକୁ ଜିଲ୍ଲାପାଳଙ୍କ ମାଧ୍ୟରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ସମାଧାନ ପାଇଁ ତୁରନ୍ତ ମାଟ୍ରିକ ସିଟି, ଟିଜିଟି ଓ ବିଜ୍ଞାନ ଶିକ୍ଷକ ପଦରେ ଖାଲିପଦ ପୂରଣ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ ଆରମ୍ଭ କରାଯିବା ଉଚିତ। ସେହିପରି ସ୍ଥାୟୀ ନିଯୁକ୍ତି ପୂର୍ବରୁ ଶିକ୍ଷା ସହାୟକ ଓ ଅନ୍ୟ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତ କରାଯାଉ। ବର୍ତ୍ତମାନର ଶିକ୍ଷକଙ୍କୁ ଏକାଧିକ ବିଷୟ ପଢ଼ାଇବା ଓ ବହୁ ଛାତ୍ରଙ୍କୁ ସମ୍ଭାଳିବା ପାଇଁ ପ୍ରଶିକ୍ଷଣ ଦିଆଯାଉ। ସେହିପରି ଶିକ୍ଷାର ଗୁଣବତ୍ତା ଓ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ନିୟମିତ ମୂଲ୍ୟାଙ୍କନ କରାଯିବା ଉଚିତ ବୋଲି ବହୁ ଶିକ୍ଷାବିତ ମତପ୍ରକାଶ କରିଛନ୍ତି।




**ଛାତ୍ର-ଶିକ୍ଷକ ଅନୁପାତ ୫୦ରୁ ଅଧିକ; ଗୁଣାତ୍ମକ ଶିକ୍ଷା ଉପରେ ପ୍ରଶ୍ନବାଚୀ**

**ବିଜ୍ଞାନ ଓ ଗଣିତ ଶିକ୍ଷକ ଅଭାବ ସର୍ବାଧିକ**

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



**ବୈଶିଙ୍ଗା, ୧୮।୯ (ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ସମ୍ପର୍କିତ କାର୍ଯ୍ୟକ୍ରମ 'ସଖି' ଅନୁଷ୍ଠିତ ହୋଇଯାଇଛି। ଏସଏମ୍ଏଫ୍‌ଜି ଗ୍ରାମ୍ୟ ଶକ୍ତି ବ୍ୟାଙ୍କ ଓ ଯୁବ ବିକାଶ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଉଦଘାଟନ କରିଥିଲେ। ଜିଲ୍ଲା କମ୍ୟୁନିଟି ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ମହାନ୍ତ ପ୍ରଶିକ୍ଷକ ଭାବରେ ଯୋଗଦେଇ ଛାତ୍ରଛାତ୍ରୀ, ମହିଳା କିଭଳି ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସରେ ସହଜରେ ଜମା ଖାତା ଖୋଲି ପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଛାତ୍ରଛାତ୍ରୀ, ମହିଳା କିଭଳି ବୀମା, ସଞ୍ଚୟ କ୍ଷେତ୍ରରେ ଠିକଭାବେ ଅର୍ଥ ବିନିଯୋଗ କରି ଯଥେଷ୍ଟ ଲାଭବାନ ହୋଇପାରିବେ ସେ ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀ କିଭଳି ସାଇବର ଠକେଇରୁ ନିଜକୁ ରକ୍ଷା ପାଇବେ ସେ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ୍, ବଂଶୀଧର ଗିରି, ତରଣିକାନ୍ତ ମହାନ୍ତ, ହରେକୃଷ୍ଣ ମହାନ୍ତ, ଶୁଭାଶିଷ ପଣ୍ଡା ଓ ଶୁଭବନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ବୀମା, ସଞ୍ଚୟ ଓ ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶୁଭାଶିଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ଶୁଭବନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ସ୍ତ୍ରୀକୁ ନିର୍ଯାତନା ସହ ମାରିଦେବାକୁ ଉଦ୍ୟମ ଘଟଣା

## ସ୍ୱାମୀକୁ ବର୍ଷେ ଜେଲ୍ ଓ ୧୦ ହଜାର ଜରିମାନା

**ମୋରଡା, ୧୮।୯ (ସମିସ):** ମୋରଡା ଜେଏମଏଫସି କୋର୍ଟର ବିଚାରପତି ଶ୍ରୁତି ପଟ୍ଟନାୟକ ଗୁରୁବାର ସ୍ତ୍ରୀକୁ ମାରପିଟ ଓ ନିର୍ଯାତନା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀକୁ ୧ ବର୍ଷ ଜେଲ ସହ ପୀଡିତାଙ୍କୁ ୧୦ ହଜାର ଟଙ୍କାର ପ୍ରଦାନ ଓ ଅନାଦାୟେ ଅଧିକ ୪ ମାସ ଜେଲ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ସୂଚନା ମୁତାବକ ମୋରଡ଼ା ଥାନା ଅଧୀନ ସିନ୍ଦୁରଯୋଡ଼ା ଗ୍ରାମର କାଜଲ ମାଣ୍ଡି ଉକ୍ତ ଗ୍ରାମର ସନାତନ ମାଣ୍ଡିଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସନାତନ ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ରଖିଥିଲେ। ଏହାକୁ କାଜଲ ବିରୋଧ କରିବାରୁ ସନାତନ ବିଭିନ୍ନ ସମୟରେ ମାରପିଟ କରିବା ସହିତ ନିର୍ଯାତନା ଦେଉଥିଲା। କିଛି ବର୍ଷ ପରେ ସନାତନ ଚକୁଳିଆ ଗ୍ରାମର ସୋମବାରୀ ନାମକ ଝିଅଙ୍କୁ ଦ୍ୱିତୀୟ ବିବାହ କରି ଘରକୁ ନେଇ ଆସିଥିଲା; ଯାହାକୁ କାଜଲ ବିରୋଧ କରିବାରୁ ସନାତନ ତାଙ୍କୁ ମାରପିଟ କରିଥିଲେ। ଏବାବଦରେ କାଜଲ ପୁଲିସକୁ ଜଣାଇଥିଲେ; କିନ୍ତୁ ଗ୍ରାମର କିଛି ଭଦ୍ର ଲୋକଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସମାଧାନ ହୋଇଥିଲା। ହେଲେ କିଛି ଦିନ ପରେ ସନାତନ ପୁଣି କାଜଲଙ୍କୁ ମାରିପଟ କରିବା ଆରମ୍ଭ କରିଥିଲା। ଫଳରେ ସନାତନଙ୍କ ଦ୍ୱିତୀୟ ପତ୍ନୀ ସୋମବାରୀଙ୍କ ସମ୍ପୃକ୍ତି ନେଇ କାଜଲ ସନ୍ଦେହ କରିଥିଲେ ଏବଂ ଦିନେ କାଜଲଙ୍କୁ ସନାତନ ମାଡ଼ ମାରୁଥିବା ସମୟରେ ଗ୍ରାମବାସୀ ଭୀମ ମୁର୍ମୁ, ଗୋବିନ୍ଦ ମୁର୍ମୁ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣା ବାବଦରେ ମୋରଡା ଥାନାରେ ଅଭିଯୋଗ କରିଥିଲେ ; ଯାହାକୁ ନେଇ ଥାନାରେ ୭୨/୦୭ରେ ଏକ ମାମଲା ରୁଜୁ ହୋଇଥିଲା।

## ଶରତ ଅଞ୍ଚଳର ଶିକ୍ଷାନୁଷ୍ଠାନକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଗସ୍ତ

# ଶୀଘ୍ର ପୂରଣ ହେବ ଖାଲିଥିବା ଶିକ୍ଷକ ପଦ

**ଶରତ, ୧୮।୯ (ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଶରତ ଫୁଲମତୀ ହେମ୍ବ୍ରମ ବାଳିକା ବିଦ୍ୟାଳୟକୁ ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ବରିଷ୍ଠ ଅଧିକାରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପରିଦର୍ଶନରେ ଆସିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପ୍ରଥମେ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଖାଲି ପଡ଼ିଥିବା ହିନ୍ଦୀ ଶିକ୍ଷକ ପଦବୀ ୩ ଦିନରେ ପୂରଣ ହେବାକୁ ନେଇ ଛାତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ଉକ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ଗଣିତ ଶିକ୍ଷକ ପଦବୀ ମଧ୍ୟ ୩ ଦିନ ମଧ୍ୟରେ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଶରତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଣ୍ଣଡ ଏକ୍କା, ଶିକ୍ଷକ ସ୍ୱାଧୀନ କୁମାର ବିଶ୍ୱାଳ, ଶିକ୍ଷକ ପ୍ରହ୍ଲାଦ ସାହୁ, ଶିକ୍ଷକ ସାକିଲା ମୁର୍ମୁ, ଶିକ୍ଷକ ବେଣୁଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ଗାମାଏ ରିମିଲ ଗୋଇପାଇ ଉପସ୍ଥିତ ରହି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟ ସମୂହର ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ୟା ଗୁଡ଼ିକ ମଧ୍ୟରେ ଶରତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ଖେଳ ପଡ଼ିଆ ନ ଥିବା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ଧାନବିଲ ଦଳିଚକଟି ନଷ୍ଟ କଲେ ହାତୀପଲ



**ବୈଶିଙ୍ଗା, ୧୮।୯ (ସମିସ):** ବେତନଟୀ ରେଞ୍ଜ ଅଧୀନ ପୁଲଝରି ଜଙ୍ଗଲକୁ ୯ଟି ହାତୀ ଖସି ଆସିଥିବା ବେଳେ ଜନସାଧାରଣ ଭୟଭୀତ ଅବସ୍ଥାରେ ରହୁଛନ୍ତି। କିଛି ମାସ ବ୍ୟବଧାନ ପରେ ପୁଣି ୯ ଟିକିଆ ହାତୀପଲ ଗାଁରେ ପଶି ବ୍ୟାପକ ଧାନ ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଦିନରେ ଜଙ୍ଗଲରେ ରହୁଥିବାବେଳେ ସନ୍ଧ୍ୟା ହେଲେ ଧାନ ଫସଲରେ ପଶି କ୍ଷତି କରୁଛନ୍ତି। ଫଳରେ ବ୍ୟାପକ ଧାନ କିଆରି ନଷ୍ଟ ହୋଇଯାଇଛି। ପୁଲଝରି ଗ୍ରାମର ରାଧାମୋହନ ରାଉତଙ୍କ ଧାନ କିଆରୀକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ହାତୀପଲକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇ ରହି ଘରୁ ବାହାରୁନାହାନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କେନ୍ଦୁଝର ରାଜସ୍ୱ କମିଶନର ସଚିବଙ୍କ ସମୀକ୍ଷା ବୈଠକ



**ବାରିପଦା, ୧୮।୯ (ସମିସ):** କେନ୍ଦୁଝର ରାଜସ୍ୱ କମିଶନର ସଚିବ ନିହାରରଞ୍ଜନ ଦାଶ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ରାଜସ୍ୱ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱରଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, କରଞ୍ଜିଆ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ଦାଶ ମୁଖ୍ୟତଃ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଜମିଜମା ମାମଲା, ବିଭିନ୍ନ ସାର୍ଟିଫିକେଟ, ଭୂମିହୀନ ପଟ୍ଟା, ଜଙ୍ଗଲ ଜମି ପଟ୍ଟା, ମିଉଟେସନ, ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ଆବଶ୍ୟକ ସ୍ଥଳେ ଆର୍ଥିକ ସହାୟତା ପ୍ରଦାନ, ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ଉପରେ ସମୀକ୍ଷା କରିଥିଲେ। ଏହାବ୍ୟତୀତ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଥିବା ଟ୍ରାଇବ୍ୟୁନାଲର କମିଟି ବୈଠକରେ ଯୋଗଦେଇ ବୋର୍ଡ଼ ଅଫ ରେଭିନ୍ୟୁ, କଟକଙ୍କ ଅଡିଟ ରିପୋର୍ଟ ଉପରେ ସମୀକ୍ଷା କରିବା ସହିତ ଅଡିଟ ପାରାଗୁଡିକ କିପରି ସେଟେଲ ହୋଇ ଡ୍ରପ ହୋଇପାରିବ ସେ ନେଇ ଅଧିକାରୀଙ୍କ ସହିତ ବିଚାର ବିମର୍ଶ କରିଥିଲେ। ସମୀକ୍ଷା ପରେ ଶ୍ରୀ ଦାଶ ଅଧିକାରୀ ଓ କର୍ମଚାରୀଙ୍କୁ ଲୋକଙ୍କ ପ୍ରତିଟି ଅଭିଯୋଗ ଓ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ତଥା ସକାରାତ୍ମକ ମନୋଭାବ ନେଇ ସମାଧାନ ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସରକାରୀ ଯୋଜନାରୁ ପ୍ରକୃତ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନଦେବାକୁ ସେ କହିଥିଲେ।

## ରାଜୀବଗାନ୍ଧୀ ସେବା କେନ୍ଦ୍ରରୁ ଚୋରି

**ବହଳଦା, ୧୮।୯ (ସମିସ):** ତିରିଂ ବ୍ଲକ ଅନ୍ତର୍ଗତ ଗିତିଲତା ଗ୍ରାମପଞ୍ଚାୟତ ସଂଲଗ୍ନ ପରିସରରେ ଥିବା ରାଜୀବଗାନ୍ଧୀ ସେବା କେନ୍ଦ୍ରରୁ ବୁଧବାର ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ଗିତିଲତା ସରପଞ୍ଚ ଭାଦା ସୋରେଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ସକାଳେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଲା ବେଳକୁ ଭବନର ମୁଖ୍ୟ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିଲା ବେଳକୁ ସେବାକେନ୍ଦ୍ରରେ ଥିବା ଦୁଇଟି କୋଠରୀର ତାଲା ମଧ୍ୟ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସରପଞ୍ଚ ଭଦା ସୋରେନ୍ ତିରିଂ ଥାନାକୁ ଖବର ଦେଇଥିଲେ। କେନ୍ଦ୍ରରୁ ବଡ ଏଲଇଡି ଟିଭି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ସାଇଣ୍ଟିଫିକ ଦଳ ସହ ସନ୍ଧାନୀ କୁକୁର ପହଞ୍ଚିବା ପରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଭବନରୁ ବାସ୍ତବରେ କେତେ କଣ ସାମଗ୍ରୀ ଚୋରି ହୋଇଛି ତାହା ଜଣାପଡ଼ିବ। ତେବେ ଖୁବ୍ ଶୀଘ୍ର ଏହି ଚୋରୀ ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ତିରିଂ ପୁଲିସ ସୂଚନା ପ୍ରଦାନ କରିଛନ୍ତି।

## ଆନ୍ତଃ ମହାବିଦ୍ୟାଳୟ ଲାଖବିନ୍ଧା ପ୍ରତିଯୋଗିତା

# ଏମ୍‌ପିସି କଲେଜ ଗ୍ରୁପ୍ ଚାମ୍ପିଅନ୍

**ଶୁକ୍ଳି/ରରୁଆଁ, ୧୮।୯ (ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ଚଳିତ ବର୍ଷ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଲାଖବିନ୍ଧା (ଆର୍ଚେରୀ) ଟୁର୍ଣ୍ଣାମେଣ୍ଟ ଚୈତନ୍ୟ ପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟ ଭଞ୍ଜକିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦଘାଟନୀ ସମାରୋହରେ ଅଧ୍ୟକ୍ଷ ଜ୍ୟୋତିଶଙ୍କର ମହାନ୍ତ ସଭାପତିତ୍ୱ କରିଥିଲେ। ରାଇରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋହର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ସିପି ଡ଼ିଗ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଶିକ୍ଷାବିତ ଅଭିମନ୍ୟୁ ମହାନ୍ତ ସ୍ୱତନ୍ତ୍ର ଅତିଥି ଏବଂ ଅବସରପ୍ରାପ୍ତ କ୍ରୀଡାଶିକ୍ଷକ ଯୋଗେନ୍ଦ୍ରନାଥ ମହାନ୍ତ, ଚୈତନ୍ୟ ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁବୋଧ ଚନ୍ଦ୍ର ବାରିକ, ରେଡ୍‌କ୍ରସ କାଉନସେଲର ଅଧ୍ୟାପକ ଶିରୋପାଣି ମହାନ୍ତ, ଯୁବନେତା ବିପିନ ବିହାରୀ ମହାନ୍ତ (ଲାଲି ଭାଇ) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ବିଶ୍ୱଜିତ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏମପିସି କଲେଜର ଖେଳଶିକ୍ଷକ ସତ୍ୟନାରାୟଣ ବାରିକ ଓ ସୀମାନ୍ତ ମହାବିଦ୍ୟାଳୟର ଖେଳ ଶିକ୍ଷକ ସଦାନନ୍ଦ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଖେଳଶିକ୍ଷକ ସୁଧାରଞ୍ଜନ ମହାକୁଡ଼, ତାପସ କୁମାର ମହାକୁଡ଼, ଶିଶିର କୁମାର ମହାନ୍ତ, କୃଷ୍ଣଚନ୍ଦ୍ର ପଲେଇ, ପ୍ରଦୀପ ଗୁମଲିଆ, ଧନେଶ୍ୱର ମୁର୍ମୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମହିଳା ବର୍ଗର ପ୍ରଥମ ସ୍ଥାନରେ ସୌଦାମିନୀ ହେମ୍ବ୍ରମ, ଦ୍ୱିତୀୟ ସ୍ଥାନରେ ତେଜସ୍ୱିନୀ ମହାନ୍ତ ଏବଂ ତୃତୀୟ ସ୍ଥାନରେ ରେଣୁକା ଟୁଡୁ ରହିଥିବା ବେଳେ ପୁରୁଷ ବର୍ଗରେ ସିଦ୍ଧିଲାଲ ମୁର୍ମୁ ପ୍ରଥମ, ବାଇଧର ସୋରେନ ଦ୍ୱିତୀୟ ଓ ନାରାୟଣ ମାଝୀ ତୃତୀୟ ସ୍ଥାନ ହାସଲ କରିଥିଲେ। ଏମପିସି ମହାବିଦ୍ୟାଳୟ ଗ୍ରୁପ ଚମ୍ପିଆନ ହୋଇଛନ୍ତି। ସୀମାନ୍ତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ରନର୍ସଅପ ହୋଇଛନ୍ତି। ଉଦଯାପନୀ ସଭାରେ ଅଧ୍ୟକ୍ଷ ସୁବୋଧ ଚନ୍ଦ୍ର ବାରିକ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



## କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରାଳୟ ନିର୍ଦ୍ଦେଶକଙ୍କ ମୟୂରଭଞ୍ଜ ଗସ୍ତ

# ଆଦି କର୍ମଯୋଗୀ ଅଭିଯାନ ସ୍ଥିତି ଅନୁଧ୍ୟାନ

**ବାରିପଦା, ୧୮।୯ (ସମିସ)**




କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶକ ଡ଼କ୍ଟର ବର୍ଣ୍ଣାଳୀ ଡେକା ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଆଦିକର୍ମଯୋଗୀ ଅଭିଯାନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକର ଆଦିବାସୀ ବହୁଳ ଗ୍ରାମ ପରିଦର୍ଶନ କରିଛନ୍ତି। ଆଦି କର୍ମଯୋଗୀ ଯୋଜନା ପ୍ରଧାନମନ୍ତ୍ରୀଙ୍କ ଏକ ଆକାଂକ୍ଷିତ କାର୍ଯ୍ୟକ୍ରମ; ଯେଉଁଥିରେ ଦେଶର ୧୧କୋଟି ଆଦିବାସୀ ବର୍ଗଙ୍କୁ ସଂଶ୍ଳିଷ୍ଟ କରାଯିବ ଏବଂ ୧ ଲକ୍ଷ ଆଦିବାସୀ ଅଧ୍ୟୁଷିତ ଗ୍ରାମ, ୩୦ଟି ରାଜ୍ୟ, ୫୦୦ ଜିଲ୍ଲା, ୩୦୦୦ ବ୍ଲକରେ ୨୦ ଲକ୍ଷ କର୍ମଯୋଗୀ ସୃଷ୍ଟି କରାଯିବ। ଆଦି କର୍ମଯୋଗୀ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଆଦିବାସୀ ଅଞ୍ଚଳରେ ସେବାରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ, କର୍ତ୍ତବ୍ୟନିଷ୍ଠ ଓ ଲୋକାଭିମୁଖୀ କରିବା। ଏମାନେ ଆଦିବାସୀ ସମାଜର ସାହିତ୍ୟ, ସଂସ୍କୃତି, ପରମ୍ପରା, ଜୀବନଚର୍ଯ୍ୟା ଓ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଉପରେ ଗଭୀରତାର ସହ ଅନୁଧ୍ୟାନ କରି ଭିଜନ ୨୦୩୦ ପାଇଁ ସେହି ଅଞ୍ଚଳର ବିକାଶ ପାଇଁ ଗ୍ରାମବାସୀଙ୍କ ସହାଭାଗିତାରେ କାର୍ଯ୍ୟ ଯୋଜନା (ଆକ୍ସନ ପ୍ଲାନ) ପ୍ରସ୍ତୁତ କରିବେ। ଏଥିସହିତ ସରକାରୀ ଯୋଜନା କିପରି ସୁଚାରୁ ରୂପେ କାର୍ଯ୍ୟକାରିତା ହୋଇ ଲୋକଙ୍କ ପାଖରେ ଶତ ପ୍ରତିଶତ ପହଞ୍ଚି ପାରିବ ତାହାର ସୁନିଶ୍ଚିତ କରାଇବା। ଏହାର ସଫଳ ରୂପାୟନ ପାଇଁ ତ୍ରିସ୍ତରୀୟ ଶ୍ରେଣୀରେ ବିଭକ୍ତ କରାଯାଇ ଆଦି କର୍ମଯୋଗୀ ଯେଉଁଥିରେ ସରକାରୀ ଅଧିକାରୀ, ଶିକ୍ଷକ, ଡାକ୍ତର ଏବଂ ତୃତୀୟରେ ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଅନ୍ତର୍ଭୁକ୍ତ ହୋଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ। ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରେ ୧୩୬୩ ଆଦିବାସୀ ବହୁଳ ଗ୍ରାମ ରହିଛି। ଏଣୁ ଏହି ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥୀମାନେ ଏଥିପାଇଁ କାର୍ଯ୍ୟ କରିବେ। ତାଙ୍କର ଏହି ଗସ୍ତ କାଳରେ ସେ ଶୁକ୍ଳି ବ୍ଲକର ପଣ୍ଡାବିଲା ଓ ବାରିପଦା ବ୍ଲକର କୃଷ୍ଣଚନ୍ଦ୍ରପୁର ଗ୍ରାମ ପରିଦର୍ଶନ କରିଥିଲେ। ଏଥିସହିତ ବେତନଟୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ଆଦି ସହଯୋଗୀ ଓ ଆଦି ସାଥୀମାନଙ୍କ ପାଇଁ ଆୟୋଜିତ ଆଭିମୁଖୀକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ସ୍ଥାନୀୟ ଯୁବ ପିଢ଼ି, ଶିକ୍ଷକ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡି କର୍ମୀଙ୍କ ସହିତ ଭାବ ବିନିମୟ କରିଥିଲେ। ସେହିପରି ସେବା, ସଂକଳ୍ପ ତଥା ସମର୍ପଣ ଭାବ ନେଇ କାର୍ଯ୍ୟ କରିବା ସହ ଏହାର ସମ୍ପୂର୍ଣ୍ଣ ସଫଳତା ନିମନ୍ତେ ପରାମର୍ଶ ଦେଇଥିଲେ। ଆଦି ସାଥୀ ଓ ଆଦି ସହଯୋଗୀ ସକ୍ରିୟ ଅଂଶଗ୍ରହଣ କରି ଗ୍ରାମର ବିକାଶ ପାଇଁ ଗ୍ରାମବାସୀଙ୍କ ସହଭାଗିତାରେ ଉପଯୁକ୍ତ କାର୍ଯ୍ୟ ଯୋଜନା (ଆକ୍ସନ ପ୍ଲାନ) ପ୍ରସ୍ତୁତ କରିବେ ବୋଲି ନିର୍ଦ୍ଦେଶକଙ୍କୁ ଦୃଢ ପ୍ରତିଶ୍ରୁତି ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଧର୍ମ କିମ୍ବା ଜାତି ପରିଚୟ ନେଇ କେହି ଜନ୍ମ ହୋଇ ନ ଥା'ନ୍ତି । ତେଣୁ ଆମ ସମସ୍ତଙ୍କର ଧର୍ମ ଓ ଜାତି ନିର୍ବିଶେଷରେ ଗୋଟିଏ ପରିଚୟ ହେବା ଆବଶ୍ୟକ; ତାହା ହେଉଛି - ଭାରତୀୟ ।
-ନାନା ପାଠେକର

## ମାସୁଦ୍ ମାନିଲା

ଭାରତୀୟ ସଂସଦ, ପଠାନକୋଟ୍, ପୁଲୱାମା ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା ପାକିସ୍ତାନ ପ୍ରାୟୋଜିତ ଓ ପାଳିତ ଜୈସ-ଏ-ମହମ୍ମଦର ପରିବାର ଭାରତୀୟ ସେନାର 'ଅପରେସନ୍ ସିନ୍ଦୂର'ରେ ମୂଳପୋଛ ହୋଇଯାଇଛି । ଏ କଥା ସ୍ୱୀକାର କରିଛି ଖୋଦ୍ ଜୈସ-ଏ-ମହମ୍ମଦର ମୁଖ୍ୟ ମୌଲାନା ମାସୁଦ୍ ଆଝାର । ତେବେ ଭାରତୀୟ ସେନାର ସମ୍ଭାବ୍ୟ ଆକ୍ରମଣ ଅନୁମାନ କରି ପାକିସ୍ତାନ ସେନା ମାସୁଦ୍‌କୁ ଏକ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିଦେଇଥିବାରୁ ସେ ବର୍ତ୍ତିଯାଇଛି । ମାସୁଦ୍‌ର ଏହି ବିଧିବଦ୍ଧ ସ୍ୱୀକାରୋକ୍ତି ଭାରତୀୟ ସେନାର ପରାକ୍ରମ ଉପରେ ମୋହର ମାରିଛି ଏବଂ ପାକିସ୍ତାନର ମୁଖା ଖୋଲିଦେଇଛି ।

'ଅପରେସନ୍ ସିନ୍ଦୂର'ରେ ଭାରତୀୟ ବାୟୁସେନା ପିଓକେ ଓ ପାକିସ୍ତାନରେ ୯ଟି ଆତଙ୍କବାଦୀ ତାଲିମ୍ କେନ୍ଦ୍ର ଉପରେ ତ୍ରୁଟିଶୂନ୍ୟ ଆକ୍ରମଣ କରିଥିଲା । ସେଥିମଧ୍ୟରେ ମୁଖ୍ୟ ଥିଲା ବାହାୱଲ୍‌ପୁର ସ୍ଥିତ ଜାମିଆ ମସ୍‌ଜିଦ୍ ସୁବାନାଲ୍ଲା କମ୍ପ୍ଲେକ୍ସ । ସେଠାରେ ଜୈସ୍-ଏ-ମହମ୍ମଦର ମୁଖ୍ୟ କାର୍ଯ୍ୟାଳୟ ଥିଲା ଏବଂ ପ୍ରାୟ ୬୦୦ ଆତଙ୍କବାଦୀଙ୍କୁ ତାଲିମ୍ ଦିଆଯାଉଥିଲା । ଭାରତୀୟ ବାୟୁସେନା ଆକ୍ରମଣରେ କମ୍ପ୍ଲେକ୍ସଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ସେଠାରେ ଥିବା ସମସ୍ତ ଆତଙ୍କବାଦୀ ନିପାତ ହୋଇଥିଲେ । ଅପରପକ୍ଷରେ ତାହାକୁ ଏକ ଆବାସିକ କୋଠା ଦର୍ଶାଇ ନିରୀହ ନାଗରିକଙ୍କ ଉପରେ ଭାରତ ପ୍ରହାର କରିଛି ବୋଲି ପାକିସ୍ତାନ ସ୍ପଷ୍ଟୀକରଣ ଦେଇଥିଲା । ଭାରତୀୟ ସେନାର ଦୁର୍ବଳତା ଓ ବିଫଳତା ପ୍ରଦର୍ଶନ କରିବାକୁ ଯାଇ ପାକିସ୍ତାନ ଏଭଳି ମିଥ୍ୟାଳାପ କରିଥିଲେ ହେଁ 'ଅପରେସନ୍ ସିନ୍ଦୂର' ପରବର୍ତ୍ତୀ ପାକିସ୍ତାନରେ ଗଣକବର ପ୍ରକ୍ରିୟାରେ ମାସୁଦ୍ ଓ ପାକିସ୍ତାନୀ ସେନାମୁଖ୍ୟ ସାମିଲ୍ ହେବାର ଦୃଶ୍ୟ ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହେବା ପରେ ଜୈସ-ଏ-ମହମ୍ମଦ ସମେତ ଆତଙ୍କବାଦୀ ନିପାତ ହୋଇଥିବା ଏବଂ ପହଲଗାମ୍ ଆକ୍ରମଣ ପଛରେ ପାକିସ୍ତାନର ସମ୍ପୃକ୍ତି ପ୍ରମାଣ ଆହୁରି ଦୃଢ଼ ହୋଇଥିଲା, ଯାହାକୁ ଏବେ ମାସୁଦ୍ ସରକାରୀ ମୋହର ମାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିସହିତ 'ଅପରେସନ୍ ସିନ୍ଦୂର'ର ସଫଳତାକୁ ନେଇ ଯେଉଁ କେତେକ ପ୍ରଶ୍ନ ଉଠିଥିଲା ତାହା ସବୁଦିନ ପାଇଁ ସମାଧି ନେଇଛି ।

ତେବେ ଭାରତୀୟ ସେନାର ସଫଳତାକୁ ପାକିସ୍ତାନ ମାଟିରେ ତା'ର ଗେହ୍ଲାପୁଅ ମାସୁଦ୍ ବର୍ଣ୍ଣନା କରିବା ସ୍ୱାଭାବିକ ଭାବେ ଏତେ ସହଜରେ ବିଶ୍ୱସନୀୟ ଓ ଗ୍ରହଣୀୟ ହୋଇପାରୁନି । ନିଜ ପରିବାରର ଧ୍ୱଂସଲୀଳା ବଖାଣିବା ବେଳେ ପାକିସ୍ତାନ ସେନାର ମିଛ ଧରାପଡ଼ିଯିବ ଏବଂ ପାକିସ୍ତାନ ପ୍ରତି ଏହା ପରାଜୟ ଜନିତ ଅପମାନସୂଚକ ହେବ, ତାହା କ'ଣ ମାସୁଦ୍ ଅନୁମାନ କରି ନଥିବ? ସେ ଏତେ ମୂର୍ଖ ନୁହେଁ । ତେଣୁ ପ୍ରଘଟ ଭିଡିଓଟି ଯେ ଏଆଇ କୌଶଳ ସମ୍ଭୂତ ହୋଇ ନ ଥିବ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ହେଉନାହିଁ । ଯଦି ମାସୁଦ୍‌ର ସ୍ୱୀକାରୋକ୍ତି ସତ ହୋଇଥାଏ ତେବେ ପାକିସ୍ତାନ ନୂଆ ଚାଲ୍ ଖେଳୁଥିବା ନିଶ୍ଚିତ । ତେଣୁ ଭାରତ ଏଥିପ୍ରତି ସଜାଗ ରହିବା ଆବଶ୍ୟକ ।●

## କେବେ ଚେତିବା?

ହିମାଳୟ ପାର୍ବତ୍ୟାଞ୍ଚଳ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାକୃତିକ ବିପର୍ଯ୍ୟୟ କ୍ରମାଗତ ଭାବେ ଘଟିଚାଲିଥିଲେ ହେଁ ସରକାରୀ ତତ୍ପରତା କେବଳ ବିପର୍ଯ୍ୟୟ ପ୍ରଶମନ ଟିମ୍ ପ୍ରେରଣ, ବିପର୍ଯ୍ୟସ୍ତଙ୍କୁ ଉଦ୍ଧାର ଏବଂ କ୍ଷୟକ୍ଷତିର ପୁନରୁଦ୍ଧାରରେ ସୀମିତ ରହିଯାଇଛି । ଯଦି ବିପର୍ଯ୍ୟୟର କାରଣଗୁଡ଼ିକୁ ଏଡ଼ାଇବାରେ ଆନ୍ତରିକତା ଥା'ନ୍ତା ତେବେ ବିପର୍ଯ୍ୟୟ ପ୍ରଶମନ ତତ୍ପରତାର ଆବଶ୍ୟକତା ହିଁ ପଡ଼ନ୍ତା ନାହିଁ । ବିଡ଼ମ୍ବନା ହେଉଛି ପରିବେଶ ପ୍ରତିକୂଳ ବିକାଶ କାର୍ଯ୍ୟ ଯେ ବିନାଶ ଆଡ଼କୁ ବାଟ କଢ଼ାଇ ନେଉଛି ଏହା ଜାଣି ମଧ୍ୟ ଆମେ ନ ଜାଣିବାର ଅଭିନୟ କରୁଛୁ । ବିପର୍ଯ୍ୟୟକୁ ଆବାହନ କରୁଥିବା ଏହି ବିକାଶ କାର୍ଯ୍ୟ ରାଷ୍ଟ୍ରୀୟ ନୀତି ହୋଇସାରିଥିବାରୁ ତଦ୍‌ଜନିତ ପ୍ରଭାବ ହିମାଳୟ ପାଦଦେଶରୁ ପଶ୍ଚିମଘାଟ ଓ ପୂର୍ବଘାଟ ପାର୍ବତ୍ୟାଞ୍ଚଳକୁ ବ୍ୟାପୀ ସାରିଲାଣି । ଓଡ଼ିଶାର କଳିଙ୍ଗା ଘାଟିରେ ନିକଟରେ ଘଟିଥିବା ଭୂସ୍ଖଳନ ଆମକୁ ଚେତାଇ ଦେଇଛି ଯେ ଅପରିଣାମଦର୍ଶୀ ବିକାଶରେ ଏବେ ଅଙ୍କୁଶ ଲଗାଇବାର ବେଳ ଆସିଛି । ଚଳିତ ମୌସୁମୀ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡରେ ନାହିଁ ନଥିବା ବିପର୍ଯ୍ୟୟ ଆଣିଛି । ଦିଲ୍ଲୀ, ମୁମ୍ବାଇ ଜଳପ୍ଲାବିତ ହୋଇଛି । ବାଦଲ୍‌ଫଟା ବର୍ଷାର ପ୍ରଭାବ ଏତେ ନଥିଲେ ମଧ୍ୟ ଭୂସ୍ଖଳନ ଓ ବନ୍ୟା ସୂଚାଇ ଦେଉଛି ଯେ ଦାୟିତ୍ୱହୀନ ମାନବିକ କାର୍ଯ୍ୟକଳାପ ଜଳବାୟୁର ଅସ୍ୱାଭାବିକତାକୁ ଆହୁରି ଉତ୍କଟ କରୁଛି ଏବଂ ସେଥିରେ ଧନଜୀବନର ବ୍ୟାପକ କ୍ଷୟକ୍ଷତି ଘଟୁଛି ।

ଭିତ୍ତିଭୂମି ବିକାଶ କଥା ଚିନ୍ତା କଲା ବେଳେ ନୀତି ନିର୍ଦ୍ଧାରକମାନେ ଏ କଥା ମଧ୍ୟ ସ୍ମରଣକୁ ଆଣିବା ଆବଶ୍ୟକ ଯେ ଜଳବାୟୁ ଅସ୍ୱାଭାବିକ ପରିବର୍ତ୍ତନ ପ୍ରଭାବରୁ ସହରାଞ୍ଚଳ ମଧ୍ୟ ମୁକ୍ତ ନୁହେଁ । ଭବିଷ୍ୟତ ଭାରତ ଗଠନରେ ସହରୀ ସଭ୍ୟତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଅପରପକ୍ଷରେ ଦ୍ରୁତ ସହରୀକରଣ ହିଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟକୁ ଡାକି ଆଣୁଛି । ତେଣୁ ପରିବେଶ ଅନୁକୂଳ ସହରୀ ଯୋଜନା ଆଜିର ଆବଶ୍ୟକତା । ଗୃହ ନିର୍ମାଣ ବେଳେ ଉପଯୁକ୍ତ ଦୂରଦର୍ଶୀ ଯୋଜନା ଅଭାବରୁ ସମ୍ପ୍ରତି ଭାରତର ଦୁଇ-ତୃତୀୟାଂଶ ଆବାସିକ କୋଠା ବନ୍ୟା ସଙ୍କଟପ୍ରବଣ । ରାସ୍ତାଘାଟ କଥା ନ କହିବା ଭଲ । ଏଭଳି ଅଦୂରଦର୍ଶୀ ସହରୀକରଣ ଯୋଗୁଁ ଗତବର୍ଷ ଦୁବାଇ ସାମାନ୍ୟ ବର୍ଷାରେ ଇତିହାସରେ ପ୍ରଥମ ଥର ପାଇଁ ବନ୍ୟାପ୍ଲାବିତ ହୋଇଥିଲା । ଏବେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ମେଟ୍ରୋ ସହରର ସ୍ଥିତି ଆମ ଆଖି ଆଗରେ । ମେଟ୍ରୋ ସହର କଥା ଦୂରେ ଥାଉ ଆମ ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ସାମାନ୍ୟ ବର୍ଷାରେ ରାସ୍ତାରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହେଉଛି । ଏଥିପାଇଁ ଜଳବାୟୁର ଅସ୍ୱାଭାବିକତା ତୁଳନାରେ ମାନବୀକୃତ ବନ୍ୟା ଅଧିକ ଦାୟୀ, ଏକଥା ଊଣାଅଧିକେ ସମସ୍ତେ ହୃଦୟଙ୍ଗମ କରିସାରିଲେଣି ।

ବେଳ ହୁଁ ତ୍ରୁଟି ନ ସଜାଡ଼ିଲେ ୨୦୭୦ ସୁଦ୍ଧା କେବଳ ସହରୀ ବନ୍ୟାରେ ଭାରତ ୩୦୦୦ କୋଟି ଡଲାର କ୍ଷତି ସହିବ ବୋଲି ଆକଳନ କରାଯାଇଛି । ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ପରିବେଶର ଶୀତଳୀକରଣ ସହିତ ବର୍ଜ୍ୟ ସଂଗ୍ରହ ପରିଚାଳନାରେ ସୁଧାର । କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ବିପର୍ଯ୍ୟୟରୁ ଆମେ ଶିଖିବା କେବେ ଏବଂ ଚେତିବା କେବେ? ଏହି ପ୍ରଶ୍ନର ଉତ୍ତର ନ ମିଳିବା ପର୍ଯ୍ୟନ୍ତ ସମାଧାନର ବାଟ ଆବିଷ୍କୃତ ହୋଇପାରିବ ନାହିଁ ।●

# ପରିବେଶ ସଙ୍କଟ ସମାଧାନରେ ଜନଜାତିଙ୍କ ଭୂମିକା

ସଭ୍ୟ ଓ ଉନ୍ନତ ଦେଶମାନଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ, ଅପରିଣାମଦର୍ଶୀ ଶିଳ୍ପାୟନ ଓ ସହରୀକରଣ ଏବଂ ପରିବେଶ-ପ୍ରତିକୂଳ ବିକାଶ ଯୋଜନାମାନ ଜଳବାୟୁକୁ କ୍ରମଶଃ ଉଗ୍ର ଓ ଅସ୍ୱାଭାବିକ କରିଚାଲିଛି । ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ପ୍ରଭାବ ଜଳ, ସ୍ଥଳ ଆକାଶକୁ ଆଚ୍ଛାଦିତ କରିବା ସହିତ ଧରିତ୍ରୀର ଅମ୍ଳଜାନର ଉତ୍ସ ସବୁଜ ବନାନୀକୁ ଆକ୍ରାନ୍ତ କରିବା ଆରମ୍ଭ କରିଛି । ବିଡ଼ମ୍ବନା ଏହା ଯେ ନୀତି ନିର୍ଦ୍ଧାରକ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ତଥାକଥିତ ଚିନ୍ତାଶୀଳମାନେ ବିକାଶ ନାମରେ ବିନାଶ କାର୍ଯ୍ୟକଳାପ ପ୍ରତି ନିର୍ବିକାର ହୋଇପଡୁଥିବାରୁ ଜଳବାୟୁ ସମ୍ପର୍କିତ ବିଭିନ୍ନ ବିଶ୍ୱଶୀର୍ଷ ସମ୍ମିଳନୀମାନଙ୍କରେ ପରିବେଶ ସୁରକ୍ଷା ପାଇଁ ଯେଉଁ ସଂକଳ୍ପମାନ ପାରିତ ହେଉଛି ତାହା ବାସ୍ତବତାରେ ରୂପାୟନ ହୋଇପାରୁନାହିଁ । ପ୍ରକୃତିର ଏହି ଅସ୍ୱାଭାବିକ ପରିବର୍ତ୍ତନର ପରିଣାମ ଭୋଗୁଛନ୍ତି ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରର ଅଧିବାସୀମାନେ । ବିଶେଷକରି ସହରୀ ମଣିଷର ଏହି ପ୍ରତ୍ୟକ୍ଷ ଓ ପରୋକ୍ଷ କାର୍ଯ୍ୟରେ କ୍ଷତିଗ୍ରସ୍ତ ହେଉଛି ସବୁଜ ବନାନୀ ଏବଂ ସର୍ବାଧିକ ପ୍ରଭାବିତ ଓ ବିପନ୍ନ ହେଉଛନ୍ତି ପ୍ରକୃତିର ସେହି ଅତିଆପଣାର ଆଦିମ ଜନଜାତି ବା ବନବାସୀମାନେ । ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ପରିଚାଳନାରେ ଯେଉଁମାନଙ୍କର ଜ୍ଞାନକୌଶଳ ଉପଯୋଗ କରାଯାଇପାରନ୍ତା ସେମାନଙ୍କୁ କେବଳ ହତାଦର କରାଯାଉନାହିଁ, ପ୍ରକୃତିର କୋଳ ହିଁ ସେମାନଙ୍କଠାରୁ ଛଡ଼େଇ ନିଆଯାଉଛି । ନିଜ ମାଟିରେ ଆପଣାର ପରିବେଶରେ ବଞ୍ଚିବାର ଅଧିକାରରୁ ପ୍ରକୃତିର ସନ୍ତାନମାନେ ବଞ୍ଚିତ ଓ ବିସ୍ଥାପିତ ହେବାଠାରୁ ଆଉ ବଡ଼ ବିଡ଼ମ୍ବନା ସାମ୍ପ୍ରତିକ ବିଶ୍ୱ ମାନବାଧିକାର ପ୍ରସଙ୍ଗରେ ଆଉ କ'ଣ ହୋଇପାରେ?

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପ୍ରସଙ୍ଗ ଆଲୋଚନା କରିବା ବେଳେ ଆଦିମ ଜନଜାତିଙ୍କ ଅଧିକାର ସ୍ୱତଃ ପ୍ରାସଙ୍ଗିକ ହୋଇପଡ଼େ । ଆଦିମ ଅଧିବାସୀଙ୍କ ସହଭାଗିତା ଓ ସହଯୋଗିତା ବିନା ପ୍ରକୃତିର ସୁରକ୍ଷା ଓ ଜଳବାୟୁ ସମସ୍ୟାର ସମାଧାନ ଯେ ସୁଦୂର ପରାହତ ଏହା ଜାତିସଂଘ ମଧ୍ୟ ସ୍ୱୀକାର କରିଛି । ଆଦିମ ଜନଜାତିଙ୍କ ମୌଳିକ ଜ୍ଞାନର ଉପଯୋଗ ଓ ପ୍ରକୃତିର ଭାରସାମ୍ୟ ରକ୍ଷାରେ ସେମାନଙ୍କ ଅବଦାନକୁ ସ୍ୱୀକାର, ସମ୍ମାନ ଓ ସ୍ୱୀକୃତି ଦେବା ବଦଳରେ ସେମାନଙ୍କ ଅଧିକାର ଛଡ଼ାଇ ନେବାରେ ଆମ ତତ୍ପରତାକୁ ଯଦି 'ଶତାବ୍ଦୀର ଅନ୍ୟାୟ' ଭାବେ ଅଭିହିତ କରାଯାଏ, ତେବେ ତାହା ଅତିଶୟୋକ୍ତି ହେବ ନାହିଁ ।

ଜାତିସଂଘର ତତ୍କାଳୀନ ମହାସଚିବ ବାନ୍ କି ମୁନ୍‌ଙ୍କ ମତରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଓ ସମସ୍ୟାକୁ ମୁକାବିଲା କରିବାରେ ଜନଜାତି ବର୍ଗର ଭୂମିକା ଉଲ୍ଲେଖନୀୟ ଓ ଗୁରୁତ୍ୱପୂର୍ଣ୍ଣ ହେଲେ ହେଁ ତାହା ଏ ପର୍ଯ୍ୟନ୍ତ ସାର୍ବଜନୀନ ସ୍ୱୀକୃତି ପାଇପାରିନାହିଁ । ଭାରତବର୍ଷରେ ଏଭଳି ଅନେକ ଜନଜାତି ଅଛନ୍ତି, ଯେଉଁମାନେ ପ୍ରାଣୀମାନଙ୍କର ସ୍ୱଭାବ ପରିବର୍ତ୍ତନରୁ ଜଳବାୟୁ ପରିବର୍ତ୍ତନର ନିର୍ଭୁଲ୍ ସଙ୍କେତ ପାଇପାରନ୍ତି । ଉଦାହରଣସ୍ୱରୂପ ତାମିଲନାଡ଼ୁ ନୀଳଗିରି ପାର୍ବତ୍ୟାଞ୍ଚଳର ତୋଡା ସମ୍ପ୍ରଦାୟ ପିମ୍ପୁଡ଼ିର ଗତିବିଧିରୁ ମୌସୁମୀର ନିର୍ଭୁଲ ଗଣନା କରିପାରୁଥିବା ଗବେଷକମାନେ ଜାଣିପାରିଛନ୍ତି । ସେହିଭଳି ଆଣ୍ଡାମାନ୍ ନିକୋବରର ଜରୱା ଜନଜାତି ମାଛମାନଙ୍କର ଆଚରଣରୁ ବାତ୍ୟା ଅନୁମାନ କୌଶଳ ପୁରୁଷ ପୁରୁଷ ଧରି ଆୟତ୍ତ କରିଛନ୍ତି । ଏଭଳି ଆହୁରି ଅନେକ ଆଦିମ ଜନଜାତି ସମ୍ପ୍ରଦାୟର ପାରମ୍ପରିକ ମୌଳିକ ଜ୍ଞାନକୌଶଳରେ ଆମ ଭାରତବର୍ଷର ଜ୍ଞାନଭଣ୍ଡାର ସମୃଦ୍ଧ, ଯାହା ସାମ୍ନାରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ମଧ୍ୟ ନତମସ୍ତକ ହେବାକୁ ବାଧ୍ୟ ।

କେବଳ ଜଳବାୟୁ ପୂର୍ବାନୁମାନ ନୁହେଁ, ପରିବେଶ ଅନୁକୂଳ ଏବଂ ଜଳବାୟୁ ସହନଶୀଳ କୃଷି ପଦ୍ଧତିରେ ମଧ୍ୟ ଭାରତୀୟ ଜନଜାତିମାନେ ବିଶ୍ୱସ୍ୱୀକୃତି ପାଇବାକୁ ଯୋଗ୍ୟ । ପଶ୍ଚିମଘାଟ ପର୍ବତମାଳାର ଆଦିମ ଜନଜାତିମାନେ ଶସ୍ୟ ଭଣ୍ଡାରଣର ମୌଳିକ ଜ୍ଞାନକୌଶଳ ହେଉ କିମ୍ବା ପୂର୍ବଘାଟ ପର୍ବତମାଳାର ଡୋଙ୍ଗରିଆ କନ୍ଧମାନଙ୍କ ଦ୍ୱାରା ଆଦୃତ ପାରମ୍ପରିକ ଜୈବକୃଷି ଓ ପରିବେଶ ଅନୁକୂଳ କୃଷି ହେଉ, ସେ ସବୁକୁ ଆମେ ଏ ପର୍ଯ୍ୟନ୍ତ ପରିବେଶ ପରିଚାଳନା ଓ କୃଷି ବିଜ୍ଞାନରେ ସ୍ୱୀକୃତି ଦେବାରେ ଅବହେଳା କରିଛୁ, ଏହା ସ୍ୱୀକାର କରିବାକୁ ହେବ । ହିମାଚଳ ପ୍ରଦେଶର ଲାହାହୁଲ୍ ସମ୍ପ୍ରଦାୟ ଶୀତକାଳୀନ କୃଷି ପଦ୍ଧତି ଓ ସେଚ ପରିଚାଳନାରେ ପଟୁତା ହାସଲ କରିଥିବା ବେଳେ ଆସାମର ମିସିଙ୍ଗ ଜନଜାତିଠାରୁ ବନ୍ୟା ନିୟନ୍ତ୍ରଣ, ବିପର୍ଯ୍ୟୟ ପରିଚାଳନାରେ ସଂଘବଦ୍ଧ ଓ ସହଯୋଗ କୌଶଳ ବିପର୍ଯ୍ୟୟ ପ୍ରଶମନ ବିଜ୍ଞାନୀମାନେ ଶିକ୍ଷା କରିବା ଉଚିତ । ବିନା ପାଠ, ବିନା ତାଲିମ୍‌ରେ କେରଳ ଓ ତାମିଲନାଡ଼ୁର କଦର ଜନଜାତି ସମ୍ପ୍ରଦାୟ ମହୁ ଓ ଔଷଧୀୟ ଗୁଳ୍ମ ଚାଷ, ମେଘାଳୟର ଖାସି ଜନଜାତିର କୃଷିଜଙ୍ଗଲ ଯୋଜନା, ରାଜସ୍ଥାନର ବିଷ୍ଣୋଇ ସମ୍ପ୍ରଦାୟର ଜଙ୍ଗଲ ଓ ପ୍ରାଣୀ ସୁରକ୍ଷାରେ ଅଙ୍ଗୀକାରବଦ୍ଧତା, ଅରୁଣାଚଳ ପ୍ରଦେଶର ଆପଟାନୀ ଜନଜାତିର ସ୍ମାର୍ଟ ଜଳସେଚନ ପଦ୍ଧତି(ଯେଉଁଥିରେ ଧାନ ଓ ମାଛ ଚାଷ ହୋଇପାରେ) ଭଳି ଜ୍ଞାନକୌଶଳ ଆମ କୃଷି ବିଶ୍ୱବିଦ୍ୟାଳୟର ଗବେଷକ ଓ ବୈଜ୍ଞାନିକମାନେ ଶିଖିବା ଉଚିତ । ଅପରପକ୍ଷରେ ବନବାସୀଙ୍କୁ ବିଶ୍ୱାସକୁ ନ ନେବାର ପରିଣାମ ଓଡ଼ିଶାରେ ବ୍ୟାଘ୍ର ପ୍ରକଳ୍ପର ବିଫଳତା ଏବଂ ବନାଗ୍ନି ପରିସଂଖ୍ୟାନ ବୃଦ୍ଧିରେ ପ୍ରତିଫଳିତ ହେଉଛି ।

ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ ଓ ପରିଚାଳନାରେ ଆଦିମ ଜନଜାତିମାନଙ୍କୁ ଅଂଶୀଦାର କରିବା ଏବଂ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ମୌଳିକ ଜ୍ଞାନକୌଶଳକୁ ଉପଯୋଗ କରିବା ଉପରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସଂସ୍ଥା 'ୟୁଏନ୍‌ଏଫ୍‌ସିସିସି' ଏବଂ 'ବାଇଓଡାଇଭର୍ସିଟି କନ୍‌ଭେନ୍‌ସନ୍' ପକ୍ଷରୁ ଗୁରୁତ୍ୱ ଦିଆଯାଉଛି । ଜଙ୍ଗଲ ପରିସଂସ୍ଥା ଓ ଜୈବବିବିଧତା ସୁରକ୍ଷାରେ ବନବାସୀଙ୍କ ଅବଦାନକୁ ପ୍ୟାରିସ୍ ଜଳବାୟୁ ଚୁକ୍ତିରେ ମଧ୍ୟ ସ୍ୱୀକୃତି ଦିଆଯାଇଛି । ଅଥଚ ଆନ୍ତରିକତା ଓ ନିଷ୍ଠାର ଅଭାବ ଯୋଗୁଁ ଏ ଦିଗରେ ଯଥେଷ୍ଟ ଅଗ୍ରଗତି ହୋଇପାରିନାହିଁ । ଅପରପକ୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ନଦୀଝରଣା ସ୍ୱାଭାବିକତା ହରାଉଥିବା ବେଳେ ଗ୍ଲାସିୟର ତରଳିବା ଯୋଗୁଁ ସୃଷ୍ଟ ଅଦିନିଆ ବନ୍ୟା ଜନଜାତିଙ୍କ ଦ୍ୱାରା ଆଦୃତ ପାର୍ବତ୍ୟାଞ୍ଚଳ-ଜଙ୍ଗଲ କୃଷି ପ୍ରଭାବିତ ହେବା ସହିତ ସେମାନଙ୍କ ଜୀବନଜୀବିକା ଓ ମାନବିକ ଅଧିକାର କ୍ଷୁଣ୍ଣ ହେଉଛି । ବନାଗ୍ନି, ଖଣି ଖନନ, ସହରୀକରଣ, ଶିଳ୍ପାୟନ ଯୋଗୁଁ ହେକ୍ଟର ହେକ୍ଟର ଜମି ବଳି ପଡୁଥିବା ବେଳେ ପ୍ରଥମ ପ୍ରଭାବିତ ଗୋଷ୍ଠୀ ମଧ୍ୟରେ ଜନଜାତିମାନଙ୍କୁ ବିସ୍ଥାପିତ ହେବାକୁ ପଡୁଛି । କେତେବେଳେ ପୁଣି ବ୍ୟାଘ୍ର ପ୍ରକଳ୍ପ ସେମାନଙ୍କୁ ନିଜ ଭୂମିରୁ ବିତାଡ଼ିତ କରୁଛି । ଗ୍ଲୋବାଲ୍ ଫରେଷ୍ଟ ୱାଚ୍‌ର ବିବରଣୀ ଅନୁଯାୟୀ ଭାରତ ୨୦୦୨-୨୦୨୩ ମଧ୍ୟରେ ପାରମ୍ପରିକ ଜଙ୍ଗଲର ୪.୧% ବା ୪, ୧୪, ୦୦୦ ହେକ୍ଟର ହରାଇଛି । ସମଗ୍ର ଦେଶରେ ବ୍ୟାଘ୍ର ପ୍ରକଳ୍ପ ପାଇଁ ପ୍ରାୟ ୬୪, ୯୦୦ ବନବାସୀ ଉଚ୍ଛେଦ ହୋଇଥିବା ବେଳେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ୩ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହୋଇଛି ଏବଂ ଲକ୍ଷଲକ୍ଷ ସଂଖ୍ୟାରେ ବନବାସୀମାନେ ବିସ୍ଥାପିତ ହୋଇଛନ୍ତି । ଏହା ସେମାନଙ୍କର ଖାଦ୍ୟ ନିରାପତ୍ତା, ଜୀବନଜୀବିକା, ଚାଲିଚଳଣି, ଭାଷା, ସଂସ୍କୃତିକୁ ମଧ୍ୟ ବିପନ୍ନ କରୁଛି । ଗତ କୋପ୍ ୨୯ରେ 'ଗ୍ଲୋବାଲ୍ ଆଲାଏନ୍ସ ଅଫ୍ ଟେରିଟୋରିଆଲ୍ କମ୍ୟୁନିଟି(ଜିଏଟିସି)'ର ବନବାସୀଙ୍କ ସ୍ୱାର୍ଥ ଓ ଅଧିକାର ସ୍ୱୀକୃତି ଦାବି ଓ ସ୍ୱରକୁ ମଧ୍ୟ ଉପେକ୍ଷା କରାଯାଇଥିବା ବା ଯଥୋଚିତ ଧ୍ୟାନ ଦିଆଯାଇ ନଥିବା ଅଭିଯୋଗ ହୋଇଛି ।●

(ସକାଳ ମିଡିଆ ସର୍ଭିସ୍)

# ଅତୀତର ଗୌରବ ଓ ବର୍ତ୍ତମାନର ଆବଶ୍ୟକତା

ସତ୍ୟଶୋଭନ ଦାସ

୧୯୧୮ ମସିହାରେ ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନରେ ଖଦି ଓ ଚରଖା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିଲା । ସେହିପରି ଭାରତ ଛାଡ଼ ଆନ୍ଦୋଳନରେ ବିଦେଶୀ ବସ୍ତ୍ର ବର୍ଜନ ବ୍ରିଟିଶ୍ ଶାସନ ବିରୋଧରେ ଏକ ଅମୋଘ ଅସ୍ତ୍ର ଭାବରେ ପରିଗଣିତ ହୋଇଥିଲା । ତେଣୁ ସ୍ୱାଧୀନତା ଆନ୍ଦୋଳନର ଚରଖା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବେ ଜନମାନସରେ ଆଦୃତ ହେଲା । ଭାରତବାସୀ ଏଥିରେ ପ୍ରଭାବିତ ହୋଇ ସ୍ୱଦେଶୀ ବସ୍ତ୍ର ଆପଣେଇଥିଲେ । ସ୍ଥାନୀୟ ବସ୍ତ୍ରଭିତ୍ତିକ ଶିଳ୍ପ ଭାରତକୁ ଦାରିଦ୍ର୍ୟରୁ ଅନେକାଂଶରେ ଉଦ୍ଧାର କରିବା ସହ ଆତ୍ମଗୌରବର ପରିଚୟ ଦେଲା । ଏହା ଭାରତକୁ ମହଙ୍ଗା ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳତାରୁ ମଧ୍ୟ ମୁକ୍ତ କଲା ।

ଶିଳ୍ପାୟନ ପରବର୍ତ୍ତୀ ପରିବର୍ତ୍ତନଶୀଳ ଫ୍ୟାଶନ୍ ଧାରା ହସ୍ତତନ୍ତ କପଡ଼ାର ଚାହିଦାକୁ ହ୍ରାସ କରିଛି, ଯାହା ହସ୍ତଶିଳ୍ପ ଏବଂ ତତ୍‌ସହିତ ଜଡ଼ିତ ବର୍ଗଙ୍କ ପାଇଁ ବିପଦ ଆଣିଛି । ସିନ୍ଥେଟିକ୍ କପଡ଼ା ଏବଂ ବିଶ୍ୱ ବ୍ରାଣ୍ଡଗୁଡ଼ିକ ଗ୍ରାହକଙ୍କ ପସନ୍ଦ ଉପରେ ପ୍ରଭାବ ପକାଇବା ସହିତ ବୁଣାକାରମାନଙ୍କ ହସ୍ତଶିଳ୍ପର ଚାହିଦା ହ୍ରାସ ପାଇଛି । ଏହି ହ୍ରାସ କେବଳ ସାଂସ୍କୃତିକ ପରିଚୟକୁ ବିପଦରେ ପକାଇ ନାହିଁ ବରଂ ଗ୍ରାମୀଣ ଜୀବିକାକୁ ମଧ୍ୟ ପ୍ରଭାବିତ କରିଛି । ଚତୁର୍ଥ ଅଖିଳ ଭାରତୀୟ ହସ୍ତତନ୍ତ ଜନଗଣନା (୨୦୧୯-୨୦) ଅନୁଯାୟୀ, ଦେଶରେ ୨୬, ୭୩, ୮୯୧ ଜଣ ହସ୍ତତନ୍ତ ବୁଣାକାର ଏବଂ ୮, ୪୮, ୬୨୧ ଜଣ ସମ୍ପୃକ୍ତ ଶ୍ରମିକ ଅଛନ୍ତି । ଓଡ଼ିଶାରେ ୬୩୨୨୩ ଜଣ ହସ୍ତତନ୍ତ ବୁଣାକାର ପରିବାର ବାସ କରନ୍ତି । ଚାହିଦା ହ୍ରାସ, କମ ମଜୁରୀ ଏବଂ ସମର୍ଥନର ଅଭାବ ଯୋଗୁଁ ଅନେକ କାରିଗର ସେମାନଙ୍କର ତନ୍ତ ପରିତ୍ୟାଗ କରିଛନ୍ତି । ଏହି ପରିବର୍ତ୍ତନ କେବଳ ସାଂସ୍କୃତିକ ଐତିହ୍ୟକୁ ବିପଦରେ ପକାଇ ନାହିଁ ବରଂ ପରିବେଶଗତ ଅବକ୍ଷୟକୁ ମଧ୍ୟ ଡାକି ଆଣୁଛି ।

ଚୀନ୍ ପରେ ଭାରତ ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ରେଶମ ଉତ୍ପାଦକ ଏବଂ ରେଶମର ସର୍ବବୃହତ ଗ୍ରାହକ । ଭାରତ ବିଶ୍ୱରେ କପା ଉତ୍ପାଦନର ଦ୍ୱିତୀୟ ଏବଂ ବିଶ୍ୱ କପା ଉତ୍ପାଦନର ପ୍ରାୟ ୨୪% ଯୋଗଦାନ କରୁଛି । କଞ୍ଚାମାଲ ଯଥେଷ୍ଟ ଥିବା ସତ୍ତ୍ୱେ ଭାରତ ଏବେ ବି ବିଦେଶୀ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳ । ଇଣ୍ଡିଆନ୍ ଟେକ୍ସପ୍ରେନ୍ୟୁର୍ସ ଫେଡେରେସନ୍‌ର ତଥ୍ୟାନୁଯାୟୀ, ଭାରତ ଗତବର୍ଷ ଏପ୍ରିଲ୍‌ରୁ ନଭେମ୍ବର ପର୍ଯ୍ୟନ୍ତ ୮, ୯୦୦ କୋଟି ଟଙ୍କାର ପୋଷାକ ଆମଦାନୀ କରିଛି । ହସ୍ତତନ୍ତକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ସାଧାରଣ ଲୋକଙ୍କ ଜୀବନରେ ଏହାକୁ ଏକ ଗର୍ବର ମାଧ୍ୟମ ଭାବରେ ପୁନଃ ପରିଚିତ କରିବା ପାଇଁ ନୀତିଗତ ସଂସ୍କାର ଆବଶ୍ୟକ । ଖଦି, ସମ୍ବଲପୁରୀ, ଖଣ୍ଡୁଆ, ବୋମକାଇ, କୋଟପାଡ଼, କାଞ୍ଚିପୁରମ, ବନାରସୀ, ମାହେଶ୍ୱରୀ, ଚନ୍ଦେରୀ, ଜାମଦାନୀ, ପଟୋଲାରୁ ଫୁଲକାରୀ ଓ ପଶ୍ମିନା ଆଦି ଭାରତର ଆଦିବାସୀ ପାରମ୍ପରିକ ବସ୍ତ୍ର ସମ୍ପ୍ରଦାୟର କାହାଣୀ ଏବଂ ପ୍ରକୃତି ସହିତ ସେମାନଙ୍କର ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ । ଏହି ସ୍ୱଦେଶୀ ହସ୍ତତନ୍ତ ପୁନଃ ପ୍ରଚଳନ କରିବା ଦ୍ୱାରା ଏହି ଲକ୍ଷ୍ୟ ପୂରଣ ହୋଇପାରିବ । ପ୍ରତିଦିନର ପୋଷାକ, ପର୍ବପର୍ବାଣୀ, ବିବାହ ଏବଂ ସରକାରୀ ଉତ୍ସବରେ ଏହି ପୋଷାକଗୁଡ଼ିକୁ ପ୍ରୋତ୍ସାହିତ କରି ଆମେ ସ୍ଥାନୀୟ ପୋଷାକର ଚାହିଦାକୁ ବୃଦ୍ଧି କରିପାରିବା । ଏହାକୁ ସ୍କୁଲ, କଲେଜ ଓ କାର୍ଯ୍ୟାଳୟ ପୋଷାକ କିମ୍ବା ୟୁନିଫର୍ମରେ ସାମିଲ କରିବା ଆବଶ୍ୟକ । ମହିଳା ଓ ଝିଅମାନେ ସାଧାରଣତଃ ପାରମ୍ପରିକ ପୋଷାକ ପ୍ରତି ଆକୃଷ୍ଟ ହୋଇଥା'ନ୍ତି । ଏହା ପୁରୁଷମାନଙ୍କ କ୍ଷେତ୍ରକୁ



ପରିବ୍ୟାପ୍ତ କରିବା ଉଚିତ । ସପ୍ତାହରେ ଥରେ ନିୟମିତ ଭାବରେ ପାରମ୍ପରିକ ପୋଷାକ ପିନ୍ଧିବା ଦ୍ୱାରା ନିଜ ସଂସ୍କୃତି ପ୍ରତି ଦାୟିତ୍ୱ ବୃଦ୍ଧି ପାଇବ ଏବଂ ଦେଶର ସଂସ୍କୃତି ସହିତ ଜଡ଼ିତ ହେବାର ସୁଖଦ ଅନୁଭୂତି ମିଳିବ ।

ସୂତା କାଟିବାଠାରୁ ରଙ୍ଗ କରିବା, ବୁଣିବା ଆଦି ହସ୍ତତନ୍ତର ପ୍ରତ୍ୟେକ ପର୍ଯ୍ୟାୟରେ ଅପାର ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ବାହ୍ୟ ଯୋଗାଣ ଶୃଙ୍ଖଳ ଉପରେ ନିର୍ଭରଶୀଳତା ହ୍ରାସ କରିପାରିବ । ହସ୍ତତନ୍ତରେ ପ୍ରାୟତଃ ପ୍ରାକୃତିକ ତନ୍ତୁ ଓ ରଙ୍ଗ ବ୍ୟବହାର କରାଯାଏ, ଯାହା ଜୈବବିଘଟନଶୀଳ ଏବଂ କମ୍ ପ୍ରଦୂଷଣକାରୀ । ତେଣୁ ପ୍ରଭାବଶାଳୀ ସରକାରୀ ନୀତି ଓ ଶିକ୍ଷାଗତ ପଦକ୍ଷେପ ଖଦିର ବ୍ୟାପକ ପ୍ରଚାର ପ୍ରସାର ଅଭିଯାନକୁ ସଫଳ କରିପାରିବ । କାରିଗର, ହସ୍ତତନ୍ତ ଗୋଷ୍ଠୀ ଓ କ୍ଷୁଦ୍ର ବ୍ୟବସାୟ ପାଇଁ ପ୍ରୋତ୍ସାହନ ଯୋଗାଇ ଏକ ନିର୍ଦ୍ଦିଷ୍ଟ ନୀତିଗତ ନିଷ୍ପତି ନେବାର ବେଳ ଆସିଛି । ପ୍ରଯୁକ୍ତିବିଦ୍ୟା, ପ୍ରୋତ୍ସାହନ, ଋଣର ସୁବିଧା, ବଜାର ଏବଂ ଇ-କମର୍ସ ପ୍ଲାଟଫର୍ମ ସହିତ ସହଯୋଗ ଯୋଗାଇ ଦିଆଯିବା ଉଚିତ, ଯାହା କାରିଗରମାନଙ୍କୁ ବ୍ୟାପକ ବଜାର ପ୍ରବେଶ ପ୍ରଦାନ ସୁନିଶ୍ଚିତ କରିପାରିବ ।

ପାରମ୍ପରିକ କପଡ଼ା ପୁନଃପ୍ରବର୍ତ୍ତନ କରି ହସ୍ତତନ୍ତକୁ ପୁନରୁଦ୍ଧାର କରିବା କେବଳ ଏକ ସାଂସ୍କୃତିକ ଆନ୍ଦୋଳନ ନୁହେଁ, ଏହା ଏକ ସାମାଜିକ-ଅର୍ଥନୈତିକ ଏବଂ ପରିବେଶଗତ ଆବଶ୍ୟକତା । ଏହା ଆମକୁ ଆମର ସାଂସ୍କୃତିକ ଭିତ୍ତି ସହିତ ଯୋଡ଼ିପାରେ, ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରେ ଏବଂ ଆମକୁ ଆତ୍ମନିର୍ଭରଶୀଳ ଜୀବନଯାପନ ପାଇଁ ପ୍ରବର୍ତ୍ତାଏ । ଗ୍ରାହକ, ଡିଜାଇନର ଏବଂ ନୀତି ନିର୍ମାତା ଭାବରେ କେବଳ ଫ୍ୟାଶନ୍ ପାଇଁ ନୁହେଁ, ଭବିଷ୍ୟତ ପାଇଁ ପୋଷାକ ବାଛିବାର ସମୟ ଆସିଛି । ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ସୁତା/ରେଶମ ତିଆରି ହସ୍ତତନ୍ତ ଆରାମପ୍ରଦାୟୀ ଏବଂ ଆତ୍ମତୃପ୍ତିର ଏକ ମହନୀୟ ଉଦ୍ୟମ ଭାବେ ପରିଗଣିତ ହେଉ ।●

କରଞ୍ଜ(ବାଲେଶ୍ୱର), ମୋ: ୭୮୯୪୪୫୬୫୧ ।

# ହୁଦୁଡ଼ ଦୁର୍ଗା ଭାବେ ପୂଜା ପାଆନ୍ତି ମହିଷାସୁର

ଓଜସ୍ୱିନୀ

ଭାରତର ଶାକ୍ତ ପରମ୍ପରା ବହୁ ପ୍ରାଚୀନ । ଦେବୀଦୁର୍ଗାଙ୍କୁ ସକଳ ଶକ୍ତିର ଆଧାର ଭାବେ ଭାରତର ଅନେକ ସ୍ଥାନରେ ବିଭିନ୍ନ ସ୍ୱରୂପରେ ପୂଜାର୍ଚ୍ଚନା କରାଯାଏ । ଶକ୍ତି ଉପାସନାରେ ୫୨ ଶକ୍ତିପୀଠର ମହିମା ବିଶ୍ୱବିଖ୍ୟାତ ହୋଇଥିବା ବେଳେ ପ୍ରତିବର୍ଷ ଦଶହରାରେ ମା'ଙ୍କ ମହିଷାସୁରମର୍ଦ୍ଦିନୀ ସ୍ୱରୂପର ପୂଜାର୍ଚ୍ଚନା କରାଯାଇଥାଏ । କିନ୍ତୁ ଭାରତରେ ଏଭଳି ଏକ ମନ୍ଦିର ଅଛି, ଯେଉଁଠି ଦେବୀଦୁର୍ଗାଙ୍କ ପରିବର୍ତ୍ତେ ମହିଷାସୁର ପୂଜା ପାଉଛନ୍ତି ।

**ବିଚିତ୍ର ବିଶ୍ୱାସ**

ଝାଡ଼ଖଣ୍ଡର ଅସୁର ନାମକ ଜନଜାତି ମହିଷାସୁରଙ୍କୁ ଦେବତା ଭାବେ ପୂଜାର୍ଚ୍ଚନା କରନ୍ତି । ଐତିହାସିକ ଓ ଗବେଷକଙ୍କ ମତାନୁସାରେ 'ଅସୁର' ହେଉଛି ଭାରତର ସବୁଠାରୁ ପ୍ରାଚୀନ ଜନଜାତି, ଯେଉଁମାନେ ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ଅଧିକ ସଂଖ୍ୟାରେ ବସବାସ କରିଆସୁଛନ୍ତି । ଋକ୍‌ବେଦ, ବ୍ରାହ୍ମଣ୍ୟ, ଆରଣ୍ୟକ ଉପନିଷଦ ଓ ମହାଭାରତର ଆଦି ପ୍ରାଚୀନ ଗ୍ରନ୍ଥରେ 'ଅସୁର' ନାମକ ସମ୍ପ୍ରଦାୟ ସମ୍ପର୍କରେ ଉଲ୍ଲେଖ ରହିଛି । ମୁଣ୍ଡା ଜନଜାତିର ଲୋକଗାଥା 'ସୋସୋବୋଙ୍ଗା'ରେ ମଧ୍ୟ 'ଅସୁର ଜନଜାତି' ସମ୍ପର୍କିତ ତଥ୍ୟ ଅଛି । ଏହି ଜନଜାତି ବିଶେଷ ଭାବେ ଲୁହାରେ ବିଭିନ୍ନ ହାତହତିଆର ନିର୍ମାଣ ଓ ଲୌହବସ୍ତୁ ନିର୍ମାଣ କରିଥା'ନ୍ତି । ଝାଡ଼ଖଣ୍ଡର ଗୁମଲା ଜିଲ୍ଲା ଅନ୍ତର୍ଗତ ଡୁମରି ପ୍ରଖଣ୍ଡସ୍ଥିତ ଟାଙ୍ଗୀନାଥ ଧାମକୁ ଏହି ଜନଜାତି ମହିଷାସୁରଙ୍କ ଶକ୍ତିସ୍ଥଳ ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ତେଣୁ ସେଠାରେ ପ୍ରତି୧୨ ବର୍ଷରେ ମହିଷାସୁରଙ୍କ ସହିତ ତାଙ୍କର ବାହନ ଭାବେ ମଇଁଷୀମାନଙ୍କୁ ବିଶେଷ ପୂଜା କରିବାର ପ୍ରଥା ପ୍ରଚଳିତ ଅଛି । ନିକଟସ୍ଥ ଗାଁଗୁଡ଼ିକରେ ମଧ୍ୟ ଏହା ପ୍ରଚଳିତ । ମଇଁଷୀମାନଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମହିଷାସୁରଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ସେମାନଙ୍କର ଦୃଢ଼ ଆସ୍ଥା ରହିଛି ।

ଉକ୍ତ ଜନଜାତି ବିଶ୍ୱାସ କରନ୍ତି ଯେ, ମହିଷାସୁର ହେଉଛନ୍ତି ସମ୍ପୂର୍ଣ୍ଣ ଭୂମଣ୍ଡଳର ରାଜା ଏବଂ ତାଙ୍କର କରୁଣାରେ ସମସ୍ତେ ସୁଖ, ଶାନ୍ତି ଓ ଧନଧାନ୍ୟରେ



ପରିପୂର୍ଣ୍ଣ ଜୀବନ ଅତିବାହିତ କରିପାରିବେ । ମହିଷାସୁର ସେମାନଙ୍କ ପାଇଁ ଆରାଧ୍ୟ ଦେବତୁଲ୍ୟ ପିତୃପୁରୁଷ । ଅନ୍ୟ ଏକ ମାନ୍ୟତା ଅନୁସାରେ ମହିଷାସୁର ନାରୀଙ୍କୁ ସମ୍ମାନ କରିଥା'ନ୍ତି ଏବଂ କେବେ ମଧ୍ୟ ନାରୀଙ୍କ ସହିତ ଯୁଦ୍ଧ କରନ୍ତି ନାହିଁ । ତେଣୁ ଦେବତାଙ୍କ ପକ୍ଷରୁ ତାଙ୍କୁ ଛଳନାପୂର୍ବକ ଦେବୀଙ୍କ ଦ୍ୱାରା ସଂହାର କରାଯାଇଥିଲା । ଏହି କାରଣରୁ ସେମାନେ ଦେବୀ ଦୁର୍ଗାଙ୍କ ପରିବର୍ତ୍ତେ ମହିଷାସୁରଙ୍କୁ ପୂଜା କରିଥା'ନ୍ତି ଏବଂ ନବରାତ୍ରିଠାରୁ ବିଜୟର ପବିତ୍ର ପର୍ବ ଦଶହରା ପର୍ଯ୍ୟନ୍ତ ୧୦ ଦିନ ସେମାନେ ଶୋକ ଦିବସ ଭାବେ ପାଳନ କରନ୍ତି । ଏହି ୧୦ ଦିନ ମଧ୍ୟରେ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ କିମ୍ବା କୌଣସି ନୂତନ ବସ୍ତ୍ର ଓ ଦ୍ରବ୍ୟ ମଧ୍ୟ କିଣାଯାଏ ନାହିଁ । ଝାଡ଼ଖଣ୍ଡର ଏହି ଅସୁର ଜନଜାତି ଦୀପାବଳି ରାତିରେ ମଧ୍ୟ ମହିଷାସୁରଙ୍କୁ ପୂଜା କରିଥା'ନ୍ତି । ସେମାନେ ମାଟିରେ ଗୋଟିଏ ପିଣ୍ଡ ପ୍ରସ୍ତୁତ କରି ମହିଷାସୁରଙ୍କୁ ଶ୍ରାଦ୍ଧ ତର୍ପଣ କରିବା ସହିତ ସେମାନଙ୍କର ପରମ୍ପରା ଅନୁସାରେ ପୂଜାବିଧି ସମ୍ପନ୍ନ କରନ୍ତି ।(କ୍ରମଶଃ...)●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପୁତୁରା ବୋହୂକୁ ହତ୍ୟା କରି ଶଶୁରର ଆତ୍ମହତ୍ୟା

ଅସୁରାଳି, ୧୮।୯(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ତଥା ଧୁଷୁରୀ ଥାନା ଅନ୍ତକ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପୁତୁରା ବୋହୂକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଶଶୁର ଆତ୍ମହତ୍ୟା କରିଛି। ମୃତକଦ୍ୱୟ ହେଲେ, ଗ୍ରାମର ପଞ୍ଚାନନ ମଳିକ (୬୦) ଓ ତାଙ୍କ ପୁତୁରା ବୋହୂ ଯଶୋଦା ମଳିକ (୩୦)। ସୂଚନା ଅନୁସାରେ, ଯଶୋଦା ନିଜ ପୁଅକୁ ଆକଟ କରି ମାରୁଥିବା ବେଳେ ଶ୍ୱଶୁର ପଞ୍ଚାନନ ଏହାର ପ୍ରତିରୋଧ କରିଥିଲେ। ମାନସିକ ସନ୍ତୁଳନ ହରାଇ ଅତର୍କିତ ଭାବେ ଟାଙ୍ଗିଆ ଆକ୍ରମଣ କରିଥିଲେ। ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ରାସ୍ତାରେ ଯଶୋଦାଙ୍କ ଜୀବନ ଚାଲିଯାଇଥିଲା। ଏହାକୁ ନେଇ ପରିସ୍ଥିତି ସମ୍ଭାଳି ନପାରି ଶ୍ୱଶୁର ପଞ୍ଚାନନ ମଧ୍ୟ ଜୀବନ ହାରି ଦେଇଛନ୍ତି। ଧୁଷୁରୀ ଥାନା ପକ୍ଷରୁ କେସ ନମ୍ବର ୪୪୬/୨୫ ଓ ୩୬/୨୫ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଯଶୋଦା ମଳିକଙ୍କ ମୃତ ଶରୀରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପଞ୍ଚାନନ ମଳିକଙ୍କ ମୃତଦେହ ପୁଲିସ ତାଙ୍କ ଘରୁ ଜବତ କରିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

## ହୀରାକୁଦ ଜଳସ୍ତର ୬୨୯.୪୫ ଫୁଟ୍

ସମ୍ବଲପୁର, ୧୮।୯(ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବା ବେଳେ ଗୁରୁବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୪୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଓ ଡାହାଣପାର୍ଶ୍ୱର ଗୋଟିଏ; ଏହିଭଳି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୭,୩୯୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୧,୯୮୩ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୫,୫୭୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୩୧,୮୮୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୨୮୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୮୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଅନୁସୂଚିତ ଜାତି ବର୍ଗର ୫ ପରିବାରଙ୍କୁ ନିର୍ଯାତନା

# ଥାନାରେ ଅଭିଯୋଗ ପରେ ଗାଁରୁ କଲେ ବାସନ୍ଦ

ଭୁବନେଶ୍ୱର,୧୮।୯(ସମିସ): ରାଜ୍ୟ ସରକାର ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକଙ୍କୁ ଗୁରୁତ୍ୱ ଦେଉଛନ୍ତି; କିନ୍ତୁ ବାସ୍ତବରେ ସେମାନଙ୍କୁ

- ନ୍ୟାୟ ପାଇଁ ଓଏଚ୍ଆରସିଙ୍କ ନିକଟରେ ଅଭିଯୋଗ
- -ଘରକୁ ଢ଼େଲାମାଡ଼ ସହ ବନ୍ଦ କଲେ ପିଲାର ପାଠପଢ଼ା



ନ୍ୟାୟ ମିଳି ପାରୁନି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଇଁଥପୋଖରୀ ଗ୍ରାମରେ ଘଟିଥିବା ଏକ ଘଟଣା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ଏହି ଗ୍ରାମର ଅନୁସୂଚିତ ପରିବାରଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବାରୁ ସେମାନଙ୍କୁ ଗାଁରୁ ବାସନ୍ଦ କରାଯାଇଛି । ଘର ଉପରକୁ ନିୟମିତ ଢ଼େଲାମାଡ଼ କରାଯାଉଛି ଓ ପିଲାଙ୍କ ପାଠପଢ଼ାକୁ ବନ୍ଦ କରି ଦିଆଯାଇଥିବା ଅଭିଯୋଗ ହୋଇଛି । ପୁଲିସଠାରୁ ନ୍ୟାୟ ନ ମିଳିବାରୁ ସମ୍ପୃକ୍ତ ପରିବାର ଲୋକମାନେ ଏ ସଂକ୍ରାନ୍ତରେ ରାଜ୍ୟ ମାନବାଧିକ ଆୟୋଗ(ଓଏଚ୍ଆରସି)ରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଇଁଥପୋଖରୀ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ ହୋଇଥିଲା। ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଅଭିଯୁକ୍ତମାନେ ମରଣାନ୍ତକ ଆକ୍ରମଣ କଲେ। ୧୫ ଦିନ ହେବ ମହିଳାଙ୍କ ସ୍ୱାମୀ ମେଡ଼ିକାଲରେ ଚିକିତ୍ସାଧିନ ଅଛନ୍ତି। ପୀଡ଼ିତା ଥାନାରେ ଏତଲା ଦେବା ପରେ ମାମଲା ରୁଜୁ ହେବାରୁ ପୀଡ଼ିତା ପରିବାର ସମେତ ଉକ୍ତ ଗ୍ରାମର ୫ଟି ପରିବାରବର୍ଗ ଉପରେ ଅଭିଯୁକ୍ତମାନେ ଜୁଲୁମ ଚଳାଇଛନ୍ତି। ପିଇବା ପାଣି ପାଇଁ ଥିବା ପାଣି ଟ୍ୟାପ୍ ଭାଙ୍ଗି ଦିଆଯାଇଛି । ସେମାନଙ୍କ ପରିବାରକୁ ସ୍କୁଲ ବନ୍ଦ କରାଯାଇଛି ଏବଂ ଘର ଉପରେ ନିୟମିତ ଢ଼େଲାମାଡ଼ କରାଯାଉଛି। ଏସ୍ସି ଏବଂ ଏସ୍ଟିରେ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଗତ ୧ ସେପ୍ଟେମ୍ବରରୁ ଆଜି ପର୍ଯ୍ୟନ୍ତ ୫ ପରିବାର ଗାଁରୁ ଭୟରେ ବାହାରକୁ ଚାଲିଆସିଛନ୍ତି। କିଛି ସାମାଜିକ ଅନୁଷ୍ଠାନ ଏହି ପରିବାର ନିର୍ଯାତନା କଥା ଶୁଣିବା ପରେ ଓଏଚଆରସିରେ ଅଭିଯୋଗ କରିଛନ୍ତି। ଏନେଇ ଗତ ସୋମବାର ଗୃହ ବିଭାଗରେ ଅଭିଯୋଗ ଦେବା ସହ ମାନବ ଅଧିକାର କମିସନରେ ଅଭିଯୋଗ ଦାୟର ସହ କମିସନଙ୍କ ନିକଟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଛି।

## ଭତ୍ତା ପାଇବା ଯାଏ ୬୦ବର୍ଷ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ସୁଭଦ୍ରା

ଭୁବନେଶ୍ୱର,୧୮।୯(ସମିସ): ଯେ ପର୍ଯ୍ୟନ୍ତ ୬୦ ବର୍ଷ ହୋଇଥିବା ସୁଭଦ୍ରା ହିତାଧିକାରୀଙ୍କୁ ପେନସନ ପାଇ ନାହାନ୍ତି, ସେମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ୬୦ ବର୍ଷ ହୋଇଥିବା ୯୩ ହଜାର ହିତାଧିକାରୀଙ୍କ ତାଲିକା ଫାଇଲ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଏହାପରେ ସରକାର ନିଷ୍ପତ୍ତି ନେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ସେ କହିଛନ୍ତି ଯେ ତୃତୀୟ କିସ୍ତି ସୁଭଦ୍ରା ପ୍ରଦାନ ବେଳେ ୬୦ ବର୍ଷ ପାଇଁ ୯୩ ହଜାର ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସୁଭଦ୍ରା ଆବେଦନ ବେଳେ ଏବଂ ତୃତୀୟ କିସ୍ତି ପୂର୍ବରୁ ସେମାନଙ୍କୁ ୬୦ ବର୍ଷ ହୋଇ ନ ଥିଲା। ତେବେ ଭତ୍ତାପାଇଁ ଆବଶ୍ୟକୀୟ ଯୋଗତା ଅନୁସାରେ ଏସଏସପିଡି ଭତ୍ତା ପ୍ରଦାନ କରାଯିବ। ଯେଉଁମାନେ ବଞ୍ଚିତ ହେବେ ଓ ଭତ୍ତା ପ୍ରୋସେସ୍ ଚାଲିଥିବା ମଧ୍ୟରେ ସୁଭଦ୍ରାର ଆଉ ଏକ କିସ୍ତି ଆସିବ ତେବେ ସେମାନଙ୍କୁ ଉକ୍ତ କିସ୍ତି ପ୍ରଦାନ କରାଯିବ।ଭତ୍ତା ପାଇଁ ସେମାନଙ୍କୁ ଆଉ କୌଣସି ଦସ୍ତାବିଜ କିମ୍ବା ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ,କେବଳ ଆବେଦନ କରିବେ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩ଟି କିସ୍ତିରେ କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାସହ ୨୧ ବର୍ଷ ହୋଇଥିବା ଯୁବତୀ ନୂଆ ଯୋଡ଼ି ହେଉଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗାଁ ଧୋଇନେଲା...

ସତର୍କତା ଜାରି କରାଯାଇଛି। ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ମେ ୨୪ରେ କେରଳକୁ ଛୁଇଁ ଥିଲା। ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ସାରା ଦେଶର ବର୍ଷା ସାମାନ୍ୟଠାରୁ ୮ ପ୍ରତିଶତ ଅଧିକ ରହିଛି। ପଶ୍ଚିମ ରାଜସ୍ଥାନ, ପଞ୍ଜାବ ଓ ହରିୟାଣାରୁ ମୌସୁମୀ ବିଦାୟ ନେଇସାରିଛି। ମୌସୁମୀ ସମ୍ପୂର୍ଣ୍ଣ ଭାବେ ଫେରିଯିବା ପୂର୍ବରୁ ୭ଟି ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଚଳିତ ମାସ ଶେଷ ଆଡକୁ ଓ ଅକ୍ଟୋବର ପ୍ରାରମ୍ଭରେ ବର୍ଷା ହେବ ବୋଲି ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ (ଜିଏଫ୍ଏସ୍) ତରଫରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨୫ ଓ ୨୬ରେ ବଙ୍ଗୋପ ସାଗରରେ ଏକ ବିଶାଳ ମୌସୁମୀ ପ୍ରଣାଳୀ ସୃଷ୍ଟି ହେବ। ଫଳରେ ଏହାର ପ୍ରଭାବରେ ପଶ୍ଚିମ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡଖଣ୍ଡ, ଛତିଶଗଡ଼, ବିହାର ଓ ପୂର୍ବ ଉତ୍ତରପ୍ରଦେଶରେ ୨-୩ ଧରି ଜବରଦସ୍ତ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

### ପ୍ରଥମ ଦିନରୁ...

ବାହିନୀପତି, ସି ଏସ ରାଜନ୍ ଏକ୍କା, ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚାମ୍ବରରେ ଅନାସ୍ଥା ପ୍ରସ୍ତାବ ପାଇଁ ସହଯୋଗ ଲୋଡ଼ିବାକୁ ପ୍ରସ୍ତାବ ଦେବାକୁ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ ଓ ଅନ୍ୟ ବିଜେଡି ବିଧାୟକଙ୍କ ସହ ଆଲୋଚନା କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଅପରପକ୍ଷେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ନେଇ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କଟାକ୍ଷ କରିଛନ୍ତି। ଅନାସ୍ଥାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ଯେ ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନ ଥାଇ ଅନାସ୍ଥା ଆଣିବା କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ କଂଗ୍ରେସର ଏକ ଷ୍ଟଣ୍ଟ ବୋଲି ସେ କହିଛନ୍ତି। କଂଗ୍ରେସ ଅନାସ୍ଥା ଆଣିବା ଘଟଣାକୁ ନେଇ ସେ କହିଛନ୍ତି 'ଜଗତେ କେବଳ ଜନେ ହସିବେ' ବୋଲି ସେ ଅଭିହିତ କରିଛନ୍ତି।

### କ'ଣ ରହିଛି...

ସଦସ୍ୟଙ୍କ ମତ ଲୋଡ଼ିବେ। ଯଦି ଓଡ଼ିଶା ବିଧାନସଭାରେ ୧୪ ଜଣ ସଦସ୍ୟ ଏହା ସପକ୍ଷରେ ମତ ଦିଅନ୍ତି, ତାହେଲେ ପ୍ରସ୍ତାବକୁ ବିଜନେସ ଆଡଭାଇଜରୀ କମିଟି ନିକଟକୁ ପଠାଇ ଦିଆଯିବ। ଅନାସ୍ଥା ପ୍ରସ୍ତାବ କେବେ, କେଉଁଦିନ ଏବଂ କେତେ ସମୟ ପାଇଁ ଆଲୋଚନା ହେବା, ସେନେଇ କମିଟି ନିଷ୍ପତ୍ତି ନେବ। ଯଦି ଚଳିତ ଅଧିବେଶନରେ ଅଧିକ ସରକାରୀ କାର୍ଯ୍ୟ ରହିଥାଏ, ତାହେଲେ କମିଟି ଏହି ପ୍ରସ୍ତାବକୁ ଆଲୋଚନାକୁ ନ ନେବାର କ୍ଷମତା ମଧ୍ୟ ବାଚସ୍ପତିଙ୍କର ରହିଛି। ସେହିପରି ବାଚସ୍ପତି ଏହାକୁ ଅଗ୍ରାହ୍ୟ କରିବାର କ୍ଷମତା ମଧ୍ୟ ରଖୁଛନ୍ତି। ଯଦି କଂଗ୍ରେସ ପକ୍ଷରୁ ଏହି ପ୍ରସ୍ତାବରେ କୌଣସି ତ୍ରୁଟିଯୁକ୍ତ ଶବ୍ଦର ପ୍ରୟୋଗ ହୋଇଥିବ, ତାହେଲେ ସେହି ଆଳରେ ମଧ୍ୟ ବାଚସ୍ପତି ପ୍ରସ୍ତାବକୁ ଅଗ୍ରାହ୍ୟ କରିପାରିବେ। ଏହାସହ ଅଧିବେଶନରେ ଗୃହକାର୍ଯ୍ୟ ଅଧିକ ଥିଲେ, ଆବଶ୍ୟକ ସମୟ ନ ଥିଲେ ମଧ୍ୟ ବାଚସ୍ପତି ପ୍ରସ୍ତାବକୁ ଅଗ୍ରାହ୍ୟ କରିପାରିବେ।

### ଭାରତ ଉପରୁ...

ଏକ ବାଣିଜ୍ୟ ଚୁକ୍ତି ପାଇଁ ଭାରତ ଆସିଛନ୍ତି, ଯାହା ୫୦% ଶୁଳ୍କ ଲାଗୁ କରିବା ପରେ ପ୍ରଥମ ଥର ପାଇଁ ହୋଇଛି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଆଲୋଚନା ସମ୍ପର୍କରେ ନିଜେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏକ ସକାରାତ୍ମକ ନିଷ୍କର୍ଷର ଇଙ୍ଗିତ ଦେଇଛନ୍ତି। ୱାଶିଂଟନ ଏବଂ ଦିଲ୍ଲୀ ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଖୁବ୍ ଶୀଘ୍ର ଏକ ସକାରାତ୍ମକ ନିଷ୍କର୍ଷରେ ପହଞ୍ଚିବ ଓ ଆଗାମୀ ସପ୍ତାହଗୁଡ଼ିକରେ ସମସ୍ତ ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସେ କଥା ହେବେ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି ଯେ ମୁଁ ଏହା ଜଣାଇ ଖୁସି ଯେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ଆଲୋଚନା ଚାଲିଛି। ମୁଁ ଆଗାମୀ ସପ୍ତାହଗୁଡ଼ିକରେ ମୋର ବହୁତ ଭଲ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହେବାକୁ ଅପେକ୍ଷା କରିଛି।

### ଜଙ୍ଗଲରେ ଗୋରୁ...

ସୂଚନାନୁଯାୟୀ, ଗତ ୭ ତାରିଖରେ ଅଶ୍ୱକୋଟି ଗ୍ରାମର ଲୋକେ ଜଙ୍ଗଲରେ ଗୋରୁ ଚରାଉଥିବା ବେଳେ ବନ ବିଭାଗର ଅଧିକାରୀମାନେ ସେମାନଙ୍କୁ ମାଡ଼ ମାରିଥିଲେ। ପରେ ବିଳମ୍ବିତ ରାତିରେ ଗାଁରେ ପଶି ଜଗେନ ଦେଓଗାମ, ଡିବୁରୁ ଗାଗରାଇ, ଚାମ୍ପାଏ ଗାଗାରାଇ, କନ୍ଧା ଗାଗାରାଇ, ସୁରୁ ଦେଓଗାମ, ମରନ ଦେଓଗାମ, ଘନ ଦେଓଗାମଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ସହ ସେମାନଙ୍କ ଘରୁ ୫ଟି ଛେଳି, ବତକ ଏବଂ କୁକୁଡ଼ା ନେଇ ପଳାଇଥିଲେ। ଏ ସଂପର୍କରେ ଗ୍ରାମବାସୀ ଶରତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୁଲିସ ମାମଲା ରୁଜୁ ନକରିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଆଜି ଆନ୍ଦୋଳନକୁ ଓହ୍ଲାଇଥିଲେ। ଲାବଣ୍ୟଦେଇପୁର ସରପଞ୍ଚ ତୁରାମ ମେଲଗାନ୍ଧୀ, ଯୁବ ସମାଜସେବୀ ମହାନ୍ତି ଦେଓଗାମ, ଘନ ପାତ୍ର, ମାଙ୍ଗିଲାଲ ଜଙ୍କ, ଶୈଳେନ୍ଦ୍ର ହେମ୍ବ୍ରମ, ଧନୁ ହେମ୍ବ୍ରମ, ନାରଣ କିସ୍କୁ, ବୀର ଗାଗାରାଇ, ରବୀନ୍ଦ୍ର ମୁର୍ମୁ, ମାଦୁଆଲ ଗୋଇପାଇ ପ୍ରମୁଖ ଆନ୍ଦୋଳନ ନେତୃତ୍ୱ ନେଇଥିଲେ।

ଅପରପକ୍ଷେ, କପ୍ତିପଦା ରେଞ୍ଜର୍ ଅଚ୍ୟୁତାନନ୍ଦ ଦାଶ କହିଛନ୍ତି ଯେ ବନ ବିଭାଗର ଏସ୍ଟିଆର୍ ଟିମ ଚଢ଼ଉ କରିବା ସମୟରେ ଏଭଳି ପରିସ୍ଥିତି ଉପୁଜିଥିଲା। ରେଞ୍ଜର୍ ଶ୍ରୀ ଦାସ ପୁଲିସ ଉପସ୍ଥିତିରେ ସରପଞ୍ଚ ତଥା ଆନ୍ଦୋଳନକାରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଆସନ୍ତା ୨୬ତାରିଖକୁ ଦିନ ଧାର୍ଯ୍ୟ କରାଯାଇଛି। ତେବେ ସମସ୍ୟା ସମାଧାନ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ସେହିପରି, ଏହି ଘଟଣାକୁ ନେଇ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନଙ୍କ କହିବା କଥା, ଜଙ୍ଗଲ ସୁରକ୍ଷା ନାମରେ ବନ ବିଭାଗ କର୍ମଚାରୀ ଆଦିବାସୀଙ୍କୁ ଏଭଳି ଅମାନୁଷିକ ଅତ୍ୟାଚାର କରିବା ନିନ୍ଦନୀୟ।

### ନିଶ୍ଚେତକ ଦେବା...

ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡାକ୍ତର କୁବେର ମହନ୍ତ ସେଠାରେ ପହଞ୍ଚିଥିଲେ। ତେବେ ସଂଧ୍ୟା ପ୍ରାୟ ୭ଟା ବେଳେ ଅନ୍ୟ ଏକ ମେସିନ୍ ଆସିବା ପରେ ମହିଳାମାନଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ସେ ପର୍ଯ୍ୟନ୍ତ ସେମାନେ ସେମିତି ଅଚେତ ହୋଇପଡ଼ିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ମହିଳାମାନଙ୍କର ଯଦି କିଛି ଅଘଟଣ ଘଟିଥା'ନ୍ତା, ସେଥିପାଇଁ କିଏ ଦାୟୀ ରହିଥା'ନ୍ତା। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳାଙ୍କ ମଧ୍ୟରେ ବରପାଲି ବ୍ଲକ୍ କାଏଁସିରରୁ ୫ଜଣ, ବାରଙ୍ଗ ପାଲିରୁ ୩ଜଣ, ରାବଣଗୁଡ଼ାରୁ ୩ଜଣ, ବାଗବାଡ଼ିରୁ ୩ଜଣ, ବରଗଡ଼ ବ୍ଲକ୍ ଧମନାଁମୁଣ୍ଡାରୁ ଜଣେ, ମହଦାରୁ ଜଣେ ଓ ଭଟଲି ବ୍ଲକ କୁଶନପୁରୀରୁ ଜଣେ ରହିଥିଲେ।

ଉଲ୍ଲେଖଯୋଗ୍ୟ, ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିବାଦ ପିଛା ଛାଡୁନି। ଗୋଟିଏ ପରେ ଗୋଟିଏ ଅବ୍ୟବସ୍ଥା ସାମ୍ନାକୁ ଆସୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଅନେକଥର ଏଠାକୁ ଆସି ନିଜ ଆଖିରେ ଅବ୍ୟବସ୍ଥା ଦେଖିଯାଇଛନ୍ତି। ଖୁବ୍‌ଶୀଘ୍ର ସବୁକିଛି ଠିକ୍ ହେବ ବୋଲି ବାରମ୍ବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି।

### ସିପି ଅଫିସରେ...

ଅଧିକାରୀଙ୍କୁ ଡକାଇଛନ୍ତି। କେସ୍ ଫାଇଲ୍ ତଦାରଖ କରିବା ସହ ଘଟଣା ବିଷୟରେ ଦୁଇ ଅଧିକାରୀଙ୍କୁ ପଚରାଉଚରା କରିଛନ୍ତି। ସେପଟେ ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦକୁ ପ୍ରାୟ କୋଟିଏ ଟଙ୍କା ପାଇଥିଲା ଦୀପକ। ଏମିତିକି, ତାଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଉପରେ ନଜର ପକାଇଥିଲା ଦୀପକ। ସରକାରୀ ସ୍ତରରେ କାଗଜପତ୍ର କାମ ତୁରନ୍ତ କରାଇବା ପାଇଁ ବିଭିନ୍ନ ମହଲରୁ ଚାପ ପକାଉଥିଲା। ହେଲେ ଅତ୍ୟଧିକ ଚାପ ଓ ସର୍ଭିସବୁକ୍‌ରେ ଅନିୟମିତତା ଯୋଗୁଁ ଓଡ଼ାପଡ଼ା ତହସିଲଦାର ଫାଇଲଟିକୁ ଅଟକାଇଥିଲେ। ଶୁଭମିତ୍ରା ହତ୍ୟା ଘଟଣାର ମୁଖ୍ୟ ଦୀପକ କୁମାର ରାଉତ, ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ୍ ପପୁ ଓ ତା'ର ସାଙ୍ଗ ଶମ୍ଭୁ ମହାନ୍ତ ଓରଫ୍ ଜଟିଆକୁ ଆଜି କୋର୍ଟ ଚାଲାଣ କରିଛି ପୁଲିସ। ଦୀପକ ଗିରଫ ହେବା ତାକୁ ଚାକିରିରୁ ନିଲମ୍ବିତ କରାଯାଇଥିବା ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

### ହୀରାକୁଦ ତଳମୁଣ୍ଡରେ...

ସରକାର ନ୍ୟାୟିକ, ପ୍ରଶାସନିକ ଓ ରାଜନୈତିକ ସ୍ତରରେ ପଦକ୍ଷେପ ଗ୍ରହଣ କରିଛନ୍ତି। ମହାନଦୀ ଜଳ ବିବାଦ ତଥା କଳମା ବ୍ୟାରେଜରୁ ପାଣି ଛାଡ଼ିବା, ଅଣ ମୌସୁମୀ ସମୟରେ ମହାନଦୀର ପାଣି ଆବଶ୍ୟକତା, ଇ-ଫ୍ଲୋ ନିର୍ଦ୍ଧାରଣ କରିବା ପାଇଁ ଛତିଶଗଡ଼ ସହ ଆଲୋଚନା ଜାରି ରହିଛି। ସେହିପରି ମହାନଦୀର ଉପର ମୁଣ୍ଡରେ ପାଣିର ଉପଲବ୍ଧତା ଓ ତାର ବ୍ୟବହାର ସମ୍ବନ୍ଧୀୟ ବିବାଦର ସମାଧାନ ପାଇଁ ସରକାର ନ୍ୟାୟିକ, ବୈଷୟିକ, ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଆଲୋଚନା ଓ ଚେଷ୍ଟା ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।


**AFFIDAVIT**

I, **Smruti Sagar Swain,** aged about 35 years S/o- Shyam Sundar Swain, resident of DDL-361, Phase-I, Housing Board Colony, P.S Khandagiri, Bhubaneswar-751019, Dist- Khordha, Odisha declare by this affidavit No. C F No-19, Dtd-17/09/2025 that my father's actual name is **Shyam Sundar Swain,** which is reflected in my Aadhaar Card and also in his Aadhaar Card. But in my +2 Sc. Certificate in father's column, my father's name has been wrongly recorded as **Shyam Sundar Swian** instead of **Shyam Sundar Swain.** That, **Shyam Sundar Swian** & **Shyam Sundar Swain** is one and same person, who is my father.

**OFFICE OF THE REGULATED MARKET COMMITTEE, BARGARH**
**AT/PO- BARGARH, DIST- BARGARH, ODISHA** H-26

NO:1103 **TENDER CALL NOTICE** DATE: 17.09.2025

Sealed tender are invited from the intending Dealers / Firms / Agencies / Companies for purchase of Package Elevator Conveyor Machine and the bidders shall submit their quotation for the said machine. The detailed Tender Document may be downloaded from the https://bargarh.odisha.gov.in The tender should be reached to this RMC, Bargarh by Regd. Post/ speed post only on or before 14.10.2025 by 1.00 P.M. and will be opened on Date . 14.10.2025 at 4.30 P.M. at the Office of the R.M.C. Bargarh in presence of tenderer or their authorized representative. The firms have to mention material name in the seal cover of tender. The intending firms must submit the valid documents as asked in the tender along with the paper cost worth of Rs. 4000.00 (non-refundable) and E.M.D worth of Rs.150,000.00 only of any Nationalized Bank in shape of Demand Draft in favour of R.M.C. Bargarh drawn on Bargarh.

The Chairman, RMC, Bargarh will have the right to reject all or any of the tender without assigning any reason thereof. The detail information is available in the office of the RMC, Bargarh.

Sd/- **ADM-cum-Chairman**
**R.M.C., Bargarh**

**OIPR-07041/11/0003/2526**

UNITY Small Finance Bank

**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍**

ପଞ୍ଜିକୃତ କାର୍ଯ୍ୟାଳୟ: ବସନ୍ତ ଲୋକ, ବସନ୍ତ ବିହାର, ନୂଆଦିଲ୍ଲୀ-110057
କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କଲିନା, ସାନ୍ତାକ୍ରୁଜ (E), ମୁମ୍ବାଇ – 400 098

**ଡିମାଣ୍ଡ ନୋଟିସ୍** ଧାରା 13 (2) ଅନୁସାରେ

ଆର୍ଥିକ ସଂସ୍ଥାନର ସୁରକ୍ଷା ଏବଂ ପୁନର୍ଗଠନ ଏବଂ ସୁରକ୍ଷା ସଂସ୍ଥାନର କାର୍ଯ୍ୟାନ୍ୱୟନ ଅଧିନିୟମ ୨୦୦୨ ("ଅଧିନିୟମ") ଏବଂ ସୁରକ୍ଷା ସଂସ୍ଥାନର (କାର୍ଯ୍ୟାନ୍ୱୟନ) ନିୟମାବଳୀ, ୨୦୦୨ ("ନିୟମାବଳୀ")

ଏହି ଅଧିନିୟମ ଅନୁଯାୟୀ ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ("ବ୍ୟାଙ୍କ")ର ପ୍ରାଧିକୃତ ଅଧିକାରୀ ଭାବେ ସ୍ୱାକ୍ଷର କରିଥିବା ଅଧସ୍ତନ ଅଧିକାରୀ ଏବଂ ଆଇନର ଧାରା 13 (12) ଅନୁଯାୟୀ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିୟମ 3 ସହିତ ପଢ଼ିବା ପରେ, ଆଇନର ଧାରା 13 (2) ଅନୁଯାୟୀ ଡିମାଣ୍ଡ ନୋଟିସ (ଗୁଡ଼ିକ) ଜାରି କରିଛନ୍ତି, ଯେଉଁଥିରେ ନିମ୍ନଲିଖିତ ଋଣଗ୍ରହୀତା (ମାନଙ୍କୁ) ଉକ୍ତ ନୋଟିସ ପ୍ରାପ୍ତ ହେବାର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ନୋଟିସ (ଗୁଡ଼ିକ)ରେ ଉଲ୍ଲିଖିତ ରାଶି ପରିଶୋଧ କରିବାକୁ ଆହ୍ୱାନ କରିଛନ୍ତି। ଯେହେତୁ କେତେକ ବିଜ୍ଞପ୍ତି (ଗୁଡ଼ିକ) ଡାକ ଟିପ୍ପଣୀ ଅନୁଯାୟୀ ପ୍ରଦାନ କରାଯାଇନଥାଏ, ତେଣୁ ଉକ୍ତ ବିଜ୍ଞପ୍ତି (ଗୁଡ଼ିକ) ଋଣଗ୍ରହୀତା (ମାନ)ଙ୍କୁ ବିକଳ୍ପ ସେବା ମାଧ୍ୟମ ଅର୍ଥାତ୍ ଖବରକାଗଜରେ ପ୍ରକାଶନ ମାଧ୍ୟମରେ।

| କ୍ର.ନଂ | ଋଣ ବିବରଣୀ | ସୁରକ୍ଷିତ ସମ୍ପତ୍ତି |
|---|---|---|
| ୧ | ଋଣଗ୍ରହୀତା(ଙ୍କ) ନାମ/ଠିକଣା- ୧) ଲକ୍ଷ୍ମୀ ନାରାୟଣ ପ୍ରାଣ କ୍ରିଷ୍ଣ (ଋଣଗ୍ରହୀତା) ୨) କୃଷ୍ଣ ଚନ୍ଦ୍ର ବିଶ୍ୱାଳ (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା) ୩) ସୁକାନ୍ତି ବିଶ୍ୱାଳ (ସହ ଋଣଗ୍ରହୀତା) ମଞ୍ଜୁରୀ ତାରିଖ: ୨୧/୦୩/୨୦୨୪ ଋଣ ଆକାଉଣ୍ଟ ନମ୍ବର USFBBHULOAN000005017598 ଋଣ ରାଶି: ଟ. ୨୫,୭୫,୦୦୦.୦୦/- ଏନ୍ ପି ଏ ତାରିଖ: ୦୨/୦୯/୨୦୨୫ ଡିମାଣ୍ଡ ନୋଟିସ୍ ତାରିଖ: ୦୫/୦୯/୨୦୨୫ (୧୨/୦୯/୨୦୨୫ରେ ପଠାଯାଇଛି) ଡିମାଣ୍ଡ ନୋଟିସ୍ ରାଶି: ୦୫/୦୯/୨୦୨୫ ସୁଦ୍ଧା ଟ. ୨୬,୨୪,୪୯୭.୭୮/- ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଋଣଗ୍ରହୀତାଙ୍କ ନାମରେ ଥିବା ସମସ୍ତ ସ୍ଥାବର ସମ୍ପତ୍ତିର ଅଂଶବିଶେଷ, ଯାହାର ଖାତା ନଂ ୭୩୭/୧୦୨୧, ପ୍ଲଟ୍ ନଂ. ୨୫୭୬/୩୯୭୯, କ୍ଷେତ୍ର: ଏକର ୦.୦୯୫ ଡିସିମିଲ, ମୌଜା: ଗଞ୍ଜାମ, ତହସିଲ: ହିଞ୍ଜିଳିକାଟୁ, ମୌଜା: ଶାସନଆମଗାଁ, କିସମ-ଘରବାରି, ଯାହା ଖାତା ନଂ. ୭୩୭/୨୩୬ ସମ୍ପର୍କିତ ଅଟେ। ଚତୁର୍ପାଶ୍ୱରେ (ବନ୍ଧକ ଏବଂ ବିକ୍ରି ନଥିଆଧାରିତ): ପୂର୍ବ- ପାହାଡ଼ ପଶ୍ଚିମ- ତ୍ରିନାଥଦାସ ଉତ୍ତର- ତ୍ରିନାଥଦାସ ଦକ୍ଷିଣ - ପାହାଡ଼ |

ଷାଠିଏ (୬୦) ଦିନ ମଧ୍ୟରେ ଉପରୋକ୍ତ ବକେୟା ପରିଶୋଧ କରିବାରେ ବିଫଳ ହେଲେ, ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ସ୍ୱାକ୍ଷରକାରୀ ବାଧ୍ୟ ହେବେ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଆଇନର ଧାରା 13 (13) ଅନୁଯାୟୀ, ଆପଣଙ୍କୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ଉପାୟରେ, ଏହା ସହିତ ସୂଚିତ କୌଣସି ସୁରକ୍ଷିତ ସମ୍ପତ୍ତି ସହିତ କାରବାର କିମ୍ବା ହସ୍ତାନ୍ତର କରିବାକୁ ବାରଣ କରାଯାଇଛି। ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ ଏକ ଅପରାଧ ଏବଂ ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ। ଡିମାଣ୍ଡ ନୋଟିସ୍‌ର ନକଲ ସ୍ୱାକ୍ଷରିତ ବ୍ୟକ୍ତିଙ୍କ ପାଖରେ ଉପଲବ୍ଧ ଏବଂ ଋଣଗ୍ରହୀତା (ମାନେ) ଯଦି ଚାହିଁବେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ ଯେକୌଣସି କାର୍ଯ୍ୟ ଦିବସରେ ତାହା ସଂଗ୍ରହ କରିପାରିବେ।

ସ୍ଥାନ: ଓଡ଼ିଶା, ତାରିଖ: ୧୯-୦୯-୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିଟି ସ୍ମଲଫାଇନାନ୍ସ ବ୍ୟାଙ୍କ ଲିମିଟେଡ

**AFFIDAVIT**

I Sangram Keshri Palai, S/o- Basudev Palai, At- Nuagada, Po.- Badakul, Ps.- Balugaon, Dist.- Khordha, Pin- 752030 Odisha declare by this affidavit no.- 3455, dtd.- 10/09/2025 that, now onwards I shall be known as **Sangram Keshari Palai** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 03/09/2025 I, Sri Balu Palam, S/o- Sadhu Palam, Vill.- Kulab, Po.- Subai, Ps.- Nandapur, Dist.- Koraput, declare that I have changed my son's name from **Dambaru Palam** to **Dambarudhar Palam**. Henceforth my son shall be known as **Dambarudhar Palam** for all purposes.

Sd/- **Balu Palam**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 28.07.2025, I DURGA MAJHI, W/o- Purna Chandra Majhi, Vill.- Bhandimal, Po.- Medana, Ps.- Dabugam, Dist.- Nabarangpur, Odisha, Pin - 764072 declare that, I have changed my name from **URMILA MAJHI** to **DURGA MAJHI**. Henceforth I shall be known as **DURGA MAJHI** for all purposes.

Sd/- **DURGA MAJHI**

**AFFIDAVIT**

I Akula Vishaal S/o A Viswa Mohan Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-117, dated 12.09.2025. That now onwards I shall be known as **A. VISHAAL** for all future purposes.

**AFFIDAVIT**

I, Dasamanta Badengi, S/o- Padu Badengi, resident of Vill.- Adra, Po.- Kasandi, Ps.- Nandapur, Dist.- Koraput, Pin- 764037, Odisha declare by this affidavit dtd.- 16/09/2025 that, I have changed my minor son's name from **Susant Khara** to **Susanta Badengi**. Henceforth he shall be known as **Susanta Badengi** for all future purposes.

Sd/- Dasamanta Badengi

**NOTICE**

By virtue of an affidavit sworn before the Executive Magistrate, Astarang, CF. No. 2067, on dated 15/09/2025, I **SEBATI MOHARANA**, resident of Village At- Manduki, Po- Namaro, Ps - Astarang, Dist- Puri, State- Odisha, declare that I have changed my name from **REBATI MAHARANA** to **SEBATI MOHARANA.** Henceforth, I shall be known as **SEBATI MOHARANA** for all future purposes.

(Sd- **SEBATI MOHARANA**)

**AFFIDAVIT**

I Sulata Panigrahi D/o Lakshmi Narayan Panigrahi, W/o Rajanikanta Mantry, Resident of At 1 Subashnagar, K Nuagan, Ghikitigada, Chikitibit- 2, Dist- Ganjam, Odisha, PIN- 761010, declare by this affidavit No 38152 dtd 17.09.2025 that now onwards I shall be known as **SULATA KUMARI PANIGRAHI** for all future purposes.

**AFFIDAVIT**

I Kuni Hantal, D/o- Jayaram Hantal, W/o- Ramababu Dora resident of Vill.- Kasandi, Po.- Kasandi, Ps.- Nandapur, Dist.- Koraput, Pin- 764037, Odisha declare by this affidavit no.- 85, dtd.- 18/09/2025 that, I have changed my name from **Kuni Gemeal** to **Kuni Hantal**. Henceforth I shall be known as **Kuni Hantal** for all future purposes.

Sd/- **Kuni Hantal**

**AFFIDAVIT**

I A Viswa Mohan Rao S/o Late A. Jagannadh Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-110, dated 15.09.2025. That now onwards my father's name shall be known as **LATE A JAGANNATH RAO** for all future purposes.

**AFFIDAVIT**

I Akula Trupti W/o A Viswa Mohan Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-112, dated 15.09.2025. That now onwards I shall be known as **A TRUPTI RAO** for all future purposes.

**AFFIDAVIT**

I Akula Viswa Mohan Rao S/o Late A Jagannath Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-111, dated 15.09.2025. That now onwards I shall be known as **A VISWA MOHAN RAO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.No- 4 on dated 17-09-2025 I, **JAGABANDHU SAHU,** S/o Tripura Sahu permanent resident of Saila Nibash, Gali No-10, Bijunagar, PO- Industrial Estate, PS/Dist- Jharsuguda, State- Odisha, Pin- 768203, declare that I have changed my son's name from **ADITYA ANSHUMAN SAHU** (Old name) to **ADYANSH SAHU** (New name), Henceforth, he shall be known as **ADYANSH SAHU** for all purposes.

Sd-( **JAGABANDHU SAHU**)

**AFFIDAVIT**

By virtue of an affidavit (CF No. 02) sworn before the Executive Magistrate, Padampur on dated- 18/09/2025. I, **Tularam Kyachir,** S/o- Madan Kyachir, permanent & currently resident of At- Goudmal, PO- Goudmal, Dist- Bargarh, PIN- 768042, Odisha declare that I have changed my minor son's name from **Purandar Kyachir** (old name) to **Purnadhar Kyachir** (new name). Henceforth, he shall be known as **Purnadhar Kyachir** (new name) for all purposes.

**Tularam Kyachir**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 16/09/2025. I, **Pooja Pradhani** (new name), formerly called as Jamuna Pradhani (old name), D/o- Bhim Pradhani, permanent resident of At- Pipalpadar, PO- Manigaon, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Jamuna Pradhani** (old name) to **Pooja Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Pooja Pradhani** (new name).

**Pooja Pradhani**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 17/09/2025. I, **Biswamitra Hati** (Applicant name), S/O- Bhagabana Hati, Permanent resident of At- Marlad, PO- Marlad, PS- Titilagarh, Dist- Balangir, (Odisha), PIN- 767066, now residing at the same place affirm that I have changed my minor daughter's name from **Haseni Hatee** (old name) to **Hastini Hati** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Hastini Hati** (new name).

**Biswamitra Hati**

**AFFIDAVIT**

By virtue of an affidavit (CF No. 05) sworn before the Executive Magistrate, Padampur on dated- 18/09/2025. I, **Anupama Sahu,** W/o Jayakrushna Sahu, permanent & current resident of At- Goibahali, PO- Palsada, PS- Paikmal, Dist- Bargarh, PIN- 768039, Odisha declare that I have changed my name from **Anupama Naik** (old name) to **Anupama Sahu** (new name). Henceforth, I shall be known as **Anupama Sahu** (new name) for all purposes.

**Anupama Sahu**

**AFFIDAVIT**

By virtue of an affidavit (CF No. 01) sworn before the Executive Magistrate, Padampur on dated- 18/09/2025. I, **Anjali Pradhan,** W/o- Rajat Kumar Padhan, permanent resident of At- Kuchipali, PO- Kuchipali, PS- Melchhamunda, Dist- Bargarh, PIN- 768034, Odisha declare that I have changed my name from **Anjali Padhan** (old name) to **Anjali Pradhan** (new name). Henceforth, I shall be known as **Anjali Pradhan** (new name) for all purposes.

**Anjali Pradhan**

### ୫ ବର୍ଷ ବିତିଲା; ଶେଷ ହେଲାନି ଖନ୍ତ କଲ୍ୟାଣ ମଣ୍ଡପ ନିର୍ମାଣ

# ଅନ୍ୟତ୍ର ଖର୍ଚ୍ଚ କରାଯାଇଛି ଅନୁଦାନ ଅର୍ଥ



ବିଜାତଳା, ୧୮।୯ (ଯୁଧିଷ୍ଠିର ପରିଡ଼ା)

ପଞ୍ଚାୟତର ରୋଜଗାର ବୃଦ୍ଧି ନିମନ୍ତେ ନବୀନ ସରକାର ବିଭିନ୍ନ ଆୟକାରୀ ପ୍ରକଳ୍ପ ମଞ୍ଜୁର କରିଥିଲେ। ତଦନୁସାରେ ବିଜାତଳା ବ୍ଲକ ଖନ୍ତଠାରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ସହିତ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା; କିନ୍ତୁ କାର୍ଯ୍ୟାଦେଶ ମିଳିବାର ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ହେଁ ଆଜିଯାଏ କଲ୍ୟାଣ ମଣ୍ଡପଟି ମଧାପନ୍ତରିଆ ଅବସ୍ଥାରେ ରହିଛି। ନିର୍ମାଣ ପାଇଁ ଆସିଥିବା ଅନୁଦାନକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇଛି। ତେଣୁକରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନପାରି ଅଧାରେ ରହିଛି। ଫଳରେ ସରକାରଙ୍କ ଉଦ୍ଦେଶ୍ୟ ଫଳପ୍ରଦ ହୋଇପାରୁନାହିଁ। ଏ ନେଇ କୌଣସି ବିଭାଗୀୟ ଅଧିକାରୀ ବି ତଦନ୍ତ କରୁନାହାନ୍ତି। ଗତ ୨୦୨୩ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଚିଠି ଅନୁସାରେ, ଚତୁର୍ଥ ଓ ପଞ୍ଚମ ରାଜ୍ୟ ଅର୍ଥ କମିସନଙ୍କ ଅନୁଦାନରେ କଲ୍ୟାଣମଣ୍ଡପ ପାଇଁ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଖନ୍ତ ଖେଳ ପଡ଼ିଆଠାରେ ୨୦୨୦-୨୧ ଅର୍ଥିକ ବର୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣମଣ୍ଡପ ନିର୍ମାଣ ଆରମ୍ଭ ହୋଇଥିଲା; କିନ୍ତୁ ଅଦ୍ୟାବଧି ପ୍ଲିନ୍ଥ ଯାଏ କାମ ହୋଇଛି। ଆଉ ଆଗକୁ ବଢ଼ିପାରୁନାହିଁ। ଫଳରେ ଅନାବନା ଗଛ ଓ ଘାସରେ ଭର୍ତ୍ତି ହେଲାଣି ନିର୍ମାଣାଧୀନ କଲ୍ୟାଣ ମଣ୍ଡପ। ଏଣୁ ପଞ୍ଚାୟତବାସୀ ବିବାହ, ବ୍ରତଘର ଆଦି କାର୍ଯ୍ୟ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଧିକାଂଶ ପଞ୍ଚାୟତରେ କଲ୍ୟାଣମଣ୍ଡପ କାମ ଅଧାପନ୍ତରିଆ ହୋଇପଡ଼ିଛି। ସିଏଫ୍ସି, ଏସ୍ଏଫ୍ସି, ମନରେଗା, ସାଂସଦ ଓ ବିଧାୟକଙ୍କ ହାତପାଣ୍ଠି ଅନୁଦାନରେ ଏହି କଲ୍ୟାଣମଣ୍ଡପଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ଅନ୍ୟ ପଞ୍ଚାୟତରେ ମଧ୍ୟ ସମାନ ଅବସ୍ଥା। ଏଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ଭୂ-ଉତ୍ତରାଧିକାରୀ ନିୟମ ଉଲ୍ଲଙ୍ଘନ ବିରୋଧରେ ତେଜିଲେ ଆଦିବାସୀ



ବଡ଼ସାହି, ୧୮।୯ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ୨୧ଟି ଗ୍ରାମପଞ୍ଚାୟତର ଆଦିବାସୀ ନେତୃମଣ୍ଡଳୀଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଚାଲିଥିବା ଜମି ପଟ୍ଟାର ସଂଶୋଧନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଆଦିବାସୀଙ୍କ ପାରମ୍ପରିକ ପ୍ରଥାନୁଯାୟୀ ଆଦିବାସୀ ଝିଅମାନେ ଉତ୍ତରାଧିକାରୀ ରହିପାରିବେ ନାହିଁ। କିନ୍ତୁ ଓଡ଼ିଶା ସରକାର ଏହି ନିୟମକୁ ଉଲ୍ଲଂଘନ କରୁଥିବାରୁ ଆଦିବାସୀ ତୁଙ୍ଗ ନେତୃବୃନ୍ଦ ବିରୋଧ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ନେତୃମଣ୍ଡଳୀଙ୍କ ସହିତ କଥାବାର୍ତ୍ତା ସମୟରେ ସାଂସଦ ସନ୍ତୋଷ ଜନକ ଉତ୍ତର ଦେଇନଥିବାରୁ ଆଦିବାସୀ ସମାଜ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଂସଦ କହିଲେ ଯେ, କାଶ୍ମୀରର ୩୭୦ ଧାରା ଉଚ୍ଛେଦ ହେବା ଭଳି ଆଗାମୀ ଦିନରେ ଆଦିବାସୀଙ୍କ ସମସ୍ତ ସାମ୍ବିଧାନିକ ଆଇନ ହୋଇପାରେ। ତେଣୁ ଆଦିବାସୀମାନେ ଅସନ୍ତୁଷ୍ଟ ହୋଇ ଭବିଷ୍ୟତରେ ଭୂ-ଉତ୍ତରାଧିକାରୀ ନିୟମ ବିରୋଧରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ପାଇଁ ଅଣ୍ଟା ଭିଡିଛନ୍ତି। ଏହି ଅବସରରେ ଦୁଲାରାମ ମୁର୍ମୁ, ପୂର୍ଣ୍ଣଚନ୍ଦ୍ର ହାଁସଦା, ଚୈତନ୍ୟ ସୋରେନ୍, ବସନ୍ତ କୁମାର ସିଂ, ଚିନ୍ତାମଣି ଟୁଡୁ, ବୁଧିଆ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନ ସୁଗର ଜବତ; ଦୁଇ କୋର୍ଟଚାଲାଣ



ବହଳଦା, ୧୮।୯ (ସମିସ): ବହଳଦା ଅଞ୍ଚଳରେ ବ୍ରାଉନ ସୁଗର କାରବାରରେ ସମ୍ପୃକ୍ତ ଥିବା ଦୁଇ ଜଣ ଯୁବକଙ୍କୁ ପୁଲିସ ବାଇକ ସହ ଧରିବାରେ ସଫଳ ହୋଇଛି। ରାଇରଙ୍ଗପୁର ଓ ବହଳଦା ଅଞ୍ଚଳରେ ବ୍ରାଉନ ସୁଗର କାରବାର ବେଧଡକ ଚାଲିଥିବା ବେଳେ ଖବର ପାଇ ବହଳଦା ନିକଟ କୁଲଗୀ ଗ୍ରାମ ପଟକୁ ବ୍ରାଉନ ସୁଗର ନେଇ ବାଇକରେ ଯାଉଥିବା ୨ ଯୁବକଙ୍କୁ ଅବକାରୀ ଅଧିକାରୀମାନେ ଗୋଡାଇ ଗୋଡାଇ ଧରିଥିଲେ। ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜୀତ ସବରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ ଏହି ଚଢ଼ଉ କରି ୧୩ ଗ୍ରାମର ବ୍ରାଉନ ସୁଗର ଓ ଗୋଟିଏ ବାଇକ୍ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ରାଇରଙ୍ଗପୁର ଥାନା ଅନ୍ତର୍ଗତ ଇଚିଣ୍ଡା ଗ୍ରାମର ଲାଲ ମୋହନ ହେମ୍ବ୍ରମ ଏବଂ ପୁରୁଣାପାଣି ଗ୍ରାମର ସିଧୁ ବାରିକ। ଜବତ ବ୍ରାଉନ ସୁଗରର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଚଢ଼ଉରେ କନେଷ୍ଟବଳ ବୁଦ୍ଧଦେବ ମହାନ୍ତ, ଅରୁଣ କୁମାର ମୁଦୁଲି, ସୁରେନ୍ଦ୍ର ସୋରେନ ପ୍ରମୁଖ ସାମିଲ ହୋଇଥିଲେ।

## ବିଦ୍ୟାଳୟରୁ ଚୋରି; ପୁଲିସ ତଦନ୍ତ ଆରମ୍ଭ

ବେତନଟୀ, ୧୮।୯ (ସମିସ): ବେତନଟୀ ବ୍ଲକ ଅଧୀନ ବାଲକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ମଙ୍ଗଳବାର ବିଦ୍ୟାଳୟ ଛୁଟି ପରେ କର୍ତ୍ତୃପକ୍ଷ ସମସ୍ତ କବାଟ ଓ ଝରକା ବନ୍ଦ କରି ଘରକୁ



ଫେରିଥିଲେ। ବୁଧବାର ସକାଳ ୯.୩୦ରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ପହଞ୍ଚି ଦେଖିଲେ ଯେ, ଅଫିସ ଗୃହ, ଷ୍ଟୋର ଗୃହ, କମନ ଗୃହ, ୭ମ ଶ୍ରେଣୀ ଓ ୫ମ ଶ୍ରେଣୀ ଗୃହର କବାଟର ତାଲା ଭଙ୍ଗା ଯାଇଛି। ଏହି ଗୃହଗୁଡ଼ିକ ଭିତରେ ଆସବାବପତ୍ର ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିବା ଦେଖାଯାଇଥିଲା। ଘଟଣା ଜାଣିବା ପରେ ଜଣେ ଶିକ୍ଷକ ପ୍ରଧାନ ଶିକ୍ଷକ ବାବୁରାମ ଦାସ, ପରିଚାଳନା କମିଟିର ସଭାପତି ଏବଂ ଅନ୍ୟ ସଦସ୍ୟଙ୍କୁ ଖବର ଦେଇଥିଲେ। ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟିର ସଭାପତି ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଫିସ ଗୃହରେ ଥିବା ଗୋଦରେଜ୍ ଆଲମିରା ଭଙ୍ଗା ଯାଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଏକ ମ୍ୟୁଜିକ୍ ସିଷ୍ଟମ, ଦୁଇଟି ମାଇକ୍ରୋଫୋନ୍ ଏବଂ ଉଠାଜଳ ସେଚନ ପମ୍ପ ଚୋରି ହୋଇଥିବା ତଦନ୍ତରୁ ଜଣାପଡ଼ିଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଲୁଟ ଉଦ୍ୟମ

କୁଆମରା, ୧୮।୯ (ସମିସ): ଗୋପବନ୍ଧୁନଗର ବ୍ଲକ ଟିଟିଆ ଆଦର୍ଶ ବିଦ୍ୟାଳୟରେ ବୁଧବାର ରାତିରେ ପ୍ରାୟ ୮ ଜଣ ଦୁର୍ବୃତ୍ତ ବିଦ୍ୟାଳୟ ପାଚେରୀ ଡେଇଁ ଭିତରେ ପଶି ଶୋଇଥିବା ଦୁଇ ରାତ୍ର ଜଗୁଆଳିଙ୍କ ଗୋଡ଼ହାତକୁ ବାନ୍ଧି ପକାଇ ଭୟଭୀତ କରିଥିଲେ। ଦୁର୍ବୃତ୍ତମାନେ ମୁହଁ କପଡ଼ା ବାନ୍ଧି ତେଲଙ୍ଗା କଟୁରୀ ଧରି ବିଦ୍ୟାଳୟ ଭିତରେ ପଶିଥିଲେ। ସେମାନଙ୍କ ଫଟୋ ସିସିଟିଭି ଫୁଟେଜରୁ ଜଣା ପଡ଼ିଥିଲେ ମୁହଁରେ କପଡ଼ା ବାନ୍ଧି ଥିବାରୁ କାହାରିକୁ ଚିହ୍ନଟ କରିପାରିନଥିଲେ। ଜଣେ ୱାଚମେନ ସେମାନଙ୍କ କବଳରୁ କୌଶଳ କ୍ରମେ ଖସି ପଳାଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଫୋନ କରିଥିଲେ। ସଙ୍ଗେ ସଙ୍ଗେ ବିଦ୍ୟାଳୟ କର୍ତ୍ତୃପକ୍ଷ ଲୋକଙ୍କ ସହାୟତାରେ ବିଦ୍ୟାଳୟରେ ପହଞ୍ଚିବାରୁ ଲୁଟେରାମାନେ ପଳାଇଥିଲେ। ଫଳରେ ଦୁର୍ବୃତ୍ତଙ୍କ ଲୁଟ୍ ଉଦ୍ୟମ ବିଫଳ ହୋଇଥିଲା।

## 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ନେଇ ବକ୍ତବ୍ୟ ରଖିଲେ ଅଭିଷେକ

ବଡସାହି, ୧୮।୯ (ସମିସ): କେନ୍ଦ୍ର ସରକାରଙ୍କ ଯୁବ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଓ ରାଜ୍ୟ ସରକାରଙ୍କ ସହଯୋଗରେ ବିଜେପି ପକ୍ଷରୁ ଭୁବନେଶ୍ୱସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗତ ବିଧାନସଭାରେ ଯେଉଁ ଯୁବକଙ୍କୁ ନେଇ ବିକଶିତ ଭାରତ ଯୁବ ସଂସଦ-୨୦୨୫ ଅନୁଷ୍ଠିତ ହୋଇଥିଲା, ସେମାନେ ରାଜ୍ୟ ବିଧାନସଭାରେ 'ବିକଶିତ ଭାରତ' ପାଇଁ ସେମାନଙ୍କ ପରିକଳ୍ପନା ସମ୍ପର୍କରେ ଅଭିମତ ରଖିଥିଲେ। ସେମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ବଡସାହି ଅଞ୍ଚଳର ଅଭିଷେକ ମହାନ୍ତି ଆଲୋଚନାଚକ୍ରରେ ଯୋଗଦେଇ ନିଜର ଅଭିମତ ରଖିଛନ୍ତି। ସେ ହେଉଛନ୍ତି କୋଚିଲାଖୁଣ୍ଟା ପଞ୍ଚାୟତ ପାଇକପଡ଼ା ଗ୍ରାମର ପ୍ରଶାନ୍ତ ମହାନ୍ତି ଓ ସଂଯୁକ୍ତା ମହାନ୍ତିଙ୍କ ପୁଅ। ସେ ଏବେ ଏମବିବିଏସର ଶେଷ ବର୍ଷର ଛାତ୍ର। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। 'ଏକ ରାଷ୍ଟ୍ର ଏକ ନିର୍ବାଚନ' ହେଲେ ଲକ୍ଷଲକ୍ଷ କୋଟି ଟଙ୍କାର ଅପଚୟକୁ ରୋକାଯାଇପାରିବ ଏବଂ ଏହା ଦେଶର ବିକାଶ ଓ ସମୃଦ୍ଧିକୁ ଆଗକୁ ବଢ଼ିବାରେ ସହାୟକ ହେବ। ଫଳରେ ଏହା ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ଆଣିବାରେ ସହାୟକ ହେବା ସହିତ ଶକ୍ତିଶାଳୀ, ସ୍ଥିର ଓ ସମୃଦ୍ଧ ଭାରତ ତିଆରି ହୋଇ ପାରିବ ସେ ନିଜର ମତ ରଖିଛନ୍ତି। ଆଲୋଚନାଚକ୍ରରେ ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଉପସଭାପତି ବିରଞ୍ଚି ନିରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେ 'ଏକ ରାଷ୍ଟ୍ର ଏକ ନିର୍ବାଚନ- ବିକାଶ ପଥରେ ଭାରତ' ଶୀର୍ଷକ ଉପରେ ନିଜର ବକ୍ତବ୍ୟ ରଖିଥିଲେ।




## ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ; ଫାଇନାଲରେ ଖଣ୍ଡେଇପଡ଼ା



କରଞ୍ଜିଆ, ୧୮।୯ (ସମିସ): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାର ଆଜି ଦ୍ୱିତୀୟ ସେମି ଫାଇନାଲ ଖେଳରେ ପ୍ରଥମ ରାଉଣ୍ଡରେ କଣ୍ଟିଡିହା ବନାମ ଖଣ୍ଡେଇପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଣ୍ଡେଇପଡ଼ା ୪-୦ ଗୋଲରେ ବିଜୟୀ ହୋଇ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ରାଉଣ୍ଡ ଖେଳ ହୁଣ୍ଡିତୋଟା ବନାମ ଖୁଣ୍ଟାପଡ଼ା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଗୋଟିଏ ଲେଖାଏଁ ଗୋଲ ଉଭୟ ଦଳ ଦେଇଥିବା ଯୋଗୁଁ ଟାଇବ୍ରେକର ଜରିଆର ଖୁଣ୍ଟାପଡ଼ା ଦଳ ୫-୩ ଗୋଲ ଦେଇ ବିଜୟୀ ହୋଇଛି। ସେହିପରି ତୃତୀୟ ରାଉଣ୍ଡ ଖେଳ ଖଣ୍ଡେଇପଡ଼ା ଦଳ ଖୁଣ୍ଟାପଡ଼ା ମଧ୍ୟରେ ହୋଇଥିବାବେଳେ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଫଳରେ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ଖଣ୍ଡେଇପଡ଼ା ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡା: ଜନାର୍ଦ୍ଦନ ଚୌଧୁରୀ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ଇଂ. ରାଜକିଶୋର ମହାନ୍ତ ଯୋଗଦେଇଥିଲେ।

## କବାଡ଼ି ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଆଦର୍ଶ ବିଦ୍ୟାଳୟ



ମୋରଡା, ୧୮।୯ (ସମିସ): ମୋରଡ଼ା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କବାଡି ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ୩ ଜଣ ଛାତ୍ର ବିଶୋଇରେ ହୋଇଥିବା ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗ ନେଇ ଉତ୍ତମ ଖେଳ ପ୍ରଦର୍ଶନ କରି ନଭେମ୍ବର ୧୩ରୁ ୧୭ ଯାଏଁ ସୁନ୍ଦରଗଡ଼ରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଏକାଦଶ ଶ୍ରେଣୀର କରଣ ଅର୍ଜୁନ ମହାନ୍ତ, ସପ୍ତମ ଶ୍ରେଣୀର ହିମାଂଶୁ ଶେଖର ଦାସ ଏବଂ ଷଷ୍ଠ ଶ୍ରେଣୀର ଦେବାଶିଷ ପାତ୍ର। ଛାତ୍ରମାନଙ୍କ ସଫଳତା ପାଇଁ ବିଦ୍ୟାଳୟ ତରଫରୁ ସେମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ଛାତ୍ରମାନେ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର ଏବଂ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ବାରିପଦାରେ ହୋଇଥିବା ଜିଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ହିମାଂଶୁ ଶେଖର ଦାସ ଏବଂ ଦେବାଶିଷ ପାତ୍ର ଯଥାକ୍ରମେ ଦ୍ୱିତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉଭୟ ମନୋନୀତ ହୋଇଛନ୍ତି।

## ମାନାବାଧିକାର ମିଶନ୍ ମଣ୍ଡଳର ସ୍ୱତନ୍ତ୍ର ବୈଠକ



ବଡ଼ସାହି, ୧୮।୯ (ସମିସ): ବଡ଼ସାହି 'ଶ୍ରୀମତୀ ସାମାଜିକ ସେବା ସଦନ' ମଣ୍ଡପଠାରେ ମାନବାଧିକାର ମିଶନ୍ ମଣ୍ଡଳର ଏକ ସ୍ୱତନ୍ତ୍ର ବୈଠକ ସମ୍ପାଦକ ରଣଜିତ୍ କୁମାର ଦାସଙ୍କ ଆହ୍ୱାନରେ ଅନଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳର ସଭାପତି ସୁବୋଧ କୁମାର ଦଣ୍ଡପାଟ ସଭାପତିତ୍ୱ କରିଛନ୍ତି। ସମ୍ମାନିତ ଅତିଥି ରୂପେ ରାଜ୍ୟ ସଭାପତି ଜ୍ଞାନରଞ୍ଜନ ଜେନା, ବେତନଟୀ ମଣ୍ଡଳ ସଭାପତି ଶଶିଧର ପଣ୍ଡା, ରାଜ୍ୟ କର୍ମକର୍ତ୍ତା ସୁନୀଲ୍ କୁମାର ଖଣ୍ଡେଲୱାଲ୍ ଯୋଗଦେଇ ମିଶନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ସମସ୍ତ ନୂତନ ଓ ନବୀକରଣ ବର୍ଗର ସଦସ୍ୟସଦସ୍ୟାଙ୍କୁ ସେମାନଙ୍କର ଅବସ୍ଥାପିତ ପଦପଦବୀ ଅନୁଯାୟୀ ପରିଚୟପତ୍ର ଅତିଥିମାନେ ବଣ୍ଟନ କରିଥିଲେ। ମଣ୍ଡଳର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଗୃହ 'ଶ୍ରୀମତୀ ସାମାଜିକ ସଦନର ଏକ ବ୍ୟବହାର ଉପଯୋଗୀ ପ୍ରକୋଷ୍ଠ ସ୍ଥାୟୀ ଭାବେ ପ୍ରଦାନ କରିଥିବାରୁ ଏହାର ସ୍ୱତ୍ୱାଧିକାରୀ ଅଜିତ କୁମାର ମହାନ୍ତିଙ୍କୁ ଧନ୍ୟବାଦ ଅର୍ପଣ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୈଠକରେ ରାଜେନ୍ଦ୍ର କୁମାର ଜେନା, ପ୍ରଦୀପ କୁମାର ବଳ, ସୁବାସିନୀ ପତି, ଭବେଶ କୁମାର ସାହୁ, ଡମ୍ବରୁଧର ରାଉତ, ସୂର୍ଯ୍ୟକାନ୍ତି ପୁହାଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମଣ୍ଡଳ ମୁଖପାତ୍ର ଶଚୀନ୍ଦ୍ର କୁମାର ବିଶ୍ୱାଳ ଅତିଥି ପରିଚୟ ଓ ମଣ୍ଡଳ ମିଡିଆ ସମ୍ପାଦକ ଅମିୟକୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସ୍ୱତନ୍ତ୍ର ସେବା ଶିବିର ଉଦ୍ଯାପିତ

ବଡ଼ସାହି, ୧୮।୯ (ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଗତ ୧୦ ତାରିଖରୁ ଚାଇଥିବା ସ୍ୱତନ୍ତ୍ର ସେବା ଶିବିର ୧୬ ତାରିଖରେ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନ ଦିବସରେ ଅଧ୍ୟକ୍ଷ ରଞ୍ଜନ କୁମାର ଦାସ ଉପସ୍ଥିତ ରହି ଶିବିରକୁ ଉଦ୍ଯାପିତ କରିଥିଲେ। ଅଧ୍ୟାପକ ଫକୀର ଚରଣ ସାହୁ, ପ୍ରାଣୀ ବିଭାଗର ମୁଖ୍ୟ ଡ଼ଃ ଜୀବନ କୁମାର ପଣ୍ଡିତ, ରାଜନୀତି ବିଭାଗର ଅଧ୍ୟାପକ ଡ଼ଃ ଅନ୍ତର୍ଯ୍ୟାମୀ ବେରିଆ, ଅଧ୍ୟାପକ ଗୁଲୁ ସୋରେନ, ବିମଲ୍ କାରୁଆ, ଅଧ୍ୟାପକ ଶ୍ରବଣ ମହାପାତ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ପ୍ରକାର ତାଲିମ ଦେଇଥିଲେ। ଶିବିରର ଷଷ୍ଠ ଦିନରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବି୍ବବିଦ୍ୟାଳୟ ତରଫରୁ ଭୁବନେଶ୍ୱର ସେଣ୍ଟରର ବ୍ରକୁ. ଧୀରେନ୍ଦ୍ର ଭାଇ, ବେତନଟୀ ସେଣ୍ଟରର ବ୍ରହ୍ମକୁମାରୀ ବନିତା ଭଉଣୀ, ରାସଗୋବିନ୍ଦ ପୁରର ସେଣ୍ଟରର ବ୍ରହ୍ମକୁମାରୀ ମୀନତି ଭଉଣୀ, ବଡ଼ସାହି ସେଣ୍ଟରର ମଞ୍ଜୁ ଭଉଣୀ, ରିସର୍ଚ୍ଚ ପର୍ସନ ଭାବରେ ବିକଶିତ ଭାରତପାଇଁ ନିଶାମୁକ୍ତ ଜୀବନ ଓ ନୈତିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସପ୍ତମ ଦିବସରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ପ୍ରଶିକ୍ଷକ ଜୟଚନ୍ଦ୍ର ବେହେରା ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଜୀବନ ଶିକ୍ଷାରେ ଶିକ୍ଷାର ମୂଲ୍ୟ ଉପରେ ଆଲୋକପାତ କରିଥିଲେ। ଡ଼ଃ ରିତୁଲତା ବିଶ୍ୱାଳ, ଶ୍ରବଣ କୁମାର ମହାପାତ୍ର, ଗୁଲୁ ସୋରେନ ଓ ବିମଲ କାରୁଆ ପୋଷ୍ୟ ଗ୍ରାମର ତାଳପଦା, ଶ୍ୟାମର ବସ୍ଷ୍ଟପ୍, ମନ୍ଦିର ପ୍ରାଙ୍ଗଣ, ଦୁର୍ଗା ମଣ୍ଡପ ପଡ଼ିଆ, ପେଣ୍ଡାଲ, ମହାବିଦ୍ୟାଳୟର ପରିସରରେ ସଫେଇ ତଥା ବୃକ୍ଷ ରୋପଣ ଭଳି ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟ କରିଥିଲେ। ଅତିଥି ରୂପେ ଡ଼ଃ ଜୀବନ କୁମାର ପଣ୍ଡିତ, ଡ଼ଃ ଅନ୍ତର୍ଯ୍ୟାମୀ ବେରିଆ, ବିମଲ୍ କାରୁଆ, ଗୁଲୁ ସୋରେନ୍ ଅତିଥି ରୂପେ ଯୋଗଦାନ କରି ପିଲାମାନଙ୍କୁ ଏନ୍.ଏସ୍.ଏସ୍ ଓ ଏହାର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ଼ଃ ରିତୁଲତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




### ମନରେଗା ଓ ଏନଏଫ୍ଏସଏ ଜନଶୁଣାଣି ଶିବିର

# ୨ ଲକ୍ଷ ୩୨ ହଜାର ଶ୍ରମ ଦିବସ ସୃଷ୍ଟି; ୬.୫ କୋଟି ଖର୍ଚ୍ଚ

ବଡସାହି, ୧୮।୯ (ସମିସ): ବଡସାହି ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ମହାତ୍ମାଗାନ୍ଧୀ ନିଶ୍ଚିତ ଜାତୀୟ କର୍ମନିଯୁକ୍ତି ଯୋଜନାର ଏକ ସାମାଜିକ ସୁରକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ମିନତୀ ସିଂ ଅଧ୍ୟକ୍ଷ୍ୟତା କରିଥିଲେ। ଏଡିଇଓ ଶାନ୍ତନୁ ନାୟକ ଶିବିରକୁ ଉଦ୍ଘାଟନ କରିଥିଲେ। ବିଡ଼ିଓ ବନଜା ଦାସ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସଏ ପ୍ରଦୀପ ଚକ୍ରବର୍ତ୍ତୀ, ଏପିଓ ଅଲୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବ୍ଲକ ଅଧୀନ ୨୧୦ଟି ଗ୍ରାମରେ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୨୮, ୦୭୯ ଶ୍ରମିକ କାର୍ଡ ପ୍ରଦାନ କରାଇଥିବାବେଳେ ୨୦, ୨୨୧ଟି ପରିବାରକୁ କାମ ଯୋଗାଇ ଦିଆଯାଇଛି। ମୋଟ ଶ୍ରମିକ ୪୮, ୮୦୬ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦, ୪୭୬ ଜଣ କାର୍ଯ୍ୟର୍ କରୁଛନ୍ତି। ସୋମନଙ୍କ ମଧ୍ୟରୁ ୧୩, ୦୯୮କୁ କାମ ଯୋଗାଇ ଦିଆଯାଇଛି। ସେହିପରି ୫୦.୭୦ ପ୍ରତିଶତ ମହିଳା ଶ୍ରମିକ କାମ କରିଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତିର ୪୬.୯୭% କାମ କରିଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରୁ ମାତ୍ର ୬ଜଣ ୧୦୦ଦିନ କାମ ପୂରଣ କରିଛନ୍ତି। ବ୍ଲକର ୩୦ଟି ଗ୍ରାମ ପଞ୍ଚାୟତରେ ୪୮୩ଟି ପ୍ରକଳ୍ପ ଚାଲୁ ରହିଥିବାବେଳେ ୩୧ଟି ଶେଷ ହୋଇଛି। ସେ ବାବଦରେ ପ୍ରକୃତିକ ସମ୍ବଳ ସୁବିନିଯୋଗ (ଏନଆରଏମ) ଖର୍ଚ୍ଚ ୯.୯୬ ପ୍ରତିଶତ କରାଯାଇଛି। ସେଥିମଧ୍ୟରୁ ମୋଟ ୬ କୋଟି ୫ଲକ୍ଷ ୮୯ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୭୯ ପ୍ରତିଶତ କେବଳ ଶ୍ରମିକ ମଜୁରୀ ବାବଦରେ ପୈଠ କରାଯାଇଛି। ସେହିପରି ଗତ ୧୫ ଦିନ ମଧ୍ୟରେ ଶତପ୍ରତିଶତ ବିଲ ପ୍ରସ୍ତୁତ କରାଯାଇଛି। ଏଥିରେ ମୋଟ ୨, ୩୨, ୫୮୬ ଶ୍ରମଦିବସ ସୃଷ୍ଟି କରାଯାଇଛି। ଶିବିରରେ ସମସ୍ତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ୱାର୍ଡସଭ୍ୟ, ଜବ୍କାର୍ଡଧାରୀ ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧ ଯୋଗଦେଇଥିଲେ। ତେବେ ଠିକଭାବେ ସୂଚନା ଦିଆଯାଇ ନଥିବାରୁ ହାତଗଣତି ଶ୍ରମିକ ଉପସ୍ଥିତ ଥିଲେ। ଶିବିର ଦୁଇଘଣ୍ଟା ବିଳମ୍ବରେ ଆରମ୍ଭ ହେବାରୁ ଅସନ୍ତୋଷ ଦେଖାଦେଇଥିଲା।



## ପୁଲିସ ଗାଡ଼ି-ବାଇକ୍ ଧକ୍କା; ୨ ଗୁରୁତର

ଆନନ୍ଦପୁର, ୧୮।୯ (ସମିସ): ଫକୀରପୁର ବାଲୁଙ୍କେଶ୍ୱର ମନ୍ଦିର ଛକ ନିକଟରେ ପୁଲିସ୍ ଗାଡ଼ି ଓ ବାଇକ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇ ଆନନ୍ଦପୁର ପରେ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତରଦ୍ୱୟ ହେଲେ ଯାଜପୁର ଜିଲ୍ଲା କୋରେଇ ଥାନା ପାଟରଙ୍ଗା ଗାଁର ରବିନ୍ଦ୍ର ଦେହୁରୀ ଓ ଆନନ୍ଦପୁର ଚୋରଗଡିଆ ଅଞ୍ଚଳର ସନୁ ମହାକୁଡ। ଉଭୟ ପୂର୍ବରୁ ପରିଚିତ ଥିବାରୁ ରବିନ୍ଦ୍ରଙ୍କ ଜଣେ ବନ୍ଧୁଙ୍କ ଘର ନନ୍ଦିପଦା ଥାନା ଜଳସରପୁର ଗାଁକୁ ବାଇକ୍ ଯୋଗେ ଯାଇଥିଲେ। ବାଇକ୍ ଦ୍ରୁତଗତିରେ ଚଳାଉଥିବାରୁ ଆନନ୍ଦପୁର ପୁଲିସ୍‌ର ପାଟ୍ରୋଲିଂ ଟିମ୍ ବାଇକ୍‌କୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ନିୟନ୍ତ୍ରଣ ହରାଇ ପୁଲିସ୍ ଗାଡ଼ିକୁ ଧକ୍କା ଦେଇଥିବା କୁହାଯାଇଛି।

## ଧଳାଜହର ସହ ଜଣେ ଗିରଫ



ହାଟଡ଼ିହୀ,୧୮।୯ (ସମିସ): ପୂର୍ବାହ୍ନ ସମୟରେ ନନ୍ଦିପଦା ଥାନା ମରେଇଗାଁ-ସଡ଼ା ରାସ୍ତାର ମରେଇଗାଁ କେନାଲ ନିକଟରୁ ଧଳାଜହର ନେଇ ଯାଉଥିବା ଜଣେ ଯୁବକକୁ ନନ୍ଦିପଦା ପୁଲିସ ଗିରଫ କରିଛି। ଉକ୍ତ ଯୁବକଠାରୁ ୯୬ଗ୍ରାମର ଧଳାଜହର ଜବତ ହୋଇଛି। ସମ୍ପୃକ୍ତ ଯୁବକ ହେଉଛି ରତନ ଦାସ (୩୭)। ଘର ଭଦ୍ରକ ଜିଲ୍ଲା ବନ୍ତ ଥାନା ଟିଲୋ ପଞ୍ଚାୟତ କଣ୍ଟାପଡ଼ା ଗ୍ରାମରେ। ଧଳାଜହର କାରବାର ଅଭିଯୋଗରେ ପୁଲିସ କେସ ନଂ ୨୭୮/୨୫ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକକୁ କୋର୍ଟ ଚାଲାଣ କରିଛି।

## ପୁଅ ଜନ୍ମଦିନରେ ରକ୍ତଦାନ କଲେ ବାପା




ବେଲବାହାଲି,୧୮।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରତ୍ୟେକ ଦିନ ରୋଗୀମାନଙ୍କର ବହୁ ମାତ୍ରାରେ ରକ୍ତ ଆବଶ୍ୟକ ପଡୁଥିବା ଦେଖିବାକୁ ମିଳୁଛି। ଏହି ରକ୍ତ ସମସ୍ୟାକୁ ଦୂର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସେଚ୍ଛାସେବୀମାନେ ଜନ୍ମଦିନ ଏବଂ ବିବାହ ଉତ୍ସବରେ ରକ୍ତ ଦେବା ପାଇଁ ଆଗେଇ ଆସିଥାନ୍ତି। ସେହିପରି ଉପଖଣ୍ଡ ଚିକିତ୍ସାଳୟରେ ଆଜି ଜଣେ ରକ୍ତହୀନତା ରୋଗୀଙ୍କର ଜରୁରିକାଳୀନ ରକ୍ତର ଆବଶ୍ୟକ ଥିଲା। ଏହି ଖବରପାଇ କାର୍ଯ୍ୟରତ ଶିକ୍ଷକ ତାପସ କୁମାର ସା ଉପଖଣ୍ଡ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ଜଣେ ରକ୍ତହୀନତା ରୋଗୀଙ୍କ ଜୀବନ ବଞ୍ଚାଇ ଉଦାହରଣ ସୃଷ୍ଟି କରିଛନ୍ତି। ତାପସ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଗୋବର୍ଦ୍ଧନପୁର ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରି ଆସୁଛନ୍ତି। ଆଜି ତାଙ୍କ ପୁଅ ଅର୍ଣ୍ଣବଙ୍କ ଜନ୍ମଦିନ ଅବସରରେ ସେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା କହିଛନ୍ତି।

## ଦେଓଗାଁରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ଆନନ୍ଦପୁର/ବେଲବାହାଲି,୧୮।୯(ସମିସ): ଘସିପୁରା ବ୍ଲକ ଦେଓଗାଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆୟୋଜିତ ହୋଇଯାଇଛି ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନ। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ସବୁ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଇଏନ୍‌ଟି, ଚକ୍ଷୁ, ରକ୍ତଚାପ, ମଧୁମେହ, ରକ୍ତ ପରୀକ୍ଷା, ମୁଖଗହ୍ୱର, ସ୍ତନ ଏବଂ ଗ୍ରୀବା କର୍କଟ, ଗର୍ଭବତୀ ମହିଳାମାନଙ୍କ ପାଇଁ ପ୍ରସବ ପୂର୍ବବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ, ରକ୍ତହୀନତା ସ୍ତର ଯାଞ୍ଚ, ଟେଲି ମାନସ ସେବା, ଯକ୍ଷ୍ମା ପରୀକ୍ଷା, ସିକିଲସେଲ, ଆନେମିଆ ଆଦି ରୋଗ ପାଇଁଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଦେଓଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଶିବିରରେ ସରପଞ୍ଚ ସତ୍ୟବ୍ରତ ଭୂୟାଁ, ଡାକ୍ତର ଅନଙ୍ଗ ମଞ୍ଜରି, ସଂଗ୍ରାମ କେଶରୀ ଦାସ, ସୌଭାଗ୍ୟ ରଞ୍ଜନ କର, ରାଜେନ୍ଦ୍ର ରାଉତ, ସ୍ୱାସ୍ଥ୍ୟସେବା କର୍ମଚାରୀ ଟିନାରାଣୀ ପାତ୍ର, ତ୍ରିଲୋଚନ ସାହୁ, ଶଶିକଳା ଜେନା, ଆଶିଷ ଜେନା, ପ୍ରଫୁଲ୍ଲ ଦାସ, ସତ୍ୟପ୍ରସାଦ ଜେନା, ଗୁରିଆ ମୁଖୀ ଉପସ୍ଥିତ ଥିଲେ।

## ଦୁଇ ଦନ୍ତା ହାତୀ ନେଇ ଲୋକେ ଛାନିଆ



ହାଟଡ଼ିହୀ, ୧୮।୯(ସମିସ): ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ମଠକପୁଣ୍ଡିସ୍ଥିତ ମାଆ ଦୁଆରଶୁଣୀଙ୍କ ମନ୍ଦିର ତଥା ଉଇ ଲଭ୍ ହାଟଡ଼ିହୀଠାରେ ଗତକାଲି ସନ୍ଧ୍ୟା ସମୟରେ ହଠାତ୍ ୨ଟି ଦନ୍ତାହାତୀଙ୍କୁ ଦେଖି ସ୍ଥାନୀୟ ଲୋକେ ଛାନିଆ ହୋଇଯାଇଥିଲେ। ହାତୀଦ୍ୱୟ ପନ୍ଦାଡୋ ଏବଂ କପୁଣ୍ଡି ଗାଁ ମଧ୍ୟରେ ଥିବା ଧାନବିଲରେ ପଶି ମରେଇଗାଁ ଅଭିମୁଖେ ପଳାଇବାକୁ ବସିଥିବା ବେଳେ ଲୋକଙ୍କ ହୋ ହାଲ୍ଲାରୁ ଦନ୍ତାଦ୍ୱୟ ଛେନାପଦିମୁହାଁ ହୋଇଥିଲେ। ହଦଗଡ଼ ବନପାଳ ମଳୟ ସାହୁ, ଘସିପୁରା ବନପାଳ କେଦାର ପାତ୍ର, ନନ୍ଦିପଦା ଥାନାର ଏଏସଆଇ ସୁଷମା ସୁନ୍ଦରୀ ସେଠୀଙ୍କ ସହ ଉଭୟ ପୁଲିସ ଓ ବନବିଭାଗ କର୍ମଚାରୀ ହାତୀ ୨ଟିକୁ ବଡ଼ତୀରା, କାଠିଆସରା, ତରତରା, ଦୁଡୁଗାଁ, ଖଡ଼ିପାଳ ଦେଇ ଆନନ୍ଦପୁର ଜଙ୍ଗଲ ଅଭିମୁଖେ ଘଉଡ଼ାଇଥିଲେ। ହାତୀଦ୍ୱୟ କଟକ ଡିଭିଜନ ଦୈତାରୀ ଜଙ୍ଗଲରୁ ବାହାରି ଆଜକୁ ୧୦ ଦିନ ହେବ ଆନନ୍ଦପୁର, ଦେଓଗାଁ, ହଦଗଡ଼ ଆଦି ଅଞ୍ଚଳର ବିଭିନ୍ନ ଜଙ୍ଗଲ ଏବଂ ଗାଁକୁ ଗାଁ ଘୂରି ବୁଲୁଛନ୍ତି।

### ଆନନ୍ଦପୁର ଆର୍‌ଏମ୍‌ସିର ତାଳିପକା କାମ

# ପୁରୁଣା ଛାତରେ ନୂଆ ଦୋକାନ ଘର

ଆନନ୍ଦପୁର,୧୮।୯ (ସମିସ)



ଆନନ୍ଦପୁର ଆରଏମ୍‌ସିର ବିଭିନ୍ନ ସ୍ଥାନରେ ତାଳିପକା କାମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଝାଡ଼େଶ୍ୱର ମନ୍ଦିର ନିକଟରେ ଥିବା ହାଟପିଣ୍ଡି ଅବସ୍ଥା ଶୋଚନୀୟ ହୋଇପଡ଼ିବାରୁ ଏହାର ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ; ହେଲେ ମରାମତି ବଦଳରେ ପୁରୁଣା ହାଟପିଣ୍ଡି ଛାତକୁ ବ୍ୟବହାର କରାଯାଇ ନୂତନ ଦୋକାନ ଘର ନିର୍ମାଣ କରାଯାଉଛି। ପ୍ରାୟ ୧୫ ବର୍ଷ ପୂର୍ବର ଦୁର୍ବଳ ଛାତରେ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି।

୨୦୦୯ରେ ତତ୍କାଳୀନ ଉପଜିଲ୍ଲାପାଳ ସୁରଥଚନ୍ଦ୍ର ମଲିକ ଓ ସ୍ଥାନୀୟ ଜନସାଧାରଣଙ୍କ ଉଦ୍ୟମରେ ଆନନ୍ଦପୁର ଆର୍‌ଏମ୍‌ସି ପକ୍ଷରୁ ଏଠାରେ ସୋମବାର ସାପ୍ତାହିକ ହାଟର ଶୁଭାରମ୍ଭ କରାଯାଇଥିଲା। ହାଟରେ ଜନସମାଗମ ହେଉଥିଲା ଏବଂ ଚାଷୀ ଓ ବ୍ୟବସାୟୀଙ୍କ ଗହଳି ଜମୁଥିଲା। ୨୦୧୦ରେ ୧୮ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ହାଟପିଣ୍ଡି ନିର୍ମାଣ କରାଯାଇଥିଲା। ଆରଏମ୍‌ସିର ପରିଚାଳନାଗତ ତ୍ରୁଟି ଯୋଗୁଁ କିଛିମାସ ପରେ ହାଟ ବନ୍ଦ ହୋଇଯାଇଥିଲା। ବ୍ୟାରେଜ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ପୁଣି ହାଟ ଆରମ୍ଭକରାଯିବ ବୋଲି ଆରଏମ୍‌ସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୧୪ ବର୍ଷ ଯାଇଥିଲେ ବି ହାଟ ଆରମ୍ଭ ହୋଇପାରିନି। ହାଟ ବନ୍ଦ ହେବା ପରେ ପିଣ୍ଡିଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଥିଲା। ହାଟପିଣ୍ଡିର ଦୁରବସ୍ଥା ଯୋଗୁଁ ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ପିଣ୍ଡି ମରାମତି ବଦଳରେ ପୁରୁଣା ଛାତ ତଳେ ଛଅବଖରା ନୂଆ ଦୋକାନ ଘର ନିର୍ମାଣ କରାଯାଉଛି। କାମର କୌଣସି ଟେଣ୍ଡର ହୋଇ ନଥିବାରୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଆର୍‌ଏମ୍‌ସି ସମ୍ପାଦକ ଶକ୍ତିଧର କାଣ୍ଡିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆବେଦନକାରୀ ଠିକାଦାରଙ୍କୁ କାର୍ଯ୍ୟ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ; ରାସ୍ତା ଅବରୋଧ



ଆନନ୍ଦପୁର, ୧୮।୯ (ସମିସ): ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ କୋଲିମାଟି ଛକରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକମାନେ ୨୦ ନଂ ଜାତୀୟ ରାଜପଥ ଅବରୋଧ କରି କ୍ଷତିପୂରଣ ଓ ରାଜପଥରେ ଓଭରବ୍ରିଜ ନିର୍ମାଣ ଦାବି କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଆନ୍ଦୋଳନ ହଟିଥିଲା। ଦୁର୍ଘଟଣାରେ କୁମୁଡ଼ ଗାଁର ସୁବର୍ଣ୍ଣ ନାୟକଙ୍କ ମୃତ୍ୟୁ ଘଟିଛି। କୋଲିମାଟି ସପ୍ତାହିକ ହାଟକୁ ଆସୁଥିବା ସମୟରେ ସୁବର୍ଣ୍ଣଙ୍କ ବାଇକର ପଛପଟୁ ଏକ ଟ୍ରକ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଥିଲା। ଉତ୍ୟକ୍ତ ଲୋକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ କୋଲିମାଟି ଛକଠାରେ ଏକ ଓଭରବ୍ରିଜ ଦାବି କରିଛନ୍ତି। ରାସ୍ତାରୋକ ଯୋଗୁଁ ଉଭୟ ପାର୍ଶ୍ୱରେ ଅନେକ ଗାଡି ଅଟକି ରହିଥିଲା। ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୁଲିସ ଶବ ଜବତ କରି ଡାକ୍ତରଖାନା ପଠାଇ ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ପୁଲିସ ତଦନ୍ତ ଜାରି ରଖିଛି।

## ଶିଶୁ ସାହିତ୍ୟିକ ସୋମନାଥ ମାଝୀଙ୍କ ସ୍ମୃତିସଭା



ରାମଚନ୍ଦ୍ରପୁର,୧୮।୯(ସମିସ): ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ସୁନାମଧନ୍ୟ ସାରସ୍ୱତ ସାଧକ ଏବଂ ଅନ୍ୱେଷା ସଂସଦର ପୂର୍ବତନ ଉପସଭାପତି ଆଦର୍ଶ ଶିକ୍ଷକ ସୋମନାଥ ମାଝୀଙ୍କ ଏକାଦଶାହ ଅବସରରେ ଅନ୍ୱେଷା ସାହିତ୍ୟ ସଂସଦର ସଭାଗୃହରେ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସମବେତ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମାଝୀଙ୍କ ସାରସ୍ୱତ ସାଧନା ଓଡ଼ିଆ ଶିଶୁ ସାହିତ୍ୟ ଭଣ୍ଡାରକୁ ରୁଦ୍ଧିମନ୍ତ କରିବା ସହ ତାଙ୍କ ସୃଷ୍ଟି ସମ୍ଭାର ସମାଜ ପାଇଁ ପଥପ୍ରଦର୍ଶକ ହେବ ବୋଲି କବି ହଳଧର ପଣ୍ଡା, ନରହରି ରାଉତ, ଗଣେଶ୍ୱର ସାହୁ, ଗୋପାଳଚନ୍ଦ୍ର ପରିଡା, ଶରତ ରାଉତ, ସୁରେନ୍ଦ୍ର ବେହେରା, ଶଙ୍କର୍ଷଣ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ସଂଧ୍ୟାରାଣୀ ପୃଷ୍ଟି, ମନୋଜ ପୃଷ୍ଟି, ଅନନ୍ତ ନାରାୟଣ ଦାସ, ବେଣୁଧର ପରିଡା, ଧର୍ମାଧି ସାହୁ, କାଳନ୍ଦୀ ପଟନାୟକ, ଶ୍ରୀକାନ୍ତ ସେନାପତି, ଦୈତାରୀ ବିଶ୍ୱାଳ, ପ୍ରଶାନ୍ତ ଚକ୍ର, ମନୋଜ ପରିଡା, ଶିଳ୍ପୀଶ୍ରୀ ପଟ୍ଟନାୟକ, ସ୍ୱର୍ଣ୍ଣଶ୍ରୀ ପରିଡା, ସୁଶାନ୍ତଦାସ ପ୍ରମୁଖ ଆଲୋଚନା କରିଥିଲେ। ସଂସଦର ସଂପାଦକ ଡ ସନତ ରଥ ପରିଚାଳନା କରିଥିଲେ।

## ନୂଆମାଳିଆରେ ଫୁଟ୍‌ବଲ ପ୍ରତିଯୋଗିତା



ରାମଚନ୍ଦ୍ରପୁର,୧୮।୯ (ସମିସ): ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ନୂଆମାଳିଆ ମା'ମଙ୍ଗଳା କ୍ଲବ ପକ୍ଷରୁ ୧୬ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଗଁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ଜେନା, ସମାଜସେବୀ ଅନନ୍ତଚରଣ ଜେନା, ରାମଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୬ଟି ଗ୍ରାମାଞ୍ଚଳ ଫୁଟବଲ ଟିମକୁ ନେଇ ଏହି ତିନିଦିନିଆ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହେବ। ମା'ମଙ୍ଗଳା କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଛନ୍ତି। ଶୁକ୍ରବାର ସେମିଫାଇନାଲ ମ୍ୟାଚ ସହ ମେଗା ଫାଇନାଲ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ରହିଛି।

## ଆଦି କର୍ମଯୋଗୀ ଅଭିଯାନର ବ୍ଲକସ୍ତରୀୟ ଓରିଏଣ୍ଟେସନ୍

କେନ୍ଦୁଝର/ଚମ୍ପୁଆ, ୧୮।୯(ସମିସ): କେନ୍ଦୁଝର ସଦର ବ୍ଲକରେ ବରିଷ୍ଠ ଅଧିକାରୀ, ପ୍ରଶିକ୍ଷକ ଏବଂ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣରେ ଆଦି କର୍ମଯୋଗୀ ଅଭିଯାନ-ପ୍ରତିକ୍ରିୟାଶୀଳ ଶାସନ କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବର୍ଣ୍ଣାଲି ଡେକା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଶିବଶଙ୍କର ମିଶ୍ର, ପିଏ, ଆଇଟିଡିଏ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ବିନୋଦ ପଣ୍ଡା, ଜିଲ୍ଲା ମାଷ୍ଟର ଟ୍ରେନର ଜୟନ୍ତ ସାମନ୍ତସିଂହାର ଏବଂ ବ୍ଲକ ମାଷ୍ଟର ଟ୍ରେନର ଶରତ କୁମାର ମଲିକ ଉପସ୍ଥିତ ଥିଲେ। ପାରସ୍ପରିକ ଅଧିବେଶନ, ଆଲୋଚନା ଏବଂ ଅଭିଜ୍ଞତା-ଆଦାନପ୍ରଦାନ ଏହି କାର୍ଯ୍ୟକ୍ରମକୁ ଆହୁରି ପ୍ରଭାବୀ କରିଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ସହଯୋଗୀ ପରିବେଶ ସୁନିଶ୍ଚିତ କରିଥିଲା। କେନ୍ଦୁଝର ଜିଲ୍ଲାରେ ସ୍ଥାୟୀ ଆଦିବାସୀ ସଶକ୍ତିକରଣ ପାଇଁ ଆଦି କର୍ମଯୋଗୀ ଅଭିଯାନର ମିଶନକୁ ଆଗକୁ ନେବା ପାଇଁ ସମସ୍ତ ଅଂଶୀଦାରଙ୍କ ଦୃଢ଼ ସଂକଳ୍ପ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



ସେହିପରି ଜନଜାତି ବ୍ୟାପାର ମନ୍ତ୍ରଣାଳୟ ତଥା ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ତୃଣମୂଳସ୍ତରୀୟ ଜନଜାତି ନେତୃତ୍ୱ କାର୍ଯ୍ୟକ୍ରମ ଆଦି କର୍ମଯୋଗୀ ଅଭିଯାନର ବ୍ଲକସ୍ତରୀୟ କର୍ମଶାଳା ଚମ୍ପୁଆ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀଙ୍କର ସାମୂହିକ ଓ ବ୍ୟକ୍ତିଗତ ବିକାଶକୁ ସୁଦୃଢ଼ କରିବା ଓ ସଶକ୍ତିକରଣ ଲକ୍ଷ୍ୟରେ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏବିଡିଓ ଚୁନୁ ହାଁସଦା, ତହସିଲଦାର ସଜତ୍ ମାର୍କେ, ଏସିଏଫ ତଥା ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ଏବିଇଓ ନରେନ୍ଦ୍ର ନାଏକ, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସାଚୀ ନାଏକଙ୍କ ସମେତ କୃଷି ଅଧିକାରୀ, ଉଦ୍ୟାନ,ମଙ୍ଗଳ ଓ ସାମାଜିକ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ୨୨ଟି ପଞ୍ଚାୟତର ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ଏଡିଓ, ପିଇଓ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ଆଦିବାସୀ ବହୁଳ ଗାଁଗୁଡ଼ିକରେ କର୍ମଯୋଗୀ ରୂପେ ଉପସ୍ଥିତ ରହି ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମୁରବୀ ସ୍ଥାନୀୟ ନେତୃତ୍ୱ ସହ ଆଲୋଚନା କରି ବିକାଶ ଦୃଷ୍ଟିରୁ ଆବଶ୍ୟକ ହେଉଥିବା ଯୋଜନା ତିଆରି କରିବେ। ଆଦିବାସୀ ଗ୍ରାମଗୁଡ଼ିକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଡିଓ ଶ୍ରୀ ସାହୁ।

## ଫଳକ ଭଙ୍ଗା ନେଇ ଘସିପୁରା ଥାନାରେ ଏତଲା



ବେଲବାହାଲି,୧୮।୯(ସମିସ): ଘସିପୁରା ଥାନା ଟୋଲଙ୍କପଡ଼ା ଗ୍ରାମରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଆସିଥିବା ଅନୁଦାନରେ ନିର୍ମାଣ ହେଉଥିବା ପଶ୍ଚିମେଶ୍ୱର ମନ୍ଦିରର ଭୋଗ ମଣ୍ଡପ ନିର୍ମାଣ ଚାଲିଥିବା ବେଳେ ଏହାର ଫଳକକୁ କେହି ଦୁର୍ବୃତ୍ତ ଗତକାଲି ରାତିରେ ଭାଙ୍ଗି ଦେଇଥିବା ଅଭିଯୋଗରେ ଥାନାରେ ମାମଲା ରୁଜୁ ହୋଇଛି। ଏତଲାକାରୀ ସଞ୍ଜୟ ବାରିକ ଜଣାଇଛନ୍ତି ଯେ ଗ୍ରାମରେ ଥିବା ପଶ୍ଚିମେଶ୍ୱର ଠାକୁରଙ୍କ ମନ୍ଦିରର ଭୋଗ ମଣ୍ଡପ ନିର୍ମାଣ ପାଇଁ ଗ୍ରାମବାସୀ ତଥା ମନ୍ଦିର କମିଟିର ସଭ୍ୟଙ୍କ ଅନୁରୋଧକ୍ରମେ ଆନନ୍ଦପୁର ବିଡିଓ ସେଠାରେ ଭୋଗ ମଣ୍ଡପ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ନିର୍ମାଣ କାମ ଯୋଜନା ଅନୁଯାୟୀ ଭୋଗ ମଣ୍ଡପ କାମ ଆରମ୍ଭ ହେବା ପୂର୍ବରୁ ସେଠାରେ ୪ ଫୁଟ ଓସାର ଓ ୫ ଫୁଟ ଉଚ୍ଚର କାମ ବିଷୟରେ ସମସ୍ତ ସୂଚନା ଥିବା ଏକ ଫଳକ ସ୍ଥାନିତ କରାଯାଇଥିଲା। ଏହାକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବାରୁ ତାକୁ ଆଇନମତେ ଦଣ୍ଡବିଧାନ ପାଇଁ ଲିଖିତ ଅଭିଯୋଗରେ ଦର୍ଶାଯାଇଛି।

### ଶିକ୍ଷାନୁଷ୍ଠାନ ଆଗରେ ବଢ଼ି ଚାଲିଛି ଦୁର୍ଘଟଣା ଆଶଙ୍କା

## ହୋଇପାରିଲାନି ସ୍ପିଡ୍‌ବ୍ରେକର ନିର୍ମାଣ



ଚମ୍ପୁଆ, ୧୮।୯ (ସମିସ)

ଚମ୍ପୁଆରୁ ବାସୁଦେବପୁର ରାସ୍ତା ଦିନକୁ ଦିନ ଟ୍ରାଫିକ ନିୟନ୍ତ୍ରଣ ବାହାରକୁ ଯାଉଥିବା ବେଳେ ଅନେକ ସମୟରେ ବାଇକ ଆରୋହୀଙ୍କର ଦ୍ରୁତ ଗତି ଓ ଭାରୀଯାନ ଚଳାଚଳ ଲାଗି ରହିଛି। ଫଳରେ ଏହି ରାସ୍ତା କଡ଼ରେ ରହିଥିବା ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷ ଭାବରେ ବିଦ୍ୟାଳୟ ଖୋଲିବା ଓ ଛୁଟି ହେବା ସମୟରେ ଯାନବାହନ ଦ୍ରୁତ ଚଳାଚଳ ପାଇଁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ପିଡ ବ୍ରେକର ନିର୍ମାଣ ପାଇଁ ମହତାବ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଚିଠି ନମ୍ବର ୧୧୯ ତା. ୦୩।୦୫।୨୦୨୫ରେ ଜିଲ୍ଲା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ଅନୁରୋଧ କରାଯାଇଥିବା ବେଳେ ୨୨।୦।୨୦୨୫ ଚିଠି ନମ୍ବର ୫୧୨୧ରେ ଚମ୍ପୁଆ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ସ୍ପିଡ ବ୍ରେକ ନିର୍ମାଣ ହୋଇପାରିଲା ନାହିଁ। ଅନ୍ୟପକ୍ଷରେ ଚମ୍ପୁଆଠାରୁ ବାସୁଦେବପୁର ରାସ୍ତାକଡରେ ମହତାବ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଓଡିଶା ଷ୍ଟେଟ୍ ବ୍ରିଗେଡ୍, ଆକାଶଜ୍ୟୋତି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମେତ ଜଡିପଦା ଓ ବସାସାହିଠାରେ ବିଦ୍ୟାଳୟଗୁଡିକ ରହିଛି। ଏନେଇ ଚମ୍ପୁଆ ପୂର୍ତ୍ତ ଓ ଗୃହ ବିଭାଗ ଅଧିକାରୀ ବୁଧିଆ ମାରାଣ୍ଡିଙ୍କୁ ପଚାରିବାରୁ କହିଛନ୍ତି ଯେ ଏଜେନ୍ସିକୁ କୁହାଯାଇଛି ତାର ଲେବର ଆସିନାହାନ୍ତି। ରାସ୍ତା କାର୍ଯ୍ୟ ସରିଛି କମ ଦିନ ଭିତରେ ଧଳା ଦାଗ ଦେବାର ବ୍ୟବସ୍ଥା ରହିଛି। ଉକ୍ତ ସମୟରେ ସ୍ପିଡବ୍ରେକର କାମ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ, ସଡ଼କ ସୁରକ୍ଷା ପ୍ରତି ଅନେକ ସଚେତନତା ସୃଷ୍ଟି ସତ୍ତ୍ୱେ ଏହା ଦୈନନ୍ଦିନ ପଥଚାରୀଙ୍କ ପାଇଁ ବିପଦ ଭାବେ ରହିଆସିଛି। ଚମ୍ପୁଆ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଫଳରେ ଯାନବାହନ ସଂଖ୍ୟା ମଧ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି। ପୁଲିସ ପ୍ରଶାସନ ପକ୍ଷରୁ ଦ୍ରୁତ ଗତି ଉପରେ ଅଙ୍କୁଶ ଲଗାଯାଇ ପାରୁନଥିବାରୁ ଯାନବାହନ ଦୁର୍ଘଟଣା ବଢିବାରେ ଲାଗିଛି। ବିଶେଷ ଭାବରେ ବିଦ୍ୟାଳୟ ଓ କାର୍ଯ୍ୟାଳୟ ନିକଟ ରାସ୍ତାରେ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସ୍ପିଡବ୍ରେକର ଆବଶ୍ୟକ ରହିଛି। ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ନଥିବା ଦେଖିବାକୁ ମିଳିଛି।

## ଚମ୍ପୁଆ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର



ଚମ୍ପୁଆ, ୧୮।୯ (ସମିସ): ଚମ୍ପୁଆ ବୀରଧନୁର୍ଜୟନାରାୟଣପୁରଠାରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟସେବା ଯୋଜନା ମହିଳା ଶାଖା ଦ୍ୱାରା ୭ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଉଦଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ପ୍ରୋଗ୍ରାମ ଅଫିସର ଦୀପକ କୁମାର କର, କ୍ରୀଡ଼ା ଶିକ୍ଷୟିତ୍ରୀ ଅନିତା ଜେନା, ଅଧ୍ୟାପିକା ଶୁଭାଶିଷ ମହାନ୍ତ, ଶଶିକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ଶ୍ରମିକ ନିରୋଧ ଅଭିଯାନ, ସ୍ୱଚ୍ଛ ଭାରତ, ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ ଶିବିର, ବୃକ୍ଷ ରୋପଣ, ନିଶା ନିବାରଣ, ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ, ବାଲ୍ୟବିବାହ ନିରୋଧ ଅଭିଯାନ ଆଦି ବିଭିନ୍ନ ବିଷୟ ଉପରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମର ମୁଖ୍ୟ ଗଙ୍ଗାଧର କର, ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଅଧୀକ୍ଷକ ଡ ଉମାକାନ୍ତ ସାହୁ, ଡ ଧର୍ମପଦ ଦାସମହାପାତ୍ର, ଆଇନଜୀବୀ ବିଷ୍ଣୁଚରଣ ରାଠୋର, ଚମ୍ପୁଆ ଅବକାରୀ ଅଧିକାରୀ ଏଚ. ଜଗା ରାଓ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଏସିଏଫ ଅକ୍ଷୟ ଛତ୍ରିଆ, ସମ୍ମାନିତ ଅତିଥି ଭାବେ ପବିତ୍ର ନାୟକ, ସରୋଜ ଆପଟ, ଧନୁର୍ଜୟ ବାରିକ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

## ୨ ବାଇକ୍ ମୁହାଁମୁହିଁ; ଜଣେ ମୃତ

ସାରସକଣା/ଝାରପୋଖରିଆ,୧୮।୯(ସମିସ): ଝାରପୋଖରିଆ ଟୋଲ୍ ଗେଟ୍ ନିକଟରେ ଗୁରୁବାର ସନ୍ଧ୍ୟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅଧିନ ଚନ୍ଦନପୁର ଗ୍ରାମର ପଦ୍ମନ ବେହେରା। ଘଟଣା ସ୍ଥଳରେ ଝାରପୋଖରିଆ ପୁଲିସ ପହଞ୍ଚି ଶବକ ଉଦ୍ଧାର କରି ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ପରେ ବାରିପଦା ଶବ ବ୍ୟବଛେଦ ପାଇଁ ବାରିପଦାକୁ ପଠାଯାଇଛି। ସୂଚନା ଅନୁସାରେ ପଦ୍ମନ୍ ବାଙ୍ଗିରିପୋଷି ପଟୁ ଝାରପୋଖରିଆ ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଭ ଅନ୍ୟ ଏକ ବାଇକ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପଦ୍ମନଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

## ବାଇକ ଉପରକୁ ମାଡ଼ିଗଲା ବସ୍; ଅଳ୍ପକେ ବର୍ତ୍ତିଲେ ଚାଳକ



କୁଆମରା,୧୮।୯(ସମିସ): ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ବଜାର ସଂଲଗ୍ନ ଖୁଣ୍ଟା ଡିଗ୍ରୀ କଲେଜ ସମ୍ମୁଖରେ ଗୁରୁବାର ସକାଳେ ଏକ ଯାତ୍ରୀବାହୀ ବସ୍ ବାରିପଦା ଅଭିମୁଖେ ଯାଉଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ବାଇକ ଉପରକୁ ମାଡିଯାଇଥିଲା। ଫଳରେ ବାଇକ୍‌ଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ ଜଗନ୍ନାଥ ନାମକ ଏକ ଘରୋଇ ବସ ଉଦଳାରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ବାମ ପାଶ୍ୱର୍ରେ ଆସୁଥିବା ବାଇକ ଚଳକ ଉପରକୁ ବସଟି ଅଚାନକ ମାଡି ଯାଇଥିଲା। ସଡକ ଠାରୁ ଡାହାଣ ପାଶ୍ୱର୍କୁ ପ୍ରାୟ ୨ ଫୁଟ ତଳକୁ ଯାଇ ଭାରସାମ୍ୟ ହରାଇବା ସହ ରାସ୍ତା ପାଶ୍ୱର୍ରେ ଥିବା ଗଛରେ ପିଟି ହୋଇଯାଇଥିଲା। ହେଲେ ବାଇକ ଚାଳକ ଓ ତାଙ୍କ ସହ ବସିଥିବା ଅନ୍ୟ ଜଣେ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ବସ୍‌ରେ ଥିବା ଯାତ୍ରୀ ମାନେ ସୁରକ୍ଷିତ ଥିବା ଜଣାଯାଇଛି। ଘଟଣା ଘଟିବା ପରେ ରାଜପଥ କିଛି ସମୟ ପାଇଁ ଲୋକାରଣ୍ୟ ହୋଇପଡିଥିଲା। ଖୁଣ୍ଟା ଥାନା ଆଇଆଇସି ପଞ୍ଚାନନ ମହାନ୍ତି ଖବର ପାଇ ସଦଳବଳ ପହଞ୍ଚି ବସ୍‌କୁ ଜବତ କରିବା ସହ ଥାନାରେ ଅଟକ ରଖିଛନ୍ତି। ଡ୍ରାଇଭର ଫେରାର ହୋଇଯାଇଛି। ତେବେ ବସ୍‌ର୍ କୌଣସି ଯାନ୍ତ୍ରିକ ତ୍ରୁଟି ନଥିବା ବେଳେ ଚାଳକର ଦାୟିତ୍ୱହୀନତା ଯୋଗୁ ଏଭଳି ଘଟଣା ଘଟିଛି। ବାଇକରେ ଥିବା ଯୁବକ ଦୁଇଜଣ ଖୁଣ୍ଟା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

## ୨୦ରେ କୁଡୁମୀ ସମାଜର ରେଳ ଅବରୋଧ




ବାରିପଦା, ୧୮ ।୯(ସମିସ): ବାରିପଦା ଷ୍ଟାଡିଅମରେ ଆଦିବାସୀ କୁଡୁମୀ ସମାଜ ଓ କୁଡୁମୀ ଏକତା ମଞ୍ଚ ତରଫରୁ ରାଜ୍ୟ ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ନିମ୍ନ ଲିଖିତ ବିଷୟ ଉପରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି କ୍ରମେ ଆସନ୍ତା ୨୦ ତାରିଖ ଶନିବାର ରେଳରୋକ ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ୭ ୯ ବର୍ଷ ଧରି କୁଡୁମୀଙ୍କ ଏସଟି ଦାବିକୁ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ତେଣୁ ଆସନ୍ତା ୨୦ ତାରିଖ ସକାଳ ୫ଟାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭଞ୍ଜପୁର ରେଳ ଷ୍ଟେସନଠାରେ ରେଳ ରୋକ କରାଯିବ। ଅନୁଷ୍ଠିତ ସଭାରେ ଆଦିବାସୀ କୁଡୁମୀ ସମାଜର ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତ, ରାଜ୍ୟ ସଂଯୋଜକ ସଂଜୀବ କୁମାର ମହାନ୍ତ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସ୍ନେହାଶିଷ ମହାନ୍ତ, ଲଳିତ ରଞ୍ଜନ ମହାନ୍ତ ଓ ଉପଦେଷ୍ଟା କୃପାସିନ୍ଧୁ ମହାନ୍ତ ଯୋଗ ଦେଇଥିଲେ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ; ଯୁବକ କୋର୍ଟ ଚାଲାଣ

ଶୁଳିଆପଦା,୧୮।୯(ସମିସ): ଶୁଳିଆପଦା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଅଭିଯୋଗରେ ଜଣେ ୨୧ ବର୍ଷର ଯୁବକକୁ ଶୁଳିଆପଦା ପୋଲିସ ଆଜି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ଅଭିଯୁକ୍ତ ଯୁବକ ଜଣକ ଉକ୍ତ ନାବାଳିକା ସହିତ ପ୍ରେମ ସମ୍ପର୍କ ଯୋଡି ବିବାହର ପ୍ରଲୋଭନ ଦେଖାଇ ଏକାଧିକବାର ଦୁଷ୍କର୍ମ କରିଥିଲା। ତେବେ ନାବାଳିକା ଜଣକ ଅସୁସ୍ଥ ହେବାରୁ ଡାକ୍ତରୀ ପରୀକ୍ଷା ପରେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ଝିଅ ଗର୍ଭବତୀ ଥିବା ଜାଣିବା ପରେ ପରିବାର ଲୋକେ ନ୍ୟାୟ ପାଇଁ ଶୁଳିଆପଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ ଉକ୍ତ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ଆଜି କୋର୍ଟ ଚାଲାଣ କରିଛନ୍ତି।

### କଂସା ବାସନ ସଫା ଆଳରେ ଲୁଟିନେଲେ ଅଳଙ୍କାର

## ଠକେଇର ଶିକାର ୨୦ରୁ ଊର୍ଦ୍ଧ୍ୱ ମହିଳା



ରାମଚନ୍ଦ୍ରପୁର,୧୮।୯(ସମିସ)

କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବେଲସୁନ୍ଦରୀ ଗାଁରୁ ଅଭିନବ ଉପାୟରେ ହୋଇଛି ଠକେଇ। ଠକେଇରେ ଜଣେ ମହିଳା ସଂପୃକ୍ତି ଥିବା ଅଭିଯୋଗ ହୋଇଛି। କଂସା ବାସନ ସଫା ଆଳରେ ଜଣେ ଅଜଣା ମହିଳା ଲକ୍ଷାଧିକ ଟଙ୍କାର ରୁପା, ସୁନା ଅଳଙ୍କାର ସହ କଂସା ବାସନ ନେଇ ଚମ୍ପଟ ମାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଏବେ ଚହଳ ପକାଇଛି। ସୂଚନାରୁ ଜଣାଯାଏ, ଜଣେ ଅଜଣା ମହିଳା ବେଲସୁନ୍ଦରୀ ଗାଁରେ ପହଞ୍ଚି ବିଶେଷ ଭାବେ ମହିଳଙ୍କୁ ଡାଲ କରି ଘରେ ଥିବା ପୁରୁଣା କଂସା ବାସନକୁ ସଫା କରିଦେବାକୁ କହି ତହିଁ ପରଦିନ ନୂଆ ଭଳି ବାସନ ଫେରାଇ ଦେଇଥିଲା। ମାତ୍ର ଅଳ୍ପ କେତେଟଙ୍କାରେ ପୁରୁଣା ବାସନ ନୂଆଭଳି ହୋଇଯାଉଥିବାରୁ ଅଜଣା ମହିଳା ପ୍ରତି ଲୋକଙ୍କ ବିଶ୍ୱାସ ଦୃଢୀଭୂତ ହୋଇଥିଲା। ଅନେକ ମହିଳା ଉତ୍ସାହ ସହକାରେ ଘରେ ଥିବା ପୁରୁଣା କଂସା ପିତ୍ତଳ ବାସନ ସହ କେତେକ ମହିଳା ସଫା କରିବାକୁ ନିଜର ରୁପା ଏବଂ ସୁନା ଅଳଙ୍କାର ମଧ୍ୟ ଦେଇଥିଲେ। ଅଜଣା ମହିଳା ଜଣକ ଗାଁର ପ୍ରାୟ ୨୦-୨୫ ଜଣ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା ଏବଂ ରୁପା ଅଳଙ୍କାର ସହ କଂସା ବାସନ ନେଇ ତହିଁ ପରଦିନ ଆସିବ କରି ଚାଲିଯାଇଥିଲା। ହେଲେ ଗଲା ଯେ ଗଲା ,ଆଉ ଫେରି ନଥିଲା। ଘଟଣାକୁ ପାଞ୍ଚଦିନ ବିତିଥିଲେ ମଧ୍ୟ ଅଜଣା ମହିଳାଙ୍କ କୌଣସି ଖୋଜଖବର କିମ୍ବା ପତ୍ତା ମିଳି ନାହିଁ। କେହି ଅଜଣା ମହିଳାଙ୍କ ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ ସୁଦ୍ଧା ତା'ର ପରିଚୟ ମିଳି ପାରିନାହିଁ। ଏଥିନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିଲେ ସୁଦ୍ଧା ଅଜଣା ମହିଳାଙ୍କ ସମ୍ପର୍କରେ ଯଦି କେହି ସୂଚନା ପାଆନ୍ତି ନିକଟସ୍ଥ ଥାନାରେ ଜଣାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ପଣ୍ଡାବିଲା ଆଦିସେବା କେନ୍ଦ୍ର ବୁଲି ଦେଖିଲେ କେନ୍ଦ୍ର ଜନଜାତି କଲ୍ୟାଣ ବିଭାଗର ନିର୍ଦ୍ଦେଶିକା



କରଞ୍ଜିଆ, ୧୮।୯(ସମିସ): କେନ୍ଦ୍ର ସରକାରଙ୍କ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦି ସେବା ପର୍ବ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଧରତୀ ଆବା ଜନଜାତୀୟ ଉତ୍କର୍ଷ ଅଭିଯାନ ଅନ୍ତର୍ଭୁକ୍ତ ସମସ୍ତ ଆଦିବାଦୀ ଗ୍ରାମରେ ଚାଲୁ ହେଉଛି। ଏହିସବୁ ଯୋଜନାକୁ କିପରି କାର୍ଯ୍ୟକାରୀ କରାଯାଉଛି ସେ ନେଇ କେନ୍ଦ୍ର ଜନଜାତି କଲ୍ୟାଣ ବିଭାଗର ନିର୍ଦ୍ଦେଶିକା ଡା. ବର୍ଣ୍ଣାଳୀ ଦେକା ଏକ ଦିନିକିଆ କରଞ୍ଜିଆ ଗସ୍ତରେ ଆସିଥିଲେ। ସେ କରଞ୍ଜିଆ ଆଇଟିଡିଏ. ଅଧୀନ ଶୁକୃଳି ବ୍ଲକର ପଣ୍ଡାବିଲା ଆଦିସେବା କେନ୍ଦ୍ର ବୁଲି ଦେଖି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଛନ୍ତି। ଗତ ୨୦୩୦ଭିଜନ ଯୋଜନାର ଖସଡ଼ା ପ୍ରସ୍ତୁତ କରିବା ନିମନ୍ତେ ଗ୍ରାମୀଣ ଉନ୍ନତି ପାଇଁ ଗ୍ରାମରେ ଗ୍ରାମସଭା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପକୁ ଉପସ୍ଥାପନା କରି କାର୍ଯ୍ୟକାରୀ ପାଇଁ ଉପରିସ୍ଥ ଅଧିକାରୀଙ୍କୁ କିପରି ସୁପାରିସ ହେଉଛି ସେ ନେଇ ଅବଗତ ହୋଇଥିଲେ। କାର୍ଯ୍ୟକାରୀ ହେଉଥିବା ଆଦି ସାଥୀ ଓ ଆଦି ସହଯୋଗୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ସେମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ନିର୍ଭୁଲ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ଦିଗରେ ଉଚ୍ଚ ଅଧିକାରୀ ସହିତ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବହୁମୁଖୀ ଜନକଲ୍ୟାଣକାରୀ ଓ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ତାଙ୍କ ସହିତ ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, ବିଡିଓ ବ୍ରହ୍ମାନନ୍ଦ ବେହେରା ଉପସ୍ଥିତି ଥିଲେ।

### ● ଶୁଳିଆପଦା ପଞ୍ଚାୟତସମିତିସ୍ତରୀୟ ଜନଶୁଣାଣି

## ୧୦୯ଟି ପରିବାରକୁ ଶହେ ଦିନର କାର୍ଯ୍ୟ ପ୍ରଦାନ

ଶୁଳିଆପଦା, ୧୮।୯(ସମିସ): ଗୁରୁବାର ଶୁଳିଆପଦା ବ୍ଲକ୍‌ସ୍ତରୀୟ ସାମାଜିକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏପିଓ ଅନୁରାଧା ସାହୁଙ୍କ ସଂଯୋଜନା ରେ ଅନୁଷ୍ଠିତ ଶିବିରରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଏସପିଏଲଏଓ ଲଲାଟେନ୍ଦୁ ସି, ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀସାଗର ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିଲାଲ୍ ବାରିକ୍, ଶୁଳିଆପଦା ଥାନା ଏସଆଇ ରୂପଶ୍ରୀ ସ୍ୱାଇଁ, ବ୍ଲକ୍ ସାମାଜିକ ସମୀକ୍ଷକ ହରଧନୁ ମାଝୀ, ଯୋଗାଣ ଅଧିକାରୀ ନିରଞ୍ଜନ ସାହୁ, ଏଇଇ ସୟଦ ଅମଜାଦ୍ ଅଲ୍ଲି ପ୍ରମୁଖ ମଞ୍ଚାସୀନ ଥିଲେ।



ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ୨୦୨୪-୨୫ ଆର୍ଥିକ ବର୍ଷର ଅକ୍ଟୋବର ୨୪ରୁ ୩୧ ମାର୍ଚ୍ଚ ୨୫ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ୨୦୧୩ର ୨୪-୨୫ ପର୍ଯ୍ୟାୟର ସାମାଜିକ ସମୀକ୍ଷା ପ୍ରକ୍ରିୟା ୧୫ ଅପ୍ରେଲ ୨୫ରୁ ଆରମ୍ଭ ହୋଇ ୨ ଅଗଷ୍ଟ ୨୫ ତାରିଖ ବ୍ଲକ୍‌ର ୧୬ଟି ପଞ୍ଚାୟତରେ ସମାପ୍ତ ହୋଇଥିଲା। ଗତ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ମୋଟ ୧୯ ହଜାର ୬୬୫ଟି ଜବକାର୍ଡ ପ୍ରଦାନ କରାଯାଇଛି। ଏହି ସମୟ ମଧ୍ୟରେ ଅଣକୁଶଳୀ କାର୍ଯ୍ୟ ନିମନ୍ତେ ଆବେଦନ କରିଥିବା ସମସ୍ତ ୧୦ ହଜାର ୬୨୭ଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇ ୩ ଲକ୍ଷ ୯୩ ହଜାର ୫୫ ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୧୦୯ଟି ପରିବାରକୁ ଶହେ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଆର୍ଥିକ ବର୍ଷରେ ଗ୍ରାମୀଣ ଗୃହ, ବ୍ୟକ୍ତିଗତ ପୋଖରୀ, ସାମୂହିକ ପୋଖରୀ, ବୃକ୍ଷ ରୋପଣ, ଖେଳ ପଡିଆ, ଗ୍ରାମ୍ୟ ସଂଯୋଗୀ କରଣ ଆଦି ୬ ହଜାର ୫୬୨ଟି ପ୍ରକଳ୍ପ ହାତକୁ ନିଆଯାଇ ମଜୁରୀ ଓ ଶ୍ରମ ବାବଦକୁ ୧୩୫୬.୩୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ବୈଠକରେ ସପ୍ତମ ରେଜିଷ୍ଟ୍ରାରକୁ ସଠିକ ଢଙ୍ଗରେ ପରିଚାଳନା କରିବା ସହିତ ସାମାଜିକ ସମୀକ୍ଷକଙ୍କୁ ସଠିକ ସମୟରେ କାଗଜପତ୍ର ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ପ୍ରଭୃତି ଲାଇନ୍ ଡିପାର୍ଟମେଣ୍ଟକୁ କାର୍ଯ୍ୟ ଆରମ୍ଭ ପୂର୍ବରୁ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ସହଯୋଗରେ କାମ କରିବାକୁ ପରାମର୍ଶ ଦିଆଯାଇଥିଲା। ପୂର୍ବରୁ ବ୍ଲକର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅଧିକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି।

## ବିପୁଳ ପୋଚ ସହ ମଦ ଜବତ

ରାମଚନ୍ଦ୍ରପୁର,୧୮।୯(ସମିସ): ଘସିପୁରା ବ୍ଲକ ନୁହାମାଳିଆ ଗ୍ରାମରେ ପୁଲିସ ଚଢଉ କରି ୫ଶହ ଲିଟରରୁ ଅଧିକ ମହୁଲ ପୋଚ ନଷ୍ଟ କରିଛି। ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଉକ୍ତ ଗ୍ରାମରେ ମହୁଲି ମଦ ଭାଟି ଉପରେ ଚଢଉ କରାଯାଇଥିବା ବେଳେ ଘଟଣାସ୍ଥଳରୁ ମଦ ମାଫିଆ ଫେରାର୍ ହୋଇଯାଇଛନ୍ତି। ପୁଲିସ ହାଣ୍ଡି ଓ ଜାରକୁ ନଷ୍ଟ କରିଛି।

## ଅଙ୍ଗନବାଡ଼ି କେନ୍ଦ୍ରରେ ସହାୟିକା ନିଯୁକ୍ତିକୁ ଗ୍ରାମବାସୀଙ୍କ ବିରୋଧ

ବୈଶିଙ୍ଗା, ୧୮।୯(ସମିସ): ଭଗବାନପୁର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଗୁରୁବାର ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୂତାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛନ୍ତି। ସୂଚନା ମୁତାବକ ସାରମଣୀ ହେମ୍ବ୍ରମ ନାମକ ଜନୈକା ଉଚ୍ଚ ଶିକ୍ଷିତା ମହିଳା ସରକାରଙ୍କ ପକ୍ଷରୁ ପରିଚାଳିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଭଗବାନପୁର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ଭାବେ ନିଯୁକ୍ତି ପାଇଥିଲେ। ହେଲେ ସେ କାର୍ଯ୍ୟରେ ଯୋଗଦେବାକୁ ଯିବାବେଳେ ଜୁଲାଇ ମାସରେ ଏହି କେନ୍ଦ୍ରର କର୍ମୀ କନକଲତା ସିଂଙ୍କ ସମେତ କିଛି ଗ୍ରାମବାସୀ ସାରମଣୀ ଏହି ଗ୍ରାମର ବାସିନ୍ଦା ହୋଇ ନ ଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ବିରୋଧ କରିଥିଲେ। ପରେ କେନ୍ଦ୍ରରେ ଚାବି ପକାଇ ଦେଇଥିଲେ। ତେବେ ସାରମଣି ଓ ତାଙ୍କୁ ସମର୍ଥନ କରୁଥିବା କିଛି ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ହୋଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ, ପୁଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ,



ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଗୁରୁବାର ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଯଦି ନିଯୁକ୍ତି ସମସ୍ୟାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥାଏ ତାହେଲେ ଅଦାଲତ ମାଧ୍ୟମରେ ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ସାରମଣିଙ୍କ ନିଯୁକ୍ତିକୁ ତତ୍କାଳୀନ ଭିତ୍ତିରେ ଲାଗୁ କରାଯାଇଥିଲା।

## ଦେଉଳିଆ ପଞ୍ଚାୟତରେ ଚାରାରୋପଣ

ବଡସାହି,୧୮।୯(ସମିସ): ବଡସାହି ବ୍ଲକ୍ ଦେଉଳିଆ ପଞ୍ଚାୟତ ମା' ମଙ୍ଗଳା ବନ ସୁରକ୍ଷା ସମିତି ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବି.ଡିଓ ବନଜା ଦାସ, ତହସିଲଦାର କରୁଣାକର ଧିନ୍ଦା, ସିଡିପିଓ ସୁପ୍ରଭା ନାୟକ, ରେଞ୍ଜ ଅଧିକାରୀ ଶ୍ରୀ ମନ୍ତ୍ରୀ, ଦେଉଳିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ, ଆରଆଇ ସୁନିତା ଦେ ଓ ଫରେଷ୍ଟର ସୁନୀଲ ମହାନ୍ତ ପ୍ରମୁଖ ଯୋଗ ଦେଇ ବର୍ତ୍ତମାନ ସମାଜରେ ଗଛର ଆବଶ୍ୟକତା ଓ ବୃକ୍ଷ ହିଁ ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ସହିତ ପିଲାର ଯତ୍ନ ନେବା ଭଳି ତାର ରକ୍ଷଣାବେକ୍ଷଣ କଲେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଉଳିଆ ଉଚ୍ଚ ବିଦ୍ୟାଳୟର, ବଡସାହିର ଛାତ୍ରୀମାନେ ଗଛ ଲଗାଇଥିଲେ। ଏହି କାର୍ଯ୍ୟକ୍ରମରେ ଶହେ ବିଭିନ୍ନ ପ୍ରକାର ଗଛ ଲଗାଯାଇଛି।

### ରବର ଚାଷ କରି ଚାଷୀ ଲକ୍ଷପତି

## ୧୦୦ ଏକରରେ ବର୍ଷକୁ ରୋଜଗାର ୬୦ ଲକ୍ଷ ଟଙ୍କା

ମୋରଡ଼ା,୧୮।୯(ଦୀପକ ବେହେରା): ମୟୂରଭଞ୍ଜ ଜିଲ୍ଲା ପ୍ରାକୃତିକ ସମ୍ପଦରେ ଭରପୂର ରହିଛି। ଏହି ପ୍ରାକୃତିକ ପରିବେଶ ଭିତରେ ରବର ଚାଷ ବେଶ ଉପଯୋଗୀ ହୋଇପାରିଛି। ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ମିଳିଥିବାରୁ ରବର ଚାଷର ବେଶ ଚାହିଦା







ମଧ୍ୟ ରହିଛି। ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତ ଅସ୍ତିଆ ନିକଟରେ ରହିଛି ଏକ ରବର ପ୍ରଡକ୍ସନ ସୋସାଇଟି। ଉକ୍ତ ସୋସାଇଟି ସଭାପତି ମାଥୁରା ସରେନଙ୍କ କହିବା ମୁତାବକ ୨୦୦୫-୦୬ ମସିହାରେ ୪୭ ଜଣ ଚାଷୀଙ୍କୁ ନେଇ ୧୦୦ ଏକର ଜାଗାରେ ୨୦ ହଜାର ଗଛ ଲଗାଯାଇଥିଲା। ବନ୍ୟା ବାତ୍ୟା ଫଳରେ ବର୍ତ୍ତମାନ ପାଞ୍ଚ ହଜାର ଗଛ ମରିଯାଇଛି। ରବର ଗଛ ଏକ ଏଭଳି ଲାଭଦାୟକ ହୋଇଥିବାରୁ ୨୫ ରୁ ୩୦ ବର୍ଷ ପର୍ଯ୍ୟନ୍ତ ଅନବରତ ରୋଜଗାର ଦେଇଥାଏ। ରବର ଗଛକୁ ହାଲୁକା ରାମ୍ପି ଦେବା ପରେ ତା ତଳେ ଏକ ଗିନା ରଖିଦିଆଯାଏ। ରବର ଗଛର କ୍ଷୀର ଆସି ଗିନାରେ ପଡିଥାଏ। ଏହାପରେ ପ୍ରାୟ ୨/୩ ଘଣ୍ଟା ପରେ ଗିନାରେ ଭର୍ତ୍ତି ହୋଇଥିବା କ୍ଷୀରକୁ ଅଫିସକୁ ନିଆଯାଏ କ୍ଷୀର ସଂଗ୍ରହ ପାଇଁ। କ୍ଷୀରକୁ ଟ୍ରେ'ରେ ରଖି ସେଥିରେ କିଛି ପାଣି ଆଉ ୧୦୦ ଗ୍ରାମ ଏସିଡ ମିଶାଇ କିଛି ସମୟ ରଖିଲା ପରେ ରବରଟି ଏକ ସ୍ତରହୋଇ ବସିଯାଏ। ଏହାପରେ ମେସିନ ସାହାଯ୍ୟରେ ଚାପ ଦେଇ ପାଣି ବାହାର କରିଦିଆଯାଏ। ରବରକୁ ଶୁଖାଇବା ପାଇଁ ନିଆଁ ଧୂଆଁ ଦିଆଯାଏ ସମ୍ପୂର୍ଣ୍ଣ ଶୁଖିବାକୁ। ଧୂଆଁରେ ଶୁଖିବା ପରେ ଯାଇ ରବର ବିକ୍ରି ପାଇଁ ଉପଯୋଗୀ ହୋଇଥାଏ। ଏହିସବୁ କାର୍ଯ୍ୟ ପାଇଁ ପ୍ରତିଦିନ ୨୦ ଜଣ ଶ୍ରମିକ ୩୦୦ଟଙ୍କା ମଜୁରୀରେ ସ୍ମକ ହାଉସ, ରବର କଲେକ୍ସନ ଏବଂ ଗଛର ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ରହିଛନ୍ତି। ଅସ୍ତିଆ ରବର ପ୍ଲାଣ୍ଟ ବର୍ଷକୁ ୬୦ଲକ୍ଷ ଟଙ୍କାରୁ ଅଧିକ ରବର ଓରମାସ ବିକ୍ରି କରିଥାନ୍ତି ବୋଲି ମାଥୁରା ପ୍ରକାଶ କରିଛନ୍ତି। ବର୍ତ୍ତମାନ ପ୍ରତିଦିନ ୩ କୁଇଣ୍ଟାଲ ରବର ବାହାରୁଥିବା ବେଳେ ଶୀତ ଦିନରେ ଅଧିକ ବାହାରିଥାଏ। ବର୍ଷା ଦିନରେ ରବର କ୍ଷୀର ସଂଗ୍ରହ ପାଇଁ ରେନ ଗାଡିଙ୍ଗ କରାଯାଇଥାଏ ସେଥିପାଇଁ ରବର ବୋର୍ଡ ତରଫରୁ ୫୦ପ୍ରତିଶତ ସବ୍ସିଡି ମିଳିଥାଏ।ବର୍ତ୍ତମାନ ଗଛର ବୟସ ବଢ଼ିବା ସହିତ ବହୁ ଗଛ ନଷ୍ଟ ହୋଇଯାଇଥିବାରୁ ଅମଳ କମିଯାଇଛି।

**ପ୍ରତିଦିନ କାମ କରୁଛନ୍ତି ୨୦ ଜଣ ଶ୍ରମିକ**

## କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ ସଚିବଙ୍କ ସମୀକ୍ଷା



କରଞ୍ଜିଆ, ୧୮।୯(ସମିସ): କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସଚିବ ନିହାର ରଞ୍ଜନ ଦାଶ କରଞ୍ଜିଆ ବ୍ଲକ କାର୍ଯ୍ୟାଳୟ ସମେତ ତହସିଲ, ତାଟୋ ଏସଏସଡି ବାଳିକା ସ୍କୁଲ, ବଳା ଛଉ ମଣ୍ଡପ ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଗସ୍ତ କରି ସମୀକ୍ଷା କରିଛନ୍ତି। ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସ୍ଥାନୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ତାଟୋ କନ୍ୟାଶ୍ରମର ଅନ୍ତେବାସିନୀଙ୍କ ସହିତ ବାର୍ତ୍ତାଳାପ କରି ବିଭିନ୍ନ ସମସ୍ୟା ସଂପର୍କରେ ପଚାରି ବୁଝିବା ସହିତ ଶିକ୍ଷକ ମାଟ୍ରନଙ୍କ ସହ ଆଲୋଚନା କରିଥିଲେ। ବଳା ଗ୍ରାମରେ ନବନିର୍ମିତ ଛଉ ମଣ୍ଡପର ସାଜସଜ୍ଜା, କୋଠରୀର ପୁରୁଷ ଓ ମହିଳାଙ୍କ ନିମନ୍ତେ ପୃଥକ ପୃଥକ ଶୌଚାଳୟ ନିର୍ମାଣ ପାଇଁ ପରାମର୍ଶ ଦେଇଥିଲେ। ତାଟୋ କନ୍ୟାଶ୍ରମ ର ଛାତ୍ରୀମାନଙ୍କୁ ସାଧାରଣ ଜ୍ଞାନ ସମ୍ପର୍କରେ ଅଧିକ ଜାଣିବା ପାଇଁ ପଞ୍ଜିକରଣ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହିତ ଆଇଟିଡିଏ ପିଏ ଚିତ୍ତରଞ୍ଜନ ମହାନ୍ତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ତହସିଲଦାର ଦିବାକର ମାଝୀ, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜବୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।


**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୯୧- ୱିଲିୟମ୍ ସେକ୍ସପିଅରଙ୍କ ବିଶ୍ୱ ପ୍ରସିଦ୍ଧ ନାଟକ 'ମର୍ଚାଣ୍ଟ ଅଫ୍ ଭେନିସ୍'କୁ ପ୍ରଥମ ଥର ମାଞ୍ଚେଷ୍ଟରରେ ମଞ୍ଚସ୍ଥ କରାଗଲା।
- ୧୮୯୩- ସ୍ୱାମୀ ବିବେକାନନ୍ଦ ଆମେରିକାର ସିକାଗୋରେ ଆୟୋଜିତ ବିଶ୍ୱ ଧର୍ମ ମହାସଭାରେ ଐତିହାସିକ ଭାଷଣ ଦେଇଥିଲେ।
- ୧୯୬୨- ଭାରତର ଉତ୍ତର ସୀମାରେ ଚୀନ୍‌ର ଆକ୍ରମଣ।
- ୨୦୦୦- କର୍ଣ୍ଣମ୍ ମାଲେଶ୍ୱରୀ ଅଲିମ୍ପିକ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଲେ।

## ପ୍ରଥମ ଥର ୟାମି-ଇମ୍ରାନ୍ ଯୋଡ଼ି



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଓ ୟାମୀ ଗୌତମ 'ହକ୍' ଫିଲ୍ମରେ ଏକାଠି ନଜର ଆସିବେ। ପ୍ରଥମ ଥର ପାଇଁ ଏହି ଫିଲ୍ମ ମାଧ୍ୟମରେ ୟାମୀ ଓ ଇମ୍ରାନ୍ ବଡ଼ ପରଦାରେ ଏକାଠି ସ୍କ୍ରିନ୍ ସେୟାର୍ କରିବେ। ଫିଲ୍ମର ଅଧିକାଂଶ ସୁଟିଂ ସରି ଯାଇଛି। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ନଭେମ୍ବର ୭ରେ ଏହା ରିଲିଜ୍ ହେବ ବୋଲି କୁହାଯାଉଛି। ଏହାର ଟ୍ରେଲରକୁ ଖୁବ୍‌ଶୀଘ୍ର ରିଲିଜ୍ କରିବା ପାଇଁ ଫିଲ୍ମ ନିର୍ମାତା ଯୋଜନା କରୁଛନ୍ତି। ଏହା ଏକ କୋର୍ଟ ରୁମ୍ ଡ୍ରାମା ହେବ। 'ହକ୍'ର କାହାଣୀ ୧୯୮୫ର ଶାହାବାନୋ ବନାମ ଅହମ୍ମଦ ଖାନ କେସ୍ ଉପରେ ଆଧାରିତ। ଏଥିରେ ୟାମୀ ଶାହାବାନୋ ଭୂମିକାରେ ନଜର ଆସିବେ। ସେହିଭଳି ଇମ୍ରାନ୍ ଅହମ୍ମଦ ଖାନ୍‌ଙ୍କ ଭୂମିକାରେ ଦେଖାଯିବେ। ସୁପର୍ଣ୍ଣ ବର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ଇମ୍ରାନ୍ ଓ ୟାମୀଙ୍କ ବ୍ୟତୀତ ଶିବା ଚଡ୍ଢା, ଅସୀମ ହଟଗଣ୍ଡି, ଡ୍ୟାନିଶ ହୁସେନ ଆଦି ନଜର ଆସିବେ।

## ଏମିତି ଏକ ଷ୍ଟେସନ୍

# ବର୍ଷରେ ୧୫ ଦିନ ଅଟକେ ଟ୍ରେନ୍



ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଟ୍ରେନ୍ ଯୋଗେ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥାନ୍ତି। ଦେଶର ଛୋଟ ବଡ଼ ସବୁ ଷ୍ଟେସନ୍‌ରେ ପ୍ରତିଦିନ ଗହଳି ଲାଗି ରହେ। ହେଲେ ବିହାରରେ ଏମିତି ଏକ ଷ୍ଟେସନ୍ ଅଛି ଯେଉଁଠି ବର୍ଷକ ୩୬୫ ଦିନରୁ ମାତ୍ର ୧୫ ଦିନ ଏଠାରେ ଟ୍ରେନ୍ ଅଟକିଥାଏ। ବିହାର, ଔରଙ୍ଗାବାଦ୍ ଜିଲ୍ଲାରେ ଅବସ୍ଥିତ ଏହି ରେଳ ଷ୍ଟେସନ୍‌ର ନାଁ ହେଉଛି, ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନ। ସାଧାଣରତଃ ଷ୍ଟେସନରେ ଟିକେଟ୍ କାଉଣ୍ଟର, ରେଳ କର୍ମଚାରୀ, ଯାତ୍ରୀଙ୍କ କୋଳାହଳ ଶୁଭୁଥାଏ। ହେଲେ ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନଟି ପୂରା ଶୂନ୍‌ଶାନ୍ ଓ ଲୋକଶୂନ୍ୟ ଥାଏ। ଏଠାରେ କୌଣସି ସ୍ଥାୟୀ ଟିକଟ କାଉଣ୍ଟର ନାହିଁ କି ରେଳ କର୍ମଚାରୀ ନିୟୋଜିତ ହୋଇ ନ ଥାନ୍ତି। ୩୫୦ ଦିନ ଏହି ଷ୍ଟେସନ ଦେଇ ଟ୍ରେନ୍ ଯାଉଥିଲେ ବି ଏଠାରେ କେବେ ଅଟକେ ନାହିଁ। ତେବେ ୧୫ ଦିନ ଏଠାରେ ଟ୍ରେନ୍ ଅଟକିବା ପଛରେ ଧାର୍ମିକ କାରଣ ରହିଛି। ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନ ନିକଟରେ ଅବସ୍ଥିତ ପୁନପୁନ ନଦୀ ଧାର୍ମିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଧାର୍ମିକ ମାନ୍ୟତା ଅନୁସାରେ, ଗୟାରେ ପିଣ୍ଡଦାନ କରିବା ପୂର୍ବରୁ ପୁନପୁନ ନଦୀରେ ପ୍ରଥମେ ଶ୍ରାଦ୍ଧ କର୍ମ କରାଯାଏ। ଏହି କାରଣରୁ ଇଂରେଜ ଶାସନ ଅମଳରେ ଏଠାରେ ଏହି ଷ୍ଟେସନର ନିର୍ମାଣ କରାଯାଇଥିଲା। ପିତୃପକ୍ଷର ୧୫ ଦିନ ଲାଗି ଏହି ଷ୍ଟେସନରେ ଟ୍ରେନ୍ ଅଟକିଥାଏ। ପିତୃପକ୍ଷ ସରିଗଲେ ଏହି ଷ୍ଟେସନଟି ଜନଶୂନ୍ୟ ହୋଇଯାଏ। ଏଠାରେ କିନ୍ତୁ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ଅଟକି ନ ଥାଏ।

## ଅଳିଆ ଉଠାଇବା ଖେଳ ସ୍ପୋଗୋମି



ଏଇ ବର୍ଷ ଅକ୍ଟୋବରରେ ଜାପାନ ଏକ ନୂଆ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହାର ନାଁ ହେଉଛି 'ସ୍ପୋଗୋମି ବିଶ୍ୱକପ୍'। ଏହି ଖେଳରେ ଖେଳାଳିମାନଙ୍କୁ ଅଳିଆ ଉଠାଇବାକୁ ହୋଇଥାଏ। ଜାପାନରୁ ଆରମ୍ଭ ହୋଇଥିବା ଏହି ନିଆରା ଖେଳର ମୂଳ ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ଗଠନ ଦିଗରେ ସଚେତନତା ସୃଷ୍ଟି କରିବା। 'ସ୍ପୋର୍ଟସ୍' ଏବଂ 'ଗୋମି' ଶବ୍ଦରୁ ଏହି ଖେଳର ନାଁ 'ସ୍ପୋଗୋମି' ହୋଇଛି। ଜାପାନୀ ଭାଷାରେ 'ଗୋମି'ର ଅର୍ଥ ହେଉଛି ମଇଳା ବା ଆବର୍ଜନା। ଏହା ଏମିତି ଏକ ଖେଳ, ଯେଉଁଥିରେ ଖେଳାଳିଙ୍କୁ ଖେଳରେ ଖେଳରେ ଅଳିଆ ଉଠାଇବାକୁ ପଡ଼ିଥାଏ। ତେବେ ୨୦୦୮ ମସିହାରେ ଜାପାନର କିଛି ସ୍କୁଲରୁ ଏହାର ଆରମ୍ଭ ହୋଇଥିଲା। ପିଲାଙ୍କୁ ସ୍ୱଚ୍ଛତା ପ୍ରତି ପ୍ରେରିତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହାର ପ୍ରଥମ ବିଶ୍ୱକପ୍ ୨୦୨୩ ମସିହାରେ ଟୋକିଓରେ ହୋଇଥିଲା। ଏଥିରେ ୨୧ଟି ଦେଶ ସାମିଲ ହୋଇଥିଲେ। ସେହିଥର ବ୍ରିଟେନ ବିଜେତା ହୋଇଥିବାବେଳେ ଭାରତ ଷଷ୍ଠ ସ୍ଥାନରେ ରହିଥିଲା। ଏହି ଖେଳରେ ପ୍ରଥମେ ୩-୫ ଜଣିଆ ଟିମ୍ ହୁଏ। ଏହା ପରେ ନିର୍ଦ୍ଧାରିତ ସମୟରେ ଖେଳାଳିଙ୍କୁ ରାସ୍ତା, ପାର୍କ, ସମୁଦ୍ର କୂଳରୁ ଅଳିଆ ଉଠାଇବାକୁ ହୋଇଥାଏ। ଯେଉଁ ଟିମ୍ ସବୁଠୁ ଅଧିକ ଏବଂ ଠିକ୍ ଉପାୟରେ ଅଳିଆ ଏକତ୍ର କରନ୍ତି, ସେହି ଦଳ ବିଜେତା ହୋଇଥାନ୍ତି। ଅବଶ୍ୟ ଏଥିରେ ପ୍ଲାଷ୍ଟିକ୍, କେନ୍ ବୋତଲ ଆଦି ସଂଗ୍ରହ କରୁଥିବା ଟିମ୍‌କୁ ଅଧିକ ପଏଣ୍ଟ ମିଳିଥାଏ। କାରଣ ଏହା ପରିବେଶ ପାଇଁ ଅଧିକ କ୍ଷତିକାରକ ହୋଇଥାଏ। ସ୍ପୋଗୋମି ଏବେ ଆମ ଦେଶର ଚେନ୍ନାଇ, ହାଇଦ୍ରାବାଦ, କେରଳ ଆଦିରେ ବେଶ୍ ଲୋକପ୍ରିୟ ହୋଇଛି।

## ସଞ୍ଜୀବନୀ

# ବିଶ୍ୱ ମାଇଟୋକଣ୍ଡ୍ରିଆଲ ରୋଗ ସପ୍ତାହ



ମାଇଟୋକଣ୍ଡ୍ରିଆ ମନୁଷ୍ୟ କୋଷକଣିକାରେ ମିଳିଥାଏ। ସେମାନଙ୍କ ସଂଖ୍ୟା କୋଷର କାର୍ଯ୍ୟ ଏବଂ ଶକ୍ତି ଆବଶ୍ୟକତା ଉପରେ ନିର୍ଭର କରେ। ତେଣୁ ଏହାକୁ ଶକ୍ତିକେନ୍ଦ୍ର କୁହାଯାଇଥାଏ। ଏହାର ମୁଖ୍ୟ କାମ ହେଉଛି, କୋଷର ମୁଖ୍ୟ ଶକ୍ତି ବହନକାରୀ ଆଡିନୋସିନ୍ ଟ୍ରାଇଫସଫେଟ୍ (ଏଟିପି)ର ନିରବଚ୍ଛିନ୍ନ ଯୋଗାଣ କରିବା। ହେଲେ କୌଣସି କାରଣ ବଶତଃ ମାଇଟ୍ରୋକଣ୍ଡ୍ରିଆଲ ରୋଗ (ମାଇଟୋ) ସୃଷ୍ଟି ହେଲେ ଏହା କୋଷିକା ଭିତରେ ଶକ୍ତି ଉତ୍ପାଦନକୁ ବାଧାପ୍ରାପ୍ତ କରିଥାଏ। ଏହା ଏକ ବିରଳ ରୋଗ। ସାଧାରଣତଃ ୫୦୦୦ ଜଣଙ୍କ ମଧ୍ୟରୁ ଜଣଙ୍କୁ ଏହି ରୋଗ ହୋଇଥାଏ। ତେଣୁ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା, ପୀଡ଼ିତଙ୍କ ଜୀବନକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ତଥା ସେମାନଙ୍କ ପରିବାରକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ମାସ ତୃତୀୟ ସପ୍ତାହକୁ 'ବିଶ୍ୱ ମାଇଟୋକଣ୍ଡ୍ରିଆଲ ରୋଗ ସପ୍ତାହ" ଭାବେ ପାଳନ କରାଯାଇଆସୁଛି।

ମାଇଟୋକଣ୍ଡ୍ରିଆଲ ରୋଗ ବଂଶାନୁଗତ ରୋଗ। ମାଇଟୋକଣ୍ଡ୍ରିଆ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିବା ଜିନ୍‌ରେ ପରିବର୍ତ୍ତନ ଯୋଗୁଁ ଏହା ହୋଇଥାଏ। ମାଇଟୋକଣ୍ଡ୍ରିଆଲ ରୋଗରେ ଶରୀରର କୋଷିକାକୁ ସଠିକ ଭାବେ ଶକ୍ତି ମିଳେ ନାହିଁ। ଶକ୍ତି ସୃଷ୍ଟି କରିବାକୁ କଠିନ ହୁଏ। ପ୍ରାଥମିକ ପର୍ଯ୍ୟାୟରେ ମାଂସପେଶୀ ଦୁର୍ବଳ, ଦେଖିବା ଓ ଶୁଣିବାରେ ସମସ୍ୟା, ପାକସ୍ଥଳୀ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ। ମସ୍ତିଷ୍କ, ମାଂସପେଶୀ ଏବଂ ସ୍ନାୟୁରେ ମଧ୍ୟ କିଛି ଲକ୍ଷଣ ପ୍ରକାଶ ପାଏ। ଏହା ମେଦବହୁଳତା, ହୃଦ୍‌ରୋଗ, ଆଲଜାଇମର୍ ରୋଗର କାରଣ ସାଜିବା ସହ ଅନ୍ୟ ଅଙ୍ଗକୁ ପ୍ରଭାବିତ କରିପାରେ। ତେଣୁ ଉପରୋକ୍ତ ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ। ପୋଷଣ ବିଶେଷଜ୍ଞଙ୍କ ପରାମର୍ଶରେ ଖାଦ୍ୟରେ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ।

# ପରୀକ୍ଷା କହିବ ହୃଦୟ କଥା



**ଅସନ୍ତୁଳିତ ଜୀବନଶୈଳୀ, ଆନୁବଂଶିକ, ଅନିୟନ୍ତ୍ରିତ ଉଚ୍ଚରକ୍ତଚାପ ଓ ରକ୍ତଶର୍କରା, ଧୂମପାନ, ମେଦବହୁଳତା, ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଫଳରେ ହୃଦ୍‌ପିଣ୍ଡରେ ରକ୍ତ ସଞ୍ଚାଳନରେ ଅସନ୍ତୁଳନ ଦେଖାଯାଏ। ହୃତ୍‌ପିଣ୍ଡର ଗୋଟିଏ ଅଂଶକୁ ରକ୍ତ ସରବରାହ ବନ୍ଦ ହୋଇଯିବାକୁ ହୃଦ୍‌ଘାତ ବା ହାର୍ଟ ଆଟାକ୍ କୁହାଯାଏ। ଆଗରୁ ବୟସ୍କଙ୍କ କ୍ଷେତ୍ରରେ ହୃଦ୍‌ଘାତ ଦେଖାଯାଉଥିଲା। ଏବେ କିନ୍ତୁ ୱାର୍କଆଉଟ କରିବା ସମୟରେ ୩୦ରୁ ୪୦ ବର୍ଷର ଯୁବପିଢ଼ିଙ୍କଠାରେ ହୃଦ୍‌ଘାତ ସମସ୍ୟା ଅଧିକ ଦେଖାଯାଉଛି। ତେଣୁ ଏହି ଚାରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ହୃଦ୍‌ପିଣ୍ଡର ସୁସ୍ଥତା ବିଷୟରେ ଜାଣିପାରିବେ।**

**ରକ୍ତଚାପ ପରୀକ୍ଷା:** ଅଚାନକ ଅଧିକ ବ୍ୟାୟାମ କରିବା ଦ୍ୱାରା ରକ୍ତଚାପ ବଢ଼ିପାରେ। ରକ୍ତଚାପ ହେଉଛି ନୀରବ ଘାତକ। ଏହା ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ସେହିପରି ଉଚ୍ଚ କୋଲେଷ୍ଟ୍ରଲ, ମେଦବହୁଳତା, ମଧୁମେହ ମଧ୍ୟ ହୃଦରୋଗ ଆଶଙ୍କାକୁ ବଢ଼ାଇଥାଏ। ତେଣୁ ସମୟେ ସମୟେ ରକ୍ତ ଚାପ ପରୀକ୍ଷା କରିବା ନିହାତି ଆବଶ୍ୟକ। ଯଦି ରକ୍ତଚାପ ୧୨୦/୮୦ ଏମ୍‌ଏମ୍‌ଏଚ୍‌ଜିରୁ ଅଧିକ ଥାଏ, ତେବେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଜରୁରି। ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗ ପୀଡ଼ିତ ବ୍ୟକ୍ତି ନିୟମିତ ରୂପେ ରକ୍ତଚାପକୁ ନିରୀକ୍ଷଣ କରିବା ଆବଶ୍ୟକ।

**କୋଲେଷ୍ଟ୍ରଲ ପରୀକ୍ଷା:** କୋଲେଷ୍ଟ୍ରଲ ବଢ଼ିଲେ, ଧମନୀରେ ପ୍ଲେକ ଜମା ହୁଏ। ଏହା ଦ୍ୱାରା ହୃଦ୍‌ଘାତ ଆଶଙ୍କା ବଢ଼ିଯାଏ। ତେଣୁ ସାଧାରଣ ବୟସ୍କ ଲୋକଙ୍କୁ ପ୍ରତି ବର୍ଷରେ ଥରେ ଏହି ପରୀକ୍ଷା କରିବା ଆବଶ୍ୟକ। ଯଦି ଉଚ୍ଚ କୋଲେଷ୍ଟ୍ରଲ, ମଧୁମେହ, ହୃଦ୍‌ରୋଗ ଆଶଙ୍କା ଥାଏ ଡାକ୍ତରଙ୍କ ପରାମର୍ଶ ନେଇ କୋଲେଷ୍ଟ୍ରଲ ପରୀକ୍ଷା କରାଇପାରିବେ।

**ବ୍ଲଡ୍ ଗ୍ଲୁକୋଜ ଟେଷ୍ଟ:** ରକ୍ତ ଶର୍କରା ସ୍ତର ଯାଞ୍ଚରୁ ମଧୁମେହ ଏବଂ ମଧୁମେହ ପୂର୍ବବର୍ତ୍ତୀ ଅବସ୍ଥା ଚିହ୍ନଟ ହୁଏ। ଏହା ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଜରୁରି। ଆମେରିକାନ ଡାଏବେଟିକ୍ ଆସୋସିଏସନ ଅନୁସାରେ, ୪୫ ବର୍ଷରୁ ଅଧିକ ଲୋକ ଉପରୋକ୍ତ ଟେଷ୍ଟ କରିବା ନିହାତି ଜରୁରି। ଶର୍କରା ସ୍ତର ସ୍ୱାଭାବିକ ଥିଲେ ପ୍ରତି ବର୍ଷ ବ୍ଲଡ ଗ୍ଲୁକୋଜ ଟେଷ୍ଟ କରିବା ଜରୁରି। ଯେଉଁମାନଙ୍କର ଶର୍କରା ସ୍ତର ଅଧିକ ରହିଛି ସେମାନେ ପ୍ରତିମାସରେ ନିୟମିତ ଭାବେ ରକ୍ତ ଶର୍କରା ପରୀକ୍ଷା କରାଇନେବା ଆବଶ୍ୟକ।

**ବିଏମ୍‌ଆଇ ପରୀକ୍ଷା:** ହୃଦ୍‌ରୋଗର ଆଉ ଏକ ମୁଖ୍ୟ କାରଣ ହେଉଛି ମେଦବହୁଳତା ଓ ମଧୁମେହ। ମେଦବହୁଳତା ବିଭିନ୍ନ ରୋଗକୁ ଆମନ୍ତ୍ରିତ କରିଥାଏ। ତେଣୁ ବଡିମାସ ଇଣ୍ଡେକ୍ସ (ବିଏମ୍‌ଆଇ)ରେ ଓଜନ ଏବଂ ଅଣ୍ଟାର ସାଇଜ ମାପି ହୃଦ୍‌ପିଣ୍ଡ ସୁସ୍ଥତା ବିଷୟରେ ଜାଣିପାରିବେ। ନିୟମିତ ରୂପେ ବିଏମଆଇ ଚେକ୍ କରିପାରିବେ। ଯଦି ଚାହିଁବେ ଡେକ୍ସା ସ୍କାନ ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଫ୍ୟାଟର ଯାଞ୍ଚ କରିପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସବୁବେଳେ ଡାକ୍ତରଙ୍କ ପରାମର୍ଶରେ ଉପରୋକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି।

# ଶକ୍ତିର ଗନ୍ତାଘର ଅଶ୍ୱଗନ୍ଧା



**ଅଶ୍ୱଗନ୍ଧାର ବୈଜ୍ଞାନିକ ନାଁ ଉଇଥାନିଆ ସୋମନିଫେରା। ଏଥିରେ ଭିଟାମିନ୍-ବି, ଡି, ଇ, କ୍ୟାଲସିୟମ, ପଟାସିୟମ, ମ୍ୟାଗ୍ନେସିୟମ, ଜିଙ୍କ ଭଳି ଅନ୍ୟାନ୍ୟ ପୋଷକତତ୍ତ୍ୱ ରହିଛି। ଅଶ୍ୱଗନ୍ଧାର ମୂଳଟି ମାଂସାଳ। ପତ୍ରଗୁଡ଼ିକ ଅଣ୍ଡାକୃତି। ଏହାର ଚେରରେ ବିଭିନ୍ନ ପ୍ରକାର ଆଲକାଲଏଡ୍, ଫ୍ଲାବୋନଏଡ୍ ଆଦି ଥିବାରୁ ଏହା ବହୁ ଔଷଧ ତିଆରିରେ ବ୍ୟବହୃତ ହୁଏ। ଆୟୁର୍ବେଦରେ ଅଶ୍ୱଗନ୍ଧାକୁ ଔଷଧ ଭାବେ ବ୍ୟବହାର କରାଯାଏ।**

- ଏଥିରେ ଥିବା ହେମାଟିନିକ ରକ୍ତରେ ଲୌହ ଅଂଶ ବୃଦ୍ଧି କରାଏ। କୃମିନାଶକ, ବ୍ୟଥା ଉପଶମକାରୀ, ରକ୍ତବିଶୋଧକ, ପୌରୁଷତ୍ୱବର୍ଦ୍ଧକ ପାଇଁ ଏହା ବହୁତ ହିତକର। ରାତିରେ ଶୋଇବା ପୂର୍ବରୁ ନଖ ଉଷୁମ କ୍ଷୀରରେ ଏକ ଚାମଚ ଅଶ୍ୱଗନ୍ଧା ପାଉଡର ପିଇବା ସର୍ବୋତ୍ତମ। ମହୁ ସହିତ ମଧ୍ୟ ସେବନ କରଯାଇପାରେ।
- ଏହାର ମୂଳର ଚୂର୍ଣ୍ଣ କ୍ଷୀର କିମ୍ବା ଘିଅ ସହିତ ସେବନ କଲେ ସ୍ୱାସ୍ଥ୍ୟ ଏବଂ ମେଧା ଉଭୟ ବୃଦ୍ଧି ପାଏ। ଅଶ୍ୱ ଗନ୍ଧାର ପତ୍ରଗୁଡିକ ଜ୍ୱର, ଆଖିଫୁଲା ଆଦିରେ ବ୍ୟବହାର କରାଯାଏ। ଏହା ଚିନ୍ତା ଓ ଥକ୍କାପଣ ଦୂର କରେ। ଓଜନ ହ୍ରାସ କରେ।
- ତିନି ଗ୍ରାମ୍ ଅଶ୍ୱଗନ୍ଧାକୁ ୫୦ ମିଲି ଗ୍ରାମ୍ ପିପ୍ପଳି, ୫ଗ୍ରାମ୍ ଘିଅ ଓ ୫ଟି ତୁଳସୀ ପତ୍ର ସହିତ ମିଶାଇ ସେବନ କଲେ ଅର୍ଶ ରୋଗରୁ ଉପଶମ ଦିଏ। ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ। ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ସହ ଶରୀରକୁ ଶକ୍ତି ପ୍ରଦାନ କରେ।
- ମହିଳାଙ୍କ ଋତୁସ୍ରାବ ଅନିୟମିତତାକୁ ଦୂର କରେ। ତେବେ ଅଶ୍ୱଗନ୍ଧା ସେବନ ପୂର୍ବରୁ ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି। ଗର୍ଭବତୀ ମହିଳା, ରକ୍ତଚାପ କିମ୍ବା ଥାଇରଏଡ ରୋଗୀ ଚିକିତ୍ସକଙ୍କ ବିନା ପରାମର୍ଶରେ ଏହାକୁ ସେବନ କରିବା ଅନୁଚିତ।

# ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ କମ୍ କରିବ ଜେଲ୍

ବୟସ ବଢ଼ିଲେ ଅଧିକାଂଶ ଆଣ୍ଠୁଗଣ୍ଠି ଯନ୍ତ୍ରଣାର ସମ୍ମୁଖୀନ ହୁଅନ୍ତି। ଗଣ୍ଠିରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଏ। କାର୍ଯ୍ୟଚାପ ହେଉ କି ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡା ହୋଇ କାମ କରିବା ଦ୍ୱାରା ଗଣ୍ଠିରେ ଚାପ ପଡ଼ିବା, ଆଣ୍ଠୁରୁ କାର୍ଟିଲେଜ ଘୋରି ହୋଇଗଲେ ମଧ୍ୟ ଏହି ସମସ୍ୟା ଦେଖାଯାଏ। ତେବେ ବର୍ତ୍ତମାନ ବୟସ୍କଙ୍କ ସମେତ ଯୁବକଯୁବତୀ ଏହି ରୋଗରେ ପୀଡ଼ିତ। ପୀଡ଼ିତ ଲୋକମାନେ ନିଜ ନିତିଦିନିଆ କାମ ଠିକ୍ ଭାବେ କରିପାରନ୍ତିନି। ଚଲାବୁଲାରେ ଯନ୍ତ୍ରଣା ହୋଇଥାଏ। ତେଣୁ ଚିକିତ୍ସା ଦୀର୍ଘ ଦିନ ଧରି ଚାଲିଥାଏ। କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶରେ ଯନ୍ତ୍ରଣାରୁ ଉପଶମ ପାଇବାକୁ ଡାକ୍ତର ସର୍ଜରୀ କିମ୍ବା ଆଣ୍ଠୁ ପ୍ରତିରୋପଣ କରିଥାନ୍ତି। ଏବେ ଏହି ସମସ୍ୟାକୁ ଦୂର କରିବାକୁ ଜର୍ମାନୀର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ହାଇଡ୍ରୋଜେଲ ବିକଶିତ କରିଛନ୍ତି। ଯାହାକି ବିନା ସର୍ଜରୀରେ ବି ଆଣ୍ଠୁଗଣ୍ଠି ସମସ୍ୟାରୁ ଆରାମ ମିଳିପାରିବ। ଏନେଇ ଏହି ଜେଲ୍‌କୁ ଇଞ୍ଜେକସନ୍‌ରେ ଦେବା ଦ୍ୱାରା ଆଣ୍ଠୁ ଯନ୍ତ୍ରଣାର ଉପଶମ ମିଳିବ। ଏହା ଆଣ୍ଠୁକୁ ଶକ୍ତ ଓ ମଜଭୁତ କରିପାରିବ। ଏହି ଜେଲ୍‌ର ବିଶେଷତ୍ୱ ହେଉଛି, ଏହା ଷ୍ଟେମସେଲ୍‌କୁ ଉପଯୋଗ କରିଥାଏ। ଏହାକୁ ବ୍ୟବହାର କରିବା ଦ୍ୱାରା ଆଣ୍ଠୁରେ ପରସ୍ତ ପରସ୍ତ କରି ନୂଆ କାର୍ଟିଲେଜ ସୃଷ୍ଟି ହୋଇପାରିବ। ତେବେ ଏହି ଜେଲ୍‌ଟି ବହୁତ ଶକ୍ତିଶାଳୀ। ଆଣ୍ଠୁ ପ୍ରତିରୋପଣ କିମ୍ବା କୌଣସି ସର୍ଜରୀ ନ କରାଯାଇ କେବଳ ଇଞ୍ଜେକସନ୍ ଦ୍ୱାରା ଆଣ୍ଠୁଗଣ୍ଠି ସମସ୍ୟାରୁ ଉପଶମ ମିଳିପାରିବ। ଏନେଇ ବୈଜ୍ଞାନିକମାନେ ଏକ କ୍ଲିନିକାଲ ପରୀକ୍ଷଣ କରିଥିଲେ। ଏଥିରେ ମାତ୍ର ୬୦ ଦିନରେ ରୋଗୀଙ୍କଠାରେ ନୂଆ କାର୍ଟିଲେଜ୍ ସୃଷ୍ଟି ହେଉଥିବା ଦେଖାଯାଇଥିଲା। ଏହି ଜେଲ୍‌ଟି କେବଳ ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ କମ୍ କରିବ ତାହା ନୁହେଁ, ବରଂ ଆଣ୍ଠୁ ଫୁଲା ସମସ୍ୟାରୁ ମୁକ୍ତି ଦେବ। ସମ୍ପୂର୍ଣ୍ଣ ଭାବେ ଚିକିତ୍ସା ପରେ ଏହି ଜେଲ୍ ଆପେ ଆପେ ମିଳାଇଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ଏସିଆ କପ୍ କ୍ରିକେଟ; ଓମାନ ବିପକ୍ଷ ମୁକାବିଲା ଆଜି

# ବିଶ୍ରାମ ନେଇପାରନ୍ତି ଭାରତର ବରିଷ୍ଠ ଖେଳାଳି

ଦୁବାଇ,୧୮।୯ (ଏଜେନ୍ସି):

ଚଳିତ ଏସିଆ କପ୍‌ର ଗ୍ରୁପ୍-ଏ’ ମୁକାବିଲାରେ ୟୁଏଇ ଓ ପାକିସ୍ତାନକୁ ସହଜରେ ହରାଇ ସୁପର-୪’ରେ ପ୍ରବେଶ କରିଥିବା ଭାରତ ଆସନ୍ତାକାଲି ତାହାର ଶେଷ ଲିଗ୍ ମ୍ୟାଚରେ ଓମାନକୁ ଭେଟିବ। ଏହି ଦେଶ ସହ ଭାରତ ପ୍ରଥମଥର ଖେଳିବାକୁ ଯାଉଥିବାରୁ ସ୍ପିନରଙ୍କ ବିପକ୍ଷରେ ଭଲ ଖେଳିବାକୁ ଭାରତୀୟ ବ୍ୟାଟରମାନେ ଚେଷ୍ଟା କରିବେ। ବିଶେଷ କରି ୨ ଦିନ ପରେ ଏଠାରେ ପାକିସ୍ତାନ ସହ ସୁପର-୪ ମୁକାବିଲା ଥିବାରୁ ଭାରତ ଓମାନ ବିପକ୍ଷ ମ୍ୟାଚ୍‌ରେ କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେବାକୁ ଚିନ୍ତାକରୁଛି। ବିଶେଷ କରି ପାକିସ୍ତାନ ବିପକ୍ଷ ହାଇଭୋଲଟେଜ୍ ମୁକାବିଲା ପୂର୍ବରୁ ସ୍ପିନରଙ୍କ ବିପକ୍ଷରେ ଥିବା ଦୁର୍ବଳତାକୁ ସଜାଡ଼ିନେବାକୁ ଭାରତ ଏହି ମ୍ୟାଚ୍‌କୁ ଗୁରୁତ୍ୱ ଦେଉଛି। ଓମାନର ବାମହାତୀ ସ୍ପିନର ଅମୀର କଲୀମ୍ ଓ ଅଫ୍‌ସ୍ପିନର ମଧ୍ୟପ୍ରଦେଶର ପୂର୍ବତନ ଖେଳାଳି ସମୟ ଶ୍ରୀବାସ୍ତବ ଭାରତୀୟଙ୍କ ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି।

ଏଠାରେ ପ୍ରବଳ ଗରମ ହେଉଥିବାରୁ ୟୁଏଇ ଓ ପାକିସ୍ତାନ ବିପକ୍ଷରେ ବ୍ୟାଟିଂ କରିବାର ସୁଯୋଗ ପାଇ ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ ଓ ଅକ୍ଷର ପଟେଲ ଦୀର୍ଘ ସମୟ ବ୍ୟାଟିଂ ଅଭ୍ୟାସ କରିଥିଲେ। କିନ୍ତୁ ବରିଷ୍ଠ ଖେଳାଳିମାନେ ଅତ୍ୟଧିକ ଗରମରେ ଅଭ୍ୟାସ ନ କରି ବିଶ୍ରାମ ନେବାକୁ ଉଚିତ ମଣିଥିଲେ। ଆଗକୁ ପାକିସ୍ତାନ ବିପକ୍ଷ ମୁକାବିଲା ଥିବାରୁ ଯଶପ୍ରୀତ୍ ବୁମ୍ରା ଆଜି ଆଦୌ ଅଭ୍ୟାସ ଲାଗି ପଡ଼ିଆକୁ ଆସି ନ ଥିଲେ। ତାଙ୍କ ସ୍ଥାନରେ ହର୍ଷିତ ରାଣା କିମ୍ବା ଅର୍ଶଦୀପ ସିଂହଙ୍କୁ ଏହି ମ୍ୟାଚ୍ ଖେଳିବାର ସୁଯୋଗ ମିଳିପାରେ। କିନ୍ତୁ ସ୍ପିନରଙ୍କୁ ପରିବର୍ତ୍ତନ କରିବାର ସମ୍ଭାବନା କମ୍। ବ୍ୟାଟିଂରେ ମଧ୍ୟ ଦଳରେ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ଅର୍ଡରରେ ଏପଟ ସେପଟ ହୋଇପାରେ। ବିଶେଷକରି ୟୁଏଇକୁ ୯ ୱିକେଟରେ ଓ ପାକିସ୍ତାନକୁ ୬ ୱିକେଟରେ ଭାରତ ହରାଇଥିଲା। ଏଣୁ ଅନ୍ୟ ବ୍ୟାଟରମାନେ ବିଶେଷ ସୁଯୋଗ ପାଇ ନ ଥିଲେ। ଏଣୁ ଅନ୍ୟ ବ୍ୟାଟରମାନଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ।

ଏଠାରେ ସ୍ପିନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଣୁ ସ୍ପିନ୍ ବିପକ୍ଷରେ ଦୁର୍ବଳ ଥିବା ବ୍ୟାଟରଙ୍କୁ କିଛି ଅଧିକ ସୁଯୋଗ ମିଳିବ ବୋଲି ଆଶା। ଉପଅଧିନାୟକ ଶୁବମନ ଗିଲ୍ ଏବେ ବାମହାତୀ ସ୍ପିନରଙ୍କ ବିପକ୍ଷରେ କିଛିଟା ଭଲ ଖେଳୁଛନ୍ତି। ଅନ୍ୟମାନେ କିପରି ସ୍ପିନରଙ୍କୁ ଉଚିତ ମୁକାବିଲା କରିବେ ତାହା ଉପରେ ଦଳ ଗୁରୁତ୍ୱ ଦେଉଛି। ସୁପର-୪’ରେ ପ୍ରବେଶ କରିଥିବା ଦଳରେ ଭଲ ସ୍ପିନର ରହିଛନ୍ତି। ଶ୍ରୀଲଙ୍କା ହେଉ କି ବାଂଲାଦେଶ, ପାକିସ୍ତାନ ହେଉ କି ଆଫଗାନିସ୍ତାନ ସମସ୍ତ ଟିମ୍‌ରେ ଭଲ ସ୍ପିନର ରହିଛନ୍ତି। ଏଣୁ ଭାରତୀୟ ଦଳ କ୍ୱାଲିଟି ସ୍ପିନ୍‌କୁ କିପରି ପ୍ରଭାବ ମୁକାବିଲା କରିବ ତାହା ଉପରେ ଗୁରୁତ୍ୱ ଦେଉଛି।

ଅନ୍ୟପକ୍ଷରେ ଓମାନ ଏଠାରେ ଲଢୁଆ ଖେଳିପାରି ନାହିଁ। ପାକିସ୍ତାନ ବିପକ୍ଷରେ ଏହି ଦଳ ଗତକାଲି ମାତ୍ର ୬୭ ରନ୍‌ରେ ଅଲଆଉଟ ହୋଇଥିଲା। ଦଳର ବ୍ୟାଟିଂ ଅଧିନାୟକ ଜତିନ୍ଦର ସିଂହଙ୍କ ଉପରେ ନିର୍ଭର କରୁଥିଲାବେଳେ ତାଙ୍କର ଫର୍ମ ନାହିଁ। ଅନ୍ୟ ଟପ୍ ଅର୍ଡର ବ୍ୟାଟର ପାକିସ୍ତାନ ହେଉ କି ୟୁଏଇ ବିପକ୍ଷ ମୁକାବିଲାରେ କ୍ଲିକ୍ କରିନାହାନ୍ତି। ଭାରତ ବିପକ୍ଷରେ ଅଧିକ ଦୟନୀୟ ପ୍ରଦର୍ଶନ କରିବ ବୋଲି ଆଶଙ୍କା ରହିଛି। କିନ୍ତୁ ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହିଦଳ ପ୍ରଥମେ ବ୍ୟାଟିଂ କରିବ ବୋଲି ଆଶା କରାଯାଉଛି।

ଓମାନ ବିପକ୍ଷରେ ଭାରତୀୟ ଦଳର ଏହା ପ୍ରଥମ ମୁକାବିଲା। ପୂର୍ବରୁ ଗତବର୍ଷ ଓମାନ ସିନିୟର ଟିମ୍ ଭାରତ-ଏ’ ସହ ଖେଳିଥିଲା। ଏହି ଦଳରେ ଅଭିଷେକ ଶର୍ମା ଓ ତିଳକ ବର୍ମା ଖେଳୁଥିଲେ। ଭାରତ-ଏ’ ଦଳ ୨୮ଟି ବଲ ବାକିଥାଇ ଏହି ମ୍ୟାଚ୍‌କୁ ୬ ୱିକେଟରେ ଜିତିନେଇଥିଲା। ଆସନ୍ତାକାଲି ମୁକାବିଲାରେ ବିଜୟ ବ୍ୟବଧାନ କିଛି ଅଧିକ ହେବ ବୋଲି ଆଶା କରାଯାଉଛି।



DP WORLD ASIA CUP 2025
**ଆଜିର ମ୍ୟାଚ୍**
ଭାରତ- ଓମାନ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

# ଶ୍ରୀଲଙ୍କାର ଘାତକ ବୋଲିଂ

ଆବୁଧାବି,୧୮।୯ (ଏଜେନ୍ସି): ଏସିଆ କପ୍‌ର ସୁପର-୪ ସ୍ଥାନ ଲାଗି ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ ଶ୍ରୀଲଙ୍କା ଘାତକ ବୋଲିଂ ପ୍ରଦର୍ଶନ କରିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନ ୬ ଓଭର ସୁଦ୍ଧା ୩ ୱିକେଟ ବିନିମୟରେ ୪୫ ରନ୍ କରିନେଇଛି। ଏହି ସମୟରେ ଇବ୍ରାହିମ ଜଦ୍ରାନ ୪ ଓ ଡାରୱିଶ ରସୁଲି ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଦୁଇ ଓପନର ରହମନୁଲ୍ଲା ଗୁରବାଜ ୧୪, ସେଦିକୁଲ୍ଲା ଅଟଲ ୧୮ ଓ ବ୍ୟାଟିଂ ଅର୍ଡରରେ ଉନ୍ନତି ପାଇ ନଂ-୩ରେ ବ୍ୟାଟିଂ କରିଥିବା କରିମ ଜାନତ ମାତ୍ର ୧ ରନ୍‌ରେ ଆଉଟ ହୋଇଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଫାଷ୍ଟ ବୋଲର ନୁୱାନ ତୁଷାରା ୩ଟି ଯାକ ୱିକେଟ ଅକ୍ତିଆର କରିଛନ୍ତି।

ଏହା ପୂର୍ବରୁ ଖେଳାଯାଇଥିବା ଗ୍ରୁପ-ବି’ ଲିଗ୍‌ରେ ଶ୍ରୀଲଙ୍କା ୨ଟି ମ୍ୟାଚ୍ ଜିତି ପ୍ରଥମ ସ୍ଥାନରେ ରହିଛି। ବାଂଲାଦେଶ ମଧ୍ୟ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି ଓ ଏବେ ସୁଦ୍ଧା ପଏଣ୍ଟ ଟେବଲରେ ଦ୍ୱିତୀୟ ସ୍ଥାନରେ ରହିଛି। ଆଫଗାନିସ୍ତାନ ତୃତୀୟ ସ୍ଥାନରେ ରହିଛି। ଆଫଗାନିସ୍ତାନ ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଗ୍ରୁପ୍-ବି’ ପଏଣ୍ଟ ଟେବଲର ପ୍ରଥମ ସ୍ଥାନ ସହ ସୁପର-୪’ରେ ପ୍ରବେଶ କରିବ। ଶ୍ରୀଲଙ୍କା ପରାଜିତ ହେଲେ ୩ଟି ଦଳର ପଏଣ୍ଟ ସଂଖ୍ୟା ସମାନ ହେବ। କିନ୍ତୁ ଏବେ ଆଫଗାନିସ୍ତାନର ନେଟ୍‌ରନ୍‌ରେଟ +୨.୧୫୦ ରହିଛି। ଶ୍ରୀଲଙ୍କାର +୧.୫୪୬ ଓ ବାଂଲାଦେଶର -୦.୨୭୦ ରହିଛି। ୩ ଦଳର ପଏଣ୍ଟ ସଂଖ୍ୟା ସମାନ ହେଲେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ସୁପର-୪ରେ ପ୍ରବେଶ କରିବେ। ଏଠାରେ ଶ୍ରୀଲଙ୍କା ବିଜୟୀ ହେଲେ ବାଂଲାଦେଶ ସହ ସୁପର-୪’କୁ ଯିବ। ପୂର୍ବରୁ ଗ୍ରୁପ୍-ଏ’ରେ ଭାରତ ଓ ପାକିସ୍ତାନ ସୁପର-୪’ରେ ପ୍ରବେଶ କରିସାରିଛନ୍ତି। ଆସନ୍ତାକାଲି ଭାରତ ଓ ଓମାନ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହା ପରେ ସୁପର-୪’ରେ କିଏ କାହା ସହ ଖେଳିବ ତାହା ଏକପ୍ରକାର ସ୍ଥିର ହେବ।





ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ଲାଗି ନୂଆଦିଲ୍ଲୀରେ ଗୁରୁବାର ପଦକ ଉନ୍ମୋଚନ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା ଓ ପାରା ଆଥଲେଟ୍‌ମାନେ

### ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରରେ ସିନ୍ଧୁ, ସାତ୍ୱିକ-ଚିରାଗ

ବେଜିଂ, ୧୮।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ୧୧ କୋଟି ପୁରସ୍କାର ରାଶିବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ଅନ୍ତିମ-୮ ରେ ସ୍ଥାନ ପକ୍କା କରିଛନ୍ତି। ଶୁକ୍ରବାର ଉଭୟ ଇଭେଣ୍ଟର କ୍ୱାର୍ଟର ଫାଇନାଲ ଖେଳାଯିବ। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଲଢ଼େଇରେ ସିନ୍ଧୁ ମାତ୍ର ୪୧ ମିନିଟ୍ ମଧ୍ୟରେ ୨୧-୧୫, ୨୧-୧୫ ସିଧାସଳଖ ଗେମରେ ଥାଇଲାଣ୍ଡର ପୋର୍ନପାୱି ଚୋଚୁୱଙ୍ଗଙ୍କୁ ପରାସ୍ତ କରିଥିଲେ। ୩୦ ବର୍ଷୀୟା ସିନ୍ଧୁ କ୍ୱାର୍ଟରରେ ଅଲିମ୍ପିକ ଚାମ୍ପିଅନ ତଥା ବିଶ୍ୱର ଏକ ନମ୍ବର ଖେଳାଳି କୋରିଆର ଆନ ସି ୟଙ୍ଗ’ଙ୍କୁ ଭେଟିବେ। ପୂର୍ବରୁ ୟଙ୍ଗ୍’ଙ୍କ ବିପକ୍ଷରେ ଖେଳିଥିବା ୭ଟି ଯାକ ମୁକାବିଲା ସିନ୍ଧୁ ହାରିଛନ୍ତି। ତେଣୁ କ୍ୱାର୍ଟର ଲଢ଼େଇ ପୂର୍ବରୁ ସିନ୍ଧୁ ମାନସିକ ଭାବେ ବ୍ୟାକ୍‌ଫୁଟରେ ରହିଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ୱିକ-ଚିରାଗ ଯୋଡ଼ି ମଧ୍ୟ ୨୧-୧୩, ୨୧-୧୨ ସିଧାସଳଖ ଗେମରେ ଘରୋଇ ଚାଇନାର ରେନ୍ ଜିଆଙ୍ଗ ଓ ଜି ହାଓନାନ ଯୋଡ଼ିଙ୍କୁ ହରାଇ ଅଗ୍ରଗତି କରିଥିଲେ।

### ଫିଫା ର୍‍ୟାଙ୍କିଙ୍ଗ୍

# ୧୨ ବର୍ଷ ପରେ ଶୀର୍ଷକୁ ଫେରିଲା ସ୍ପେନ

ଜୁରିକ, ୧୮।୯ (ଏଜେନ୍ସି): ଦୀର୍ଘ ୧୨ ବର୍ଷର ବ୍ୟବଧାନ ପରେ ସ୍ପେନ ଫୁଟ୍‌ବଲ ଦଳ ଫିଫା ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନକୁ ଫେରିଛି। ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଗୁରୁବାର ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗରେ ବିଶ୍ୱକପ୍ ଚାମ୍ପିଅନ ଆର୍ଜେଣ୍ଟିନାକୁ ହଟାଇ ସ୍ପେନ ଏକ ନମ୍ବର ସ୍ଥାନ ହାସଲ କରିଛି। ସ୍ପେନ ଦ୍ୱିତୀୟରୁ ଏକ ନମ୍ବରକୁ ଉଠିଛି। ସ୍ପେନ ଦଳ ନିକଟରେ ବୁଲଗେରିଆକୁ ୩-୦ ଓ ତୁର୍କୀକୁ ୬-୦ ଗୋଲ୍ ବ୍ୟବଧାନରେ ହରାଥିଲା। ଏଥିସହ ସ୍ପେନ ଏହାର ଅପରାଜେୟ ଧାରାକୁ ୨୭କୁ ବୃଦ୍ଧି କରିଛି। ଯେଉଁଥି ପାଇଁ ଦଳ ମାନ୍ୟତାରେ ଉପରକୁ ଉଠିଛି। ସେହିଭଳି ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଫ୍ରାନ୍ସ ୩ୟରୁ ଦ୍ୱିତୀୟକୁ ଉଠିଥିବାବେଳେ ଆର୍ଜେଣ୍ଟିନା ଦୁଇଟି ସ୍ଥାନ ହରାଇ ତୃତୀୟକୁ ଖସିଯାଇଛି। ଇଂଲଣ୍ଡ, ପର୍ତ୍ତୁଗାଲ, ବ୍ରାଜିଲ, ନେଦରଲାଣ୍ଡସ, ବେଲ୍‌ଜିୟମ, କ୍ରୋଏସିଆ ଓ ଇଟାଲୀ ର୍‍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି। ଅପରପକ୍ଷରେ ର୍‍ୟାଙ୍କିଙ୍ଗରେ ଭାରତୀୟ ଫୁଟବଲ୍ ଦଳ ଗୋଟିଏ ସ୍ଥାନ ହରାଇଛି। ଭାରତ ଏବେ ୧୩୪ତମ ସ୍ଥାନକୁ ଖସିଯାଇଛି। ଏସୀୟ ଦେଶଗୁଡ଼ିକ ମଧ୍ୟରେ ଭାରତ ୨୪ତମ ସ୍ଥାନରେ ରହିଛି।

# ବିଟିଏ ସଭାପତି ହେବେ ଲିଆଣ୍ଡର

କୋଲକାତା, ୧୮।୯ (ଏଜେନ୍ସି): କିଂବଦନ୍ତୀ ଖେଳାଳି ଲିଆଣ୍ଡର ପେସ ବେଙ୍ଗଲ ଟେନିସ ସଂଘ (ବିଟିଏ)ର ସଭାପତି ହେବା ରାସ୍ତା ପରିଷ୍କାର ହୋଇଯାଇଛି। ବୁଧବାର ତାଙ୍କ ନାମ ସଭାପତି ପଦ ଲାଗି ବିଟିଏର ଉତ୍ସବରେ ପ୍ରସ୍ତାବ ଦିଆଯାଇଥିଲା। ନଭେମ୍ବରରେ ବିଟିଏର ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ ହେବ ଓ ଏହା ପରେ ସେ ଆନୁଷ୍ଠାନିକ ଭାବେ ସଭାପତି ନିର୍ବାଚିତ ହେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୧୮ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ଲିଆଣ୍ଡର ଦୀର୍ଘଦିନ ହେବ ବିଟିଏ ଉପସଭାପତି ଭାବେ ରହିଆସିଛନ୍ତି। ଆଜି ବିଟିଏ ସଭାପତି ଥିବା ହିରଣ୍ମୟ ଚାଟାର୍ଜୀଙ୍କୁ ବିଦାୟକାଳୀନ ଅବସର ଦେବା ଲାଗି ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀ ଚାଟାର୍ଜୀ ସଭାପତି ପଦ ଲାଗି ଲିଆଣ୍ଡରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାକୁ ଉପସ୍ଥିତ ଥିବା ବିଟିଏର ସମସ୍ତ ସଦସ୍ୟମାନେ ସମର୍ଥନ ଦେଇଥିଲେ। ୨୦୨୪ରେ ଇଣ୍ଟରନ୍ୟାସନାଲ ହଲ ଅଫ୍ ଫେମ୍‌ରେ ସାମିଲ ହେବା ପରେ ବେଙ୍ଗଲ ଟେନିସର ଉନ୍ନତି ଲାଗି ଅନେକ କାମ କରିଛନ୍ତି। ତାଙ୍କ ସମ୍ବର୍ଦ୍ଧିତ କରିବା ଅବସରରେ ସେ ଆହୁରି ଅଧିକ କାମ କରିବେ ଓ ଆବଶ୍ୟକ ହେଲେ ବନ୍ଧୁ ସୌରଭ ଗାଙ୍ଗୁଲିଙ୍କଠାରୁ ସାହାଯ୍ୟ ନେବେ ବୋଲି ଲିଆଣ୍ଡର କହିଥିଲେ।

### ଧ୍ରୁବ ଜୁରେଲ, ଦେବଦତ୍ତ ପଡିକାଲଙ୍କ ଦମ୍‌ଦାର ବ୍ୟାଟିଂ

# ଡ୍ର ଅଭିମୁଖେ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ



ଲକ୍ଷ୍ନୌ,୧୮।୯ (ଏଜେନ୍ସି): ୱିକେଟରକ୍ଷକ ଧ୍ରୁବ ଜୁରେଲ ଓ ଟପ୍ ଅର୍ଡର ବ୍ୟାଟର ଦେବଦତ୍ତ ପଡ଼ିକାଲଙ୍କ ଦମ୍‌ଦାର ବ୍ୟାଟିଂ ଫଳରେ ଏଠାରେ ଅଷ୍ଟ୍ରେଲିଆ-ଏ’ ସହ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ କଡ଼ା ଜବାବ ଦେଇଛି। ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ’ ୬ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଜୁରେଲଙ୍କ ଅପରାଜିତ ୧୧୩, ପଡ଼ିକାଲଙ୍କ ଅପରାଜିତ ୮୬ ରନ୍ ବଳରେ ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ-ଏ’ ପ୍ରଥମ ଇନିଂସରେ ୪ ୱିକେଟରେ ହରାଇ ୪୦୩ ରନ୍ କରିଛି। ଅବିଭକ୍ତ ୫ମ ୱିକେଟ ଯୋଡିରେ ପଡ଼ିକାଲ ଓ ଜୁରେଲ ୨୪୭ ବଲ୍‌ର ସାମନା କରି ୧୮୧ ରନ୍ ଉଠାଇଛନ୍ତି। ଜୁରେଲ ୧୩୨ ବଲ୍ ଖେଳି ୧୦ ଚୌକା ଓ ୪ ଛକା ସହାୟତାରେ ୧୧୩ ଓ ପଡ଼ିକାଲ ୧୭୮ ବଲ୍ ଖେଳି ୧୦ ଚୌକା ସହ ୮୬ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ଅଧିନାୟକ ଶ୍ରେୟସ ଆୟରଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବ୍ୟାଟର କ୍ଲିକ୍ କରିଛନ୍ତି। ଆୟର ମାତ୍ର ୮ ରନ୍ କରିଆଉଟ ହୋଇଛନ୍ତି। ଦୁଇ ଓପନର ଅଭିମନ୍ୟୁ ଈଶ୍ୱରନ ୪୪ ଓ ଏନ୍ ଜଗଦୀଶନ ୬୪ ରନ୍ କରିଥିଲେ। ନଂ-୨ ସାଇ ସୁଦର୍ଶନଙ୍କ ବ୍ୟାଟରୁ ୭୩ ରନ୍ ମିଳିଥିଲା। ଏହି ୩ଜଣ ଖେଳାଳି ଭଲ ସ୍କୋର ପାଇଥିଲେ ମଧ୍ୟ ତାଙ୍କୁ ବଡ଼ ସ୍କୋରରେ ପରିଣତ କରିବାରେ ସମର୍ଥ ହୋଇ ନ ଥିଲେ। ଅଷ୍ଟ୍ରେଲିଆ-ଏ’ ପକ୍ଷରୁ ଜାମିୟର ବାର୍ଟଲେଟ, କୋରୀ ରୋଚିସିଓଲି, ଲିଆମ ସ୍କଟ୍ ଓ କୁପର କନୋଲି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଦଳ ପକ୍ଷରୁ ବ୍ୟାଟିଂରେ ୱିକେଟ ରକ୍ଷକ ଜୋଶ ଫିଲିପ୍ ଅପରାଜିତ ୧୨୩ ଓ ସାମ କୋନଷ୍ଟାସ୍ ୧୦୯ ରନ୍‌ର ଶତକୀୟ ପାଳି ଖେଳିଥିଲେ।

## ହଂକଂ ସିକ୍ସେସରେ ଖେଳିବେ ଅଶ୍ୱିନ

ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି): ପୂର୍ବତନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସିକ୍ସ-ଏ-ସାଇଡ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ‘ହଂକଂ ସିକ୍ସେ’ର ଆଗାମୀ ସିଜନରେ ଭାରତୀୟ ଦଳ ପକ୍ଷରୁ ଖେଳିବେ। ୩୮ ବର୍ଷୀୟ ଅଶ୍ୱିନ ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଅଶ୍ୱିନଙ୍କ ବ୍ୟତୀତ ୨୦୨୪ ସଂସ୍କରଣ ଖେଳିଥିବା ରବିନ ଉଥପ୍ପା, ମନୋଜ ତିୱାରୀ, ଶାହବାଜ ନଦୀମ ଓ ଷ୍ଟୁଆର୍ଟ ବିନ୍ନି ମଧ୍ୟ ଭାରତୀୟ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ହଂକଂ ସିକ୍ସେ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଛ’ ଓଭରବିଶିଷ୍ଟ ଏହି ମ୍ୟାଚରେ ଏଥିରେ ପ୍ରତ୍ୟେକ ଦଳରେ ୬ଜଣ ଖେଳାଳି ରହିବେ। ଆଇସିସି ମାନ୍ୟତା ପାଇଥିବା ଏହି ଟୁର୍ଣ୍ଣାମେଣ୍ଟ ୧୯୯୨ ମସିହାରୁ ଖେଳାଯାଇଆସୁଛି।

### ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ୍

# ନୀରଜ ୮ମ, ନଦୀମ ୧୦ମ

ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି): ଭାରତର ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଓ ପାକିସ୍ତାନର ନଦୀମ ଶ୍ରବଣ ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଯଥାକ୍ରମେ ୮ମ ଓ ୧୦ମ ସ୍ଥାନ ଅଧିକାର କରି ପଦକ ହାସଲ କରିବାରେ ବିଫଳ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ନଦୀମ ସ୍ୱର୍ଣ୍ଣ ଓ ନୀରଜ ରୌପ୍ୟ ପଦକ ହାସଲ କରିଥିଲେ। ତ୍ରିନିଦାଦ୍ ଟବାଗୋର ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ କେଶରନ ୱାଲକଟ ୮୮.୧୬ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗ୍ରେନେଡାର ଦୁଇ ଆଥଲେଟ୍ ଆଣ୍ଡରସନ ପିଟରସନ ୮୭.୩୮ ମିଟରକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ଓ ୮୬.୬୭ ମିଟର ଦୂରତାକୁ ଜାଭେଲିନ୍ ପକାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ନୀରଜ ୮୪.୦୩ ମିଟରକୁ ଜାଭେଲିନ୍ ଫିଙ୍ଗିବା ଫଳରେ ୨୬ଟି ପ୍ରତିଯୋଗିତା ପରେ ପ୍ରଥମଥର କୌଣସି ପଦକ ଜିତିବାରେ ଅସମର୍ଥ ହୋଇଛନ୍ତି। କିନ୍ତୁ ଭାରତର ଆଉଜଣେ ଭାରତୀୟ ପ୍ରତିଯୋଗୀ ସଚିନ ଯାଦବ ଏମାନଙ୍କୁ ପଛରେ ପକାଇଦେଇଛନ୍ତି। ୬ ଫୁଟ ଉଚ୍ଚତାବିଶିଷ୍ଟ ସଚିନ ୮୬.୨୭ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ରହିଛନ୍ତି। ନଦୀମ ୮୨.୭୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗିଥିଲେ।



ନୀରଜ ଚୋପ୍ରା




ସଚିନ ଯାଦବ

# ସର୍ବେଶ୍ୱରଙ୍କୁ ୫ ୱିକେଟ; ମାଇନର୍ସ ବିଜୟୀ

କଟକ,୧୮।୯ (ସମିସ):

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗରେ କେନ୍ଦୁଝର ମାଇନର୍ସଙ୍କୁ ସହଜ ବିଜୟ ମିଳିଛି। ଗୁରୁବାର ଲିଗ୍‌ର ଦ୍ୱିତୀୟ ଦିବସର ପ୍ରଥମ ମୁକାବିଲାରେ ମାଇନର୍ସ ୪୫ ରନରେ ପୁରୀ ଟାଇଟନ୍ସକୁ ହରାଇ ୨ ପଏଣ୍ଟ ଅର୍ଜନ କରିଛି। ୧୨ ରନରେ ୫ ୱିକେଟ ଦଖଲ କରିଥିବା ବିଜୟୀ ଦଳର ସର୍ବେଶ୍ୱର ମହାନ୍ତି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଇପିଏସ୍ ଡ. ସୁଧାଂଶୁ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ସର୍ବେଶ୍ୱରଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ।

ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ଏହି ମ୍ୟାଚରେ ମାଇନର୍ସ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୪୫ ରନରେ ଦଳ ୪ ୱିକେଟ ହରାଇଥିଲା। ସୁଜଳ ସିଂହଙ୍କ ୪୮ ଏବଂ ଅନୀଲ ପରିଡାଙ୍କ ୩୭ ରନ ବଳରେ ମାଇନର୍ସ ୮ ୱିକେଟ ବିନିମୟରେ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ପୁରୀ ଟାଇଟନ୍ସ ୧୧୪ ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୨୫ ରନ କରିଥିଲେ। ଡାହାଣହାତୀ ମିଡିୟମ ପେସର ସର୍ବେଶ୍ୱର ୨.୧ ଓଭର ବୋଲିଂ କରି ପାଞ୍ଚ ୱିକେଟ ସଫଳତା ପାଇଥିଲେ। ସୟଦ ଟି ଅହମ୍ମଦଙ୍କୁ ୨ଟି ୱିକେଟ ମିଳିଥିଲା। ସମ୍ବଲପୁର ୱାରିୟର୍ସ ଏବଂ ରାଉରକେଲା ଷ୍ଟିଲର୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି। ଏଥିପୂର୍ବରୁ ଗତକାଲି ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ କଟକ ପାନ୍ଥର୍ସ ଶେଷ ବଲ୍‌ରେ ରୋମାଞ୍ଚକ ଭାବେ ୩ ୱିକେଟ୍‌ରେ ଭୁବନେଶ୍ୱର ଟାଇଗର୍ସକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଶୁକ୍ରବାର ମଧ୍ୟ ଦୁଇଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଅପରାହ୍ଣ ୨ଟାରେ କଟକ ପାନ୍ଥର୍ସ ଓ ପୁରୀ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ସେହିଭଳି ଭୁବନେଶ୍ୱର ଟାଇଗର୍ସ ଓ କେନ୍ଦୁଝର ମାଇନର୍ସ ମଧ୍ୟରେ ରାତି ୭ଟାରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ।



ଓଡ଼ିଶା ପ୍ରୋ ଟି-୨୦ ଲିଗ୍
**ଆଜିର ମ୍ୟାଚ୍**
କଟକ ପାନ୍ଥର୍ସ-ପୁରୀ ଟାଇଟନ୍ସ
ଆରମ୍ଭ: ଅପରାହ୍ଣ ୨ଟା
ଭୁବନେଶ୍ୱର ଟାଇଗର୍ସ- କେନ୍ଦୁଝର ମାଇନର୍ସ
ଆରମ୍ଭ: ରାତି ୭ଟା
ସ୍ଥାନ: ବାରବାଟୀ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS